www.youtube.com/@rajdhanireporter
https://www.facebook.com/RajdhanireporterOfficial

RAJDHANI Reporter

"ଆପଣଙ୍କ ଭରଷା,
ଆମର ଆଶା"

Odia Weekly

# ରାଜଧାନୀ ରିପୋର୍ଟର
RAJDHANI Reporter

RNI/PRGI Regd. No.- ORORI/25/A3650

Rajdhani Reporter
UPI ID: reporterrajdhani-1@okaxis
Scan to pay with any UPI app

Vol. 01 | Issue -24 | ଭାଗ-୦୧ | ସଂଖ୍ୟା-୨୪ | Bhbaneswar 25-31 May, 2026 | Rs. 5.00 | Pages - 08 | ଭୁବନେଶ୍ୱର | ୨୫-୩୧ ମଇ, ୨୦୨୬ | ମୂଲ୍ୟ ୫.୦୦ ଟଙ୍କା | ପୃଷ୍ଠା-୦୮

## ବିଗୁଡ଼ିଛି ଆଇନଶୃଙ୍ଖଳା ସ୍ଥିତି, ଚିନ୍ତାରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ରା.ରି): ରାଜ୍ୟରେ ବିଗୁଡୁଥିବା ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆଜି ଛୁଟିଦିନ ଥିଲେ ବି ସେ ଅଫିସ ଆସି ଆଇନଶୃଙ୍ଖଳା ବାବଦରେ ସମୀକ୍ଷା କରିଛନ୍ତି । କେବଳ ଆଇନଶୃଙ୍ଖଳା ନୁହେଁ ,ଶିଳ୍ପାୟନ ବାବଦରେ ବି ସମୀକ୍ଷା ହୋଇଛି । ଏହି ସମୀକ୍ଷା ବୈଠକରେ ଆଇନ ଶୃଙ୍ଖଳା ସ୍ଥିତିରେ ଉନ୍ନତି ଆଣିବା ସହ ପୁଲିସ ପ୍ରଶାସନ ଦକ୍ଷତାର ସହ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବିକାଶ ପାଇଁ ଆଇନଶୃଙ୍ଖଳା ସ୍ଥିତି ଶାନ୍ତିପୂର୍ଣ୍ଣ ରହିବା ଜରୁରୀ । ଏହି ବୈଠକରେ ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ଉପସ୍ଥିତ ଥିଲେ । ଏହାସହ ପୁଲିସ ଡିଜି, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ମଧ୍ୟ ସାମିଲ ହୋଇଥିଲେ । ଉଲ୍ଲେଖଯୋଗ୍ୟ ଯେ ବାଲିଅନ୍ତା ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଫୋର୍ସ ଗଢିଛି । ଏହି ଫୋର୍ସର କମାଣ୍ଡୋମାନେ ଏଣିକି ଭିଡ ହିଂସା ଓ ଦଙ୍ଗାକୁ ନିୟନ୍ତ୍ରଣ କରିବେ । ସ୍ପେଶାଲ ଟାକ୍ଟିକାଲ ୟୁନିଟ୍(ଏସଟିୟୁ) ଓ ସ୍ପେଶାଲ ଟାକ୍ଟିକାଲ ଗ୍ରୁପ୍(ଏସଟିଜି)କୁ ନେଇ ଏହି ସ୍ୱତନ୍ତ୍ର ଫୋର୍ସ ଗଢାଯାଇଛି । ଏସଟିୟୁ ଓ ଏସଟିଜିରେ ପ୍ରାୟ ୩୦ଜଣ ଲେଖାଏଁ କମାଣ୍ଡୋ ଅଛନ୍ତି । ସେମାନଙ୍କୁ ଅର୍ବାନ କମାଣ୍ଡୋ କୁହାଯାଉଛି । ଏମାନେ ଚନ୍ଦକାସ୍ଥିତ (ଏସ୍‌ଓଜି) କ୍ୟାମ୍ପରୁ ଟ୍ରେନିଂ ନେଇଛନ୍ତି । ସହରାଞ୍ଚଳରେ ଯେକୌଣସି ପ୍ରକାର ଆତଙ୍କୀ ହମଲାକୁ ପ୍ରତିହତ କରିବାରେ ଏମାନେ ସିଦ୍ଧହସ୍ତ । ଏହି ୨ଟି ଟିମର ଅର୍ବାନ କମାଣ୍ଡୋମାନେ ବିଧାନସଭା ଅଧିବେଶନ ବେଳେ ସୁରକ୍ଷା ପାଇଁ ଖୋଜାପଡନ୍ତି । ସହରକୁ କୌଣସି ଭିଭିଆଇପିଙ୍କ ଗସ୍ତ ରହିଲେ, ସେମାନଙ୍କ ସୁରକ୍ଷା ପାଇଁ ଏମାନେ ନିୟୋଜିତ ହୁଅନ୍ତି । ସହରରେ ବଡ ରାଜନୈତିକ ସମାବେଶ ବେଳେ ଆତଙ୍କୀ ହମଲା ରୋକିବା ପାଇଁ କମାଣ୍ଡୋମାନେ ସଜାଗ ଥାଆନ୍ତି ।(ପୃଷ୍ଠା-୭ ଦେଖନ୍ତୁ)

### ୧୦ ଜିଲ୍ଲାରେ ନୂଆ ଏସପି

ଭୁବନେଶ୍ୱର, (ରା.ରି): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ଶନିବାର ବିଳମ୍ବିତ ରାତ୍ରିରେ ପୁଲିସ ଏସପିସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି । ୧୦ ଜିଲ୍ଲାରେ ନୂଆ ପୁଲିସ ଏସପିଙ୍କୁ ନିଯୁକ୍ତି ଦେଇଛନ୍ତି । ମୋଟ ୧୪ଜଣ ଆଇପିଏସ୍ ଓ ୪ଜଣ ବରିଷ୍ଠ ଓପିଏସ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରିଛନ୍ତି । ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, ରାୟଗଡ଼ା, ଗଜପତି, ବୌଦ୍ଧ, ନବରଙ୍ଗପୁର, କନ୍ଧମାଳ, ବରଗଡ଼ ଓ ଦେବଗଡ଼ ଜିଲ୍ଲାରେ ନୂଆ ପୁଲିସ ଏସପିଙ୍କୁ ଅବସ୍ଥାପିତ କରାଯାଇଛି । ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି (ପୃଷ୍ଠା-୭ ଦେଖନ୍ତୁ)

## ଆକାଶରୁ ବର୍ଷୁଛି ନିଆଁ

ଭୁବନେଶ୍ୱର, (ରା.ରି): ଆହୁରି ୪ ଦିନ ଆକାଶରୁ ବର୍ଷିବ ଅନଳ । ଏହି ନିଆଁ ମାଡ଼ରେ କଳବଳ ହେଲେ ସାରା ଓଡ଼ିଶାବାସୀ । ୨୭ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ ଗ୍ରୀଷ୍ମ ଲହରୀ ସ୍ଥିତି ଲାଗି ରହିବ । ୨୮ ରୁ ତାତି ସାମାନ୍ୟ କମିପାରେ । ଓଡ଼ିଶା ପାଲଟିଛି ନିଆଁ ପିଣ୍ଡୁଳା ।ଶନିବାର ଝାରସୁଗୁଡ଼ା ସମେତ ପଶ୍ଚିମ ଓଡ଼ିଶାର ୫ଟି ସହରରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଉପରେ ଥିଲା । ଝାରସୁଗୁଡ଼ା ୪୫.୨ ଡିଗ୍ରୀ ସେଲସିୟସ୍ ଡିଗ୍ରୀ ତାତିରେ ଆଜି ବି ଜଳିଥିଲା । ସମ୍ବଲପୁର, ହୀରାକୁଦ, ଟିଟିଲାଗଡ଼ ଓ ବୌଦ୍ଧରେ ମଧ୍ୟ ପାରଦ ୪୫ ଡିଗ୍ରୀ ଛୁଇଁଥିଲା । ସୋନପୁର ତାପମାତ୍ରା ୪୪.୭, ବଲାଙ୍ଗୀର ୪୪.୫, ଭବାନୀପାଟଣା ୪୪.୫, ନୂଆପଡ଼ା ୪୩.୫, ବରଗଡ଼ ୪୨.୮, ସୁନ୍ଦରଗଡ଼ ୪୨.୨ ଡିଗ୍ରୀ ଥିଲା । ଉପକୂଳରେ ପାରଦ ୪୦ ଡିଗ୍ରୀ ତଳେ ଥିଲେ ମଧ୍ୟ ଗୁଳୁଗୁଳି ଯୋଗୁ ସାଂଘାତିକ ଥିଲା ଗରମର ଯନ୍ତ୍ରଣା । ଭୁବନେଶ୍ୱର ତାପମାତ୍ରା ୩୯.୩ ଡିଗ୍ରୀ ରେକର୍ଡ ହୋଇଛି । ରାଜ୍ୟର ୧୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିଲା ।ପଶ୍ଚିମରେ ଅତ୍ୟଧିକ ଗ୍ରୀଷ୍ମ ପ୍ରକୋପ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଛି । ଝାଞ୍ଜିରେ ଜଳୁଛି ସମଗ୍ର ପଶ୍ଚିମ ଓଡ଼ିଶା । ଉପକୂଳରେ ଅସମ୍ଭାଳ ହୋଇଯାଇଛି ଗୁଳୁଗୁଳି ଯନ୍ତ୍ରଣା । ଦିନ ସାଢ଼େ ୧୧ଟାବେଳେ ଭୁବନେଶ୍ୱରରେ ୫୨ ଡିଗ୍ରୀ ଭଳି ଗରମ ଅନୁଭୂତ ହୋଇଥିଲା । ସକାଳ ସାଢ଼େ ୫ଟାବେଳକୁ ତାପମାତ୍ରା ୩୦.୬ ଡିଗ୍ରୀ ଥିବାବେଳେ ଆର୍ଦ୍ରତା ପରିମାଣ ୮୮% ଥିଲା । ଯେଉଁଥିପାଇଁ ସକାଳୁ ୪୨ ଡିଗ୍ରୀ ଭଳି ତାତି ଯନ୍ତ୍ରଣାରେ ଛଟପଟ ହୋଇଥିଲେ ଭୁବନେଶ୍ୱରବାସୀ । ଆଜି ଦିନ ଭିତରେ କେବଳ କେନ୍ଦୁଝରରେ ୧୬ ମିଲିମିଟର ବର୍ଷା ହୋଇଛି । ବାକି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଥିରାକାଶ ଅପରାହ୍ନରେ ସାମାନ୍ୟ ମେଘୁଆ ଥିଲା । ମାତ୍ର ବାଦଲ ଉଡ଼ିଗଲା, ବର୍ଷା ହେଲାନି ।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଜଳବାୟୁ ଓ ପରିବେଶ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁଙ୍କ କହିବାନୁସାରେ ୨୯ ରୁ କାଳବୈଶାଖୀ ବର୍ଷା ବଢ଼ିବ । ସେପର୍ଯ୍ୟନ୍ତ ଗରମ ଲାଗି ରହିବ । ଅନୁମାନ କରାଯାଉଛି,



୩୧ ତାରିଖବେଳକୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଏହା ଅଧିକ ଘନୀଭୂତ ମଧ୍ୟ ହୋଇପାରେ । ଯଦି ଏହା ବାତ୍ୟା ରୂପ ନେବ, ତେବେ ମୌସୁମୀ ପ୍ରବାହ ଦୁର୍ବଳ ହୋଇଯିବ । ଏମିତି ହେଲେ ଓଡ଼ିଶାକୁ ମୌସୁମୀ ଆଗମନ ପ୍ରାୟ ୩ ସପ୍ତାହ (୨୦ରୁ ୨୫ ଦିନ) ବିଳମ୍ବ ହୋଇପାରେ । ଏ ନେଇ ଜୁନ୍ ପହିଲାବେଳକୁ ସ୍ପଷ୍ଟ ସୂଚନା ମିଳିପାରିବ । ପାଣିପାଗ ବିଭାଗର ଆକଳନ ହେଲା, ରବିବାର ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀରରେ ଭୀଷଣ ଗ୍ରୀଷ୍ମ ପ୍ରବାହ ସ୍ଥିତି ଉପୁଜିପାରେ । ବଲାଙ୍ଗୀରରେ ଉଷ୍ମ ରାତି ଅନୁଭୂତ ହୋଇପାରେ । ବୌଦ୍ଧରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, (ପୃଷ୍ଠା-୭ ଦେଖନ୍ତୁ)

## ବିକାଶ ବଜାୟ ରଖିବାକୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ



ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ସ୍ଥିତି ଏବଂ ଏହା ଯୋଗୁ ସୃଷ୍ଟି ହୋଇଥିବା ବିଶ୍ୱ ଅର୍ଥନୈତିକ ଅସ୍ଥିରତା ମଧ୍ୟରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ମନ୍ତ୍ରଣାଳୟର କାର୍ଯ୍ୟ ସମୀକ୍ଷା କରିଛନ୍ତି । ନୂଆଦିଲ୍ଲୀର 'ଭାରତ ମଣ୍ଡପମ୍'ଠାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ମନ୍ତ୍ରୀ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ମାରାଥନ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ସାଢ଼େ ଚାରି ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ପ୍ରଧାନମନ୍ତ୍ରୀ ସମସ୍ତ ମନ୍ତ୍ରଣାଳୟର କାର୍ଯ୍ୟ ସମୀକ୍ଷା କରିବା ସହ ସରକାରଙ୍କ ବାକି ରହିଥିବା କାର୍ଯ୍ୟ ଓ ପ୍ରକଳ୍ପଗୁଡ଼ିକୁ ଦ୍ରୁତଗତିରେ ଶେଷ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକ ସନ୍ଧ୍ୟା ୫ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ସାଢ଼େ ୪ଘଣ୍ଟା ଧରି ଚାଲିଥିଲା । ବିଶ୍ୱ ସ୍ତରରେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ଏବଂ ବାହ୍ୟ ପରିସ୍ଥିତିର ପ୍ରଭାବ ଯେପରି ଭାରତୀୟ ଅର୍ଥନୀତି ଉପରେ ନପଡ଼େ, ସେଥିପାଇଁ ସରକାରୀ କାର୍ଯ୍ୟଦକ୍ଷତାକୁ ଅଧିକ ସୁଦୃଢ଼ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଆଗାମୀ ଦିନରେ ଦେଶର ବିକାଶ ଗତିକୁ ବଜାୟ ରଖିବା ପାଇଁ ପ୍ରଶାସନିକ ସ୍ତରରେ କୌଣସି ପ୍ରକାର ଶିଥିଳତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ (ପୃଷ୍ଠା-୭ ଦେଖନ୍ତୁ)

## ଖର୍ଚ୍ଚକାଟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୮ ସୂତ୍ରୀ ନିର୍ଦ୍ଦେଶାବଳୀ

ଭୁବନେଶ୍ୱର(ରା.ରି):ସାମ୍ପ୍ରତିକ ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁ ଖର୍ଚ୍ଚକାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ କାର୍‌କେଡ୍‌ର ଗାଡ଼ି ସଂଖ୍ୟା ଅଧା କରିଥିବା ବେଳେ ପେଟ୍ରୋଲ୍ ଓ ଡିଜେଲ୍ ଖର୍ଚ୍ଚ କମ୍ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟମନ୍ତ୍ରୀ ସରକାରୀ ବିଭାଗଗୁଡ଼ିକରେ ପେଟ୍ରୋଲ୍ ଓ ଡିଜେ଼ଲ ବ୍ୟବହାର ହ୍ରାସ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ପାଇଁ ସେ ଏକ ୮ ସୂତ୍ରୀ ନିର୍ଦ୍ଦେଶାବଳୀ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ, କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ ଭର୍ଚୁଆଲ ମୋଡ୍‌ରେ କରାଯିବ । ଯେଉଁ ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଆବଶ୍ୟକ ଥିବ, ସେମାନେ ପ୍ରତ୍ୟକ୍ଷ ଭାବେ ବୈଠକରେ ଯୋଗ ଦେଇପାରିବେ । ସେହିଭଳି ୧ ଜୁନ୍ ୨୦୨୬ ଠାରୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଯେତେ ନୂଆ ଦୁଇଚକିଆ ଓ ଚାରିଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ ହୋଇଥିବା ବାଧ୍ୟତାମୂଳକ । ବିଶେଷ ଆବଶ୍ୟକତା ଭିତ୍ତିରେ ପେଟ୍ରୋଲ୍ କିମ୍ବା ଡିଜେଲ୍ ଯାନ କିଣିବାକୁ ଅନୁମତି ଦିଆଯିବ । ସେହିଭଳି ଜୁନ୍ ପହିଲାରୁ ସରକାରୀ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ନିଆଯାଉଥିବା ସରକାରୀ ଚାରିଚକିଆ ଯାନ ଇଭି ହେବା ବାଧ୍ୟତାମୂଳକ କରାଯିବ । ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ସରକାରୀ ଯାନ ପାଇଥିବା ବରିଷ୍ଠ ଅଧିକାରୀମାନେ ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ । (ପୃଷ୍ଠା-୭ ଦେଖନ୍ତୁ)

## ୧୦ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ



ଭୁବନେଶ୍ୱର(ରା.ରି): ସମୟକ୍ରମେ ଅପ୍ରଚଳିତ ୩୫୮ଟି ଅଧିନିୟମ (ଆଇନ)କୁ ବିଲୋପ କରି ଦିଆଯାଇଛି । ଏ ସଂକ୍ରାନ୍ତରେ ଆଇନ ବିଭାଗର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ୧୯୭୪ରୁ ୨୦୨୫ ମଧ୍ୟରେ ବିଧାନସଭା ଦ୍ୱାରା ପ୍ରଣୀତ ୩୫୮ଟି ଅଧିନିୟମକୁ ବିଲୋପ ନିମନ୍ତେ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ସୁପାରିସ କରିଥିଲା । ଏହାକୁ କାର୍ଯ୍ୟକାରୀ ପାଇଁ ଆଇନ ବିଭାଗ ପକ୍ଷରୁ ଓଡ଼ିଶା ବିଲୋପ ବିଲ୍-୨୦୨୬ ଅଣାଯାଇଛି । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଏହି ୩୫୮ ଅଧିନିୟମକୁ ଆଉ ଆଇନ ପୁସ୍ତକରେ ରଖିବାର ଆବଶ୍ୟକତା ନାହିଁ । ସେହିପରି ଓଡ଼ିଶା ଜିଲ୍ଲା ଓ ସିଭିଲ୍ କୋର୍ଟର ଅଣ-ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୦୮ର ସଂଶୋଧନ ମାଧ୍ୟମରେ ଗ୍ରୁପ୍-ଡି କର୍ମଚାରୀମାନଙ୍କୁ ଜୁନିୟର କ୍ଲର୍କ ପଦବିକୁ ପଦୋନ୍ନତି ପାଇବାର ସୁଯୋଗ ଦିଆଯାଇଛି । ଏହାସହ ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲା ନ୍ୟାୟାଳୟରେ କୋର୍ଟ ମ୍ୟାନେଜର ସେବାକୁ ନିୟମିତ ପାଇଁ ନୂତନ ନିୟମାବଳୀ ପ୍ରଣୟନ ନିଷ୍ପତ୍ତି ହୋଇଛି । କ୍ୟାବିନେଟ୍ 'ଓଡ଼ିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯' ରଦ୍ଦ ପାଇଁ 'ଓଡ଼ିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ରିପିଲ୍, ୨୦୨୬' ନାମକ ଏକ ନୂତନ ଅଧିସୂଚନାକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଏହା ଦ୍ୱାରା ରିଟେଲ୍ ଆଉଟଲେଟ୍ ସ୍ଥାପନ ନିମନ୍ତେ ଜିଲ୍ଲାପାଳଙ୍କଠାରୁ ଏନ୍‌ଓସି ଆଣିବାକୁ ପଡ଼ିବନି ।ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଆଇନ, ୧୯୮୨କୁ ଉଚ୍ଛେଦ କରି ନୂତନ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଅଧିନିୟମ,୨୦୨୬ ପ୍ରଣୟନ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି । ଏହି ନୂତନ ଆଇନରେ ଉପକୂଳବର୍ତ୍ତୀ ସମ୍ପ୍ରଦାୟର ସୁରକ୍ଷା, ତଟୀୟ ଓ ଜାତୀୟ ନିରାପତ୍ତାକୁ ଉଚ୍ଚ ପ୍ରାଥମିକତା ଦିଆଯାଇଛି । ଆଇନରେ ଟ୍ରାନ୍ସପଣ୍ଡର, ଭିଏଚ୍‌ଏଫ୍ ରେଡିଓ, ଭେସେଲ୍ ଟ୍ରାକିଂ ଆଣ୍ଡ ମନିଟରିଂ ସିଷ୍ଟମ (ଭିଟିଏମ୍‌ଏସ୍) ସମେତ ଆଧୁନିକ ନିରାପତ୍ତା ଉପକରଣ ଏବଂ ଯୋଗାଯୋଗ ଜ୍ଞାନକୌଶଳର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି । ମତ୍ସ୍ୟଜୀବୀଙ୍କ ପାଇଁ ବାଧ୍ୟତାମୂଳକ ବାୟୋମେଟ୍ରିକ୍, କ୍ୟୁଆର୍ କୋଡ୍‌ଯୁକ୍ତ ଆଧାର ପରିଚୟପତ୍ର ଓ ଉନ୍ନତ ବୀମା କଭରେଜ୍ ବ୍ୟବସ୍ଥା କରାଯାଇଛି । ଏହି ଆଇନ ଲାଗୁ ହେଲେ ବେଆଇନ, ଅଣରିପୋର୍ଟ ଏବଂ ଅନିୟନ୍ତ୍ରିତ ମାଛଧରା କାର୍ଯ୍ୟକଳାପକୁ ରୋକାଯାଇପାରିବ । ଏହି ନୂତନ ଆଇନ ବଳରେ ୨୦୩୬ ସୁଦ୍ଧା ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରକୁ ସମ୍ପ୍ରସାରିତ କରି ୨୫ ହଜାର କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି । 'ଓଡ଼ିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ନିୟମାବଳୀ, ୨୦୨୬'କୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏହା ଦ୍ୱାରା ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଗଠନ ପ୍ରକ୍ରିୟା ପାଦେ ଆଗେଇଛି । ରାଜ୍ୟର ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ସୁପରିଚାଳନା, ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ସ୍ଥାପନ, ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା କ୍ୟାଡର୍‌ର ପୁନର୍ଗଠନ ଏବଂ କ୍ୟାଡର୍ ନିୟମାବଳୀ ପ୍ରଣୟନ ନିମନ୍ତେ ୨୦୨୩ ଅକ୍ଟୋବର ମାସରେ କ୍ୟାବିନେଟ୍ (ପୃଷ୍ଠା-୭ ଦେଖନ୍ତୁ)

## ନକଲି ସାର, ବିହନ ଯୋଗାଣକୁ ବରଦାସ୍ତ କରାଯିବନି: କୃଷିମନ୍ତ୍ରୀ

ଭୁବନେଶ୍ୱର(ରା.ରି): ଚାଷୀମାନେ କେବଳ 'ଅନ୍ନଦାତା' ନୁହନ୍ତି, ସେମାନେ 'ଜୀବନଦାତା' । କୃଷକମାନଙ୍କର ସେବା କରିବା ଈଶ୍ୱରଙ୍କ ସେବା ସହିତ ସମାନ । ତେଣୁ କୃଷକର ଆୟ କିପରି ବଢ଼ିବ, ତା'ର ସବୁ ଉତ୍ପାଦର ଯେପରି ଉଚିତ ମୂଲ୍ୟ ପାଇବ, ଗୋଟିଏ ଜମିରେ ବିଭିନ୍ନ ପ୍ରକାରର ଫସଲ କରି ଦେଶର ଚାହିଦା ପୂରଣ କରିବ ସେ ନେଇ କେନ୍ଦ୍ର ସରକାର ବହୁ ଯୋଜନା କରୁଛନ୍ତି । ସବ୍‌ସିଡିରେ ସାର, ବିହନ ଯୋଗାଇ ଦେଉଛନ୍ତି । କିନ୍ତୁ କେତେକ ଅସାଧୁ ବ୍ୟବସାୟୀ ବଜାରରେ ନକଲି ସାର, ନକଲି କୀଟନାଶକ ଓ ନକଲି ବିହନ ଯୋଗାଣ କରୁଛନ୍ତି । ଫଳରେ ମାଟିର ସ୍ୱାସ୍ଥ୍ୟ ବିଗିଡ଼ିବା ସହ ଆମେମାନେ (ମଣିଷ) ବି ରୋଗଣା ହେଉଛନ୍ତି । ଅସାଧୁ ବ୍ୟବସାୟୀଙ୍କ ଏହି କାର୍ଯ୍ୟକୁ ଚାଷୀଙ୍କ ବିରୋଧରେ ଗମ୍ଭୀର ଅପରାଧ ବୋଲି ଧରାଯିବ । ଏଥିପାଇଁ ଜେଲ୍ ଦଣ୍ଡ ସହ ମୋଟା ଅଙ୍କର ଜରିମାନା ଲାଗୁ ହେବ । ଏଥିପାଇଁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ୧୯୬୮ ମସିହାର ଆଇନକୁ ସଂଶୋଧନ କରି 'ନୂଆ କୀଟନାଶକ ବିଲ୍' ଆଣିବେ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ମଙ୍ଗଳବାର ହୋଟେଲ ମେ' ଫେୟାରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀକୁ



ଉଦ୍‌ଘାଟନ କରି ଶ୍ରୀ ଚୌହାନ କହିଥିଲେ, ବିକଶିତ ଭାରତ ଯାତ୍ରାରେ କୃଷି ହେଉଛି ମେରୁଦଣ୍ଡ । କୃଷି କ୍ଷେତ୍ରରେ ତିନିଟି ପ୍ରମୁଖ ପ୍ରାଥମିକତା ହେଉଛି ୧୪୦ କୋଟି ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ପୁଷ୍ଟିକର ଖାଦ୍ୟ ଯୋଗାଇବା, କୃଷକଙ୍କ ପାଇଁ ଉତ୍ତମ ଜୀବିକା ଓ ଉଚ୍ଚ ଆୟ ସୁରକ୍ଷିତ କରିବା । ଏହାସହ ଶ୍ରୀ ଚୌହାନ କହିଛନ୍ତି ଯେ ଓଡ଼ିଶାର ଚାଷୀ କେବଳ ଧାନ କି ଭାରତର ଚାଷୀ କେବଳ ଧାନ କିମ୍ବା ଗହମ ଚାଷରେ ସୀମିତ ନ ରହନ୍ତୁ । ଡାଲି ଜାତୀୟ ଓ ତୈଳବୀଜ ଫସଲ କରନ୍ତୁ । କାରଣ ଆମ ଦେଶର ଚାହିଦା ଅନୁଯାୟୀ ଏହା ଉତ୍ପାଦନ ହେଉନି । ଚାଷୀ ଉତ୍ପାଦନ କରିବାକୁ ଥିବା ସମସ୍ତ ଡାଲି ଓ ତୈଳଜାତ ଫସଲକୁ ଏମ୍‌ଏସ୍‌ପି ଦେଇ କିଣିବାକୁ ନିୟମ କରାଯାଇଛି । ଗୋଟିଏ ଜମିରେ ଏକାଧିକ ଫସଲ କଲେ ଚାଷୀର ଆୟ ବଢ଼ିବ ଏବଂ ମାଟିର ସ୍ୱାସ୍ଥ୍ୟ ଭଲ ରହିବ । କୌଣସି ଚାଷୀ ବିନା ବୈଜ୍ଞାନିକ ପରାମର୍ଶରେ ଜମିରେ ମନଇଚ୍ଛା ସାର ବ୍ୟବହାର କରନ୍ତୁନି । ସମନ୍ୱିତ କୃଷିକୁ ଆପଣାନ୍ତୁ । ଉଦ୍ୟାନ କୃଷି, ମତ୍ସ୍ୟପାଳନ, ପ୍ରାଣୀସମ୍ପଦ, ମହୁମାଛି ପାଳନ ଏବଂ କୃଷି-ବନୀକରଣ ସହିତ ଫସଲ ଚାଷକୁ ମିଶ୍ରଣ କରିବା ଦ୍ୱାରା କ୍ଷୁଦ୍ର ଚାଷୀଙ୍କ ଆୟ ଯଥେଷ୍ଟ ବୃଦ୍ଧି ପାଇବ । ଏହାକୁ କୃଷି ମନ୍ତ୍ରୀ ଓ ଅଧିକାରୀମାନେ ନିଜ ନିଜ ରାଜ୍ୟରେ ପ୍ରୋତ୍ସାହନ ଦିଅନ୍ତୁ । ଜୁନ୍ ୧ରୁ ଦେଶବ୍ୟାପୀ 'ଖେତ୍ ବଚାଓ ଅଭିଯାନ' ଆରମ୍ଭ ହେବ । ଏଥିରେ ଜମିରେ ସାର ବ୍ୟବହାର, ଆଧୁନିକ ପ୍ରଯୁକ୍ତି ବିଦ୍ୟା ବ୍ୟବହାର, ଉନ୍ନତକିସମର ବିହନ, ସରକାରୀ ଯୋଜନା ବିଷୟରେ ଚାଷୀଙ୍କୁ ଅବଗତ କରାଯିବ । ସବୁ ରାଜ୍ୟ ଫାର୍ମର ଆଇଡି ବ୍ୟବସ୍ଥା ଆପଣାଇବାକୁ ଶ୍ରୀ ଚୌହାନ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଥିଲେ, ଅଧିକରୁ ଅଧିକ ରାସାୟନିକ ସାର ଏବଂ କୀଟନାଶକର ଉପଯୋଗ ଦ୍ୱାରା ଆମ ମାଟି ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି । ତେଣୁ ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିରେ ବର୍ତ୍ତମାନ ଓଡ଼ିଶାର ଜୈବିକ ଚାଉଳ ବ୍ୟବହାର କରାଯାଉଛି । ଏହା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଗୌରବର ବିଷୟ ଏବଂ ଆଗାମୀ ଦିନରେ କେମିତି ପୂର୍ବ ପ୍ରାନ୍ତରେ ଅଧିକରୁ ଅଧିକ ଜୈବିକ ଚାଷ ହୋଇପାରିବ, ସେଥିପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ । ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତରେ କୃଷି ଉତ୍ପାଦନ କମ୍ ଥିବାରୁ ଏହି କ୍ଷେତ୍ରରେ ଉନ୍ନତି ଆଣିବାକୁ ହେବ । ଏଥିପାଇଁ ସମ୍ମିଳନୀରେ ଭାଗ ନେଇଥିବା ୫ଟି ରାଜ୍ୟ ପରସ୍ପରର ଶ୍ରେଷ୍ଠ ପ୍ରଣାଳୀ ଆପଣାଇବା ନେଇ ବିଚାରବିମର୍ଶ ହେବା ଦରକାର ବୋଲି ଶ୍ରୀ ମାଝୀ କହିଥିଲେ ।

ରାଜଧାନୀ ରିପୋର୍ଟର
RAJDHANI Reporter

ଆବଶ୍ୟକ

ସାପ୍ତାହିକ ଖବରକାଗଜ ରାଜଧାନୀ ରିପୋର୍ଟର ରାଜ୍ୟର ସମସ୍ତ ବ୍ଲକରେ ପ୍ରତିନିଧି, ଏଜେଣ୍ଟ ଓ କାର୍ଯ୍ୟାଳୟ ପାଇଁ ଭିଜୁଆଲ ଏଡିଟର ଆବଶ୍ୟକ କରୁଛି । ଇଚ୍ଛୁକ ପ୍ରାର୍ଥୀ ରାଜଧାନୀ ରିପୋର୍ଟରର ମେଲ ଆଇଡି reporterrajdhani@gmail.comରେ ନିଜର ବାୟୋଡାଟା ପଠାନ୍ତୁ ।

ସଂପାଦକ



ସମ୍ପାଦକୀୟ

## ସମସ୍ୟା- ଅର୍ଥନୀତିର ନା ମୂଲ୍ୟବୋଧର

ଆମେ ଭାରତୀୟମାନେ ଏବେ ଦୈନନ୍ଦିନ ଆମର ଜୀବନଟିକୁ ଯେପରି ବଞ୍ଚୁଛୁ ତାହା ହିଁ ଏବର ଭାରତ ନିର୍ମାଣ କରୁଛି, ଯେଉଁ ଜୀବନ ଦର୍ଶନ ଓ ଜଗତ ଦୃଷ୍ଟିକୁ ଗଣ୍ଠିଧନ କରି ଆମ୍ଭେମାନେ ଆମକୁ ବ୍ୟବହାର କରୁଛୁ, ତାହା ହିଁ ଭାରତ ଆଗରେ ଅନେକ ସାଂଘାତିକ ସମସ୍ୟା ଠିଆ କରାଉଛି । ଅବିଶ୍ୱାସୀ ଭାବରେ ଆମର ପ୍ରିୟ ଦେଶ ଯେପରି ସେକ୍ସପିଅରଙ୍କ କୌଣସି ବିୟୋଗାନ୍ତକ ନାଟକର ନାୟକର ଭାଗ୍ୟ ବିପର୍ଯ୍ୟୟ ଭୋଗୁଛି । ଉକ୍ତ ନାଟକର ନାୟକ ଆପଣାର ଗର୍ହିତ କର୍ମ ବିପାକ ଯୋଗୁ ନିଜ ପାଇଁ ସାଂଘାତିକ ବିପର୍ଯ୍ୟୟ ସୃଷ୍ଟିପୂର୍ବକ ପରିଶେଷରେ ନିଶ୍ଚିହ୍ନ ହୋଇଯାଏ । ଅନୁରୂପ ଭାବରେ, ଅତୀତ ଭାରତର ଉତ୍ତୁଙ୍ଗତା ଏବର ଭାରତରେ ନିଷ୍ପ୍ରଭ ହୋଇଯାଇଛି । 'ୟଙ୍ଗ୍ ବେଙ୍ଗଲ'ର ମହାନ୍ ସ୍ରଷ୍ଟା ଯୁଗଜନ୍ମା ହେନ୍‌ରୀ ଡିରୋଜିଓ କଥିତ ମହିମାଦୀପ୍ତ ଭାରତ ଅନେକବର୍ଷ ତଳୁ ସ୍ୱାଧୀନ ହୋଇଥିଲେ ହେଁ ସ୍ୱାଧୀନତା ଲାଭ ପରେ ଭାରତୀୟମାନଙ୍କର ସ୍ୱଦେଶବତ୍ସଳତା ବିସ୍ମୟକର ଭାବେ ହ୍ରାସ ପାଇ ଚାଲିଛି, ଯାହାଫଳରେ ଏ ଶତାବ୍ଦୀର ଆରମ୍ଭରୁ ଏ ପର୍ଯ୍ୟନ୍ତ ଭାରତର ପ୍ରଗତିର 'ଭେକ' ତା'ର ଅସଲ 'ଭୋକ' ସହ ତାଳମେଳ ରଖିପାରି ନାହିଁ । ଛତ୍ରପତି ସ୍ୱାମୀ ବିବେକାନନ୍ଦଙ୍କ 'ଆମାର ଭାରତ ଅମର ଭାରତ' ଏବଂ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାରତ ପୃଥିବୀର ଆଧ୍ୟାତ୍ମିକ ନେତୃତ୍ୱ ନେବା ସ୍ୱପ୍ନ ଏବେ ଯେପରି ସୁଦୂର ପରାହତ! ଏକଦା ଆମେରିକାର ସ୍ୱରୂପ ଅବବୋଧ କରି ବିଖ୍ୟାତ ବଙ୍ଗୀୟ କବି ରାଜରାଣୀ ଦେବୀ ଗାଇ ଉଠିଥିଲେ, 'ଆମେରିକା ତୁମି ସ୍ୱପ୍ନ, ସ୍ୱପ୍ନ ଭଙ୍ଗେର ମିଶ୍ରନ, ଆମେରିକା ତୁମି ଦୋଲ ଦୁଲନ ।' କବିଙ୍କର ଆମେରିକା ପ୍ରତି ଏପରି ଦୃଷ୍ଟିପାତ ଏବର ଭାରତ ପ୍ରତି ମଧ୍ୟ ପ୍ରଯୁଜ୍ୟ । ସାମ୍ପ୍ରତିକ ଭାରତର ବୈଷୟିକ ପ୍ରଗତି ପରିଦୃଶ୍ୟମାନ ହେଲେ ହେଁ ତାହା ସହ ଯେଉଁ ପ୍ରକାର ସାମାଜିକ ବୈଷମ୍ୟ, ଅର୍ଥନୈତିକ ଅନୈତିକତା, ରାଜନୈତିକ ରାମତାଳି ଓ ରାହାଜାନି ଏବଂ ସର୍ବୋପରି ଭାକ୍ତିକ ଭାଣ୍ଡାମି ସୃଷ୍ଟିହୋଇଛି ତାହା ଏ ଉପମହାଦେଶକୁ ଭି. ଏସ୍. ନାଇପଲଙ୍କ କଥିତ ଏକ ତମସାଚ୍ଛନ୍ନ ମହାଦେଶରେ ପରିଣତ କରିଛି ।

ତେଣୁ ଏବର ଭାରତର ସମସ୍ୟା ହେଉଛି ମୂଲ୍ୟବୋଧ ଶୂନ୍ୟତାର ସମସ୍ୟା ଏବଂ ଏହାର ସୃଷ୍ଟିମୂଳରେ ରହିଛି ଏକ ଦୁଃସ୍ଥ ଜୀବନ ଦର୍ଶନ । ସ୍ୱାଧୀନତା ପୂର୍ବରୁ ଏବଂ ତାପର ଦୁଇ ଦଶନ୍ଧି ପର୍ଯ୍ୟନ୍ତ ଯେଉଁ ସୁସ୍ଥ ଜୀବନଧାରା ଭାରତୀୟମାନଙ୍କଠାରେ ପରିଲକ୍ଷିତ ହୋଇଥିଲା ତା' ମୂଳରେ ଥିଲା ଆଧ୍ୟାମତ୍ିକତା ତଥା ସ୍ୱଦେଶବତ୍ସଳତା । ତାପରେ ଭାରତୀୟମାନଙ୍କଠାରେ ସ୍ୱନିର୍ମାଣ ତଥା ଦେଶ ନିର୍ମାଣର ମାନସିକତା ଓ ହାର୍ଦ୍ଦିକତା ପରିବର୍ତ୍ତେ ଏକ ପ୍ରକାର ଆତ୍ମବିସ୍ମୃତି ଜନିତ ଅହଂକାର ଯୋଗୁ ଆତ୍ମସ୍ୱାର୍ଥ ସ୍ୱାଧନ କ୍ରମେ କ୍ରମେ ପରିଦୃଷ୍ଟ ହେଲା । ତେଣୁ ସେମାନେ ଅଧିକ ବନ୍ଧନରେ ନିଜକୁ ବନ୍ଦୀ କରିବାରେ ଲାଗିଲେ । ନିଜକୁ ଓ ଦେଶକୁ ଭୁଲି ସେମାନେ ପାଲଟିଗଲେ କବି ଗୁରୁ ମହାନ୍ତିଙ୍କ 'ଗୋବର ଗଣେଶ' । ରାଜନୀତିରେ, ଅର୍ଥନୀତିରେ, ସାହିତ୍ୟରେ, ଧର୍ମରେ 'ବିରାଟ ତତ୍ତ୍ୱ' ସ୍ଥାନରେ ସକଳ 'କ୍ଷୁଦ୍ରତା ବା ବାମନତ୍ୱ' ବେଶ୍ ଆସନ ଜମେଇ ଦେଲା । ମୂଲ୍ୟବୋଧ ପ୍ରତି ଅବଜ୍ଞା, ଅଜ୍ଞତା ତଥା ଅବହେଳା ଏହାର କାରଣ । ଏବର ଭାରତୀୟମାନେ 'ବନ୍ଦେ ମାତରମ୍' ଛାଡ଼ି 'ବନ୍ଦେ ଉଦରମ୍'ର ହେଲେ ଅବା ହୋଇଛନ୍ତି ଚାରଣ । ସମସ୍ତଙ୍କର କଲ୍ୟାଣ ଏବେ ହୋଇଛି ଅଚଳ ମୁଦ୍ରା ଯଦିଓ ଏହା ହିଁ ସର୍ବୋତ୍ତମ ମୂଲ୍ୟବୋଧ । ଏଥିରେ ଦୃଢ଼ ପ୍ରତ୍ୟୟ ରଖିଥିବା ମରମି ମଣିଷ କଦାଚ 'ନିମ୍ନ ଜେହାଦୀ' ହୋଇପାରିବ ନାହିଁ କି 'ମନ୍ଦିର-ମସ୍‌ଜିଦ୍' ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି କରିବ ନାହିଁ କିମ୍ବା ନିଷ୍କାମ କର୍ମଯୋଗ ବଦଳରେ ସକାମ 'ସ୍କାମ'ରେ ବୁଡ଼ିଯିବ ନାହିଁ । ଯେତେବେଳେ ବ୍ୟକ୍ତି ଭିତରେ ଚିରନ୍ତନତା, ବିଶ୍ୱଜନୀନତା ଅବା ବିଶ୍ୱାତ୍ମିକତା ସ୍ଥାନ ପାଇବ ସେତେବେଳେ ସେ ବିଶ୍ୱାମିତ୍ର ହୋଇଯିବ । ଏହି ବିଶ୍ୱାମିତ୍ର ହେବା ଠିକଣା ମୂଲ୍ୟବୋଧ; ଅର୍ଥନୀତିଠାରୁ ଏହି ହୃଦୟନୀତି ସହସ୍ରଗୁଣେ ବଳୀୟାନ୍ ।

ଏବର ଭାରତରେ ଅର୍ଥନୀତିକୁ ସର୍ବଶ୍ରେଷ୍ଠ ଓ ସର୍ବଶେଷ ଅବଲମ୍ବନ ବୋଲି ବିବେଚନା କରାଯାଉଛି । ଏବେ ଆମେ ଭାରତୀୟମାନେ 'ରୁଟି, କପଡ଼ା ଓ ମକାନ' ସହ କିଛି ଅନାୟାସ ତାତ୍କାଳିକ ଲାଭ ମିଳିଗଲେ ଆମେ ଷୋଳଅଣାରୁ ଅଧିକ ସନ୍ତୁଷ୍ଟ ହୋଇଯାଉଛୁ । ହେଲେ ଆମର ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଜୀବନ କାହିଁକି ଫଟାଭୂଇଁରେ ପରିଣତ ହୋଇଛି ? ଜୀବନ ଯେ ସଦା ସମ୍ପ୍ରସାରଣଧର୍ମୀ- ଏହି ଚିରନ୍ତନ ତତ୍ତ୍ୱଟିକୁ ଏବର ଭାରତୀୟ ମନ କରେନା । ଏହା ବୁଝିବାରେ ମୂଲ୍ୟବୋଧ ନିହିତ । ଏପରି ବୁଝାମଣା ଆସିଥିଲେ ଆମ୍ଭେମାନେ ଜୀବନ ପ୍ରତି ବିଶ୍ୱାସଘାତକତା କରୁନଥାନ୍ତେ । ମୂଲ୍ୟବୋଧ ହେଉଛି ଯଥାର୍ଥ ଅବା ଅସଲ ପ୍ରତି ଅଖଣ୍ଡ ଆସ୍ଥାସ୍ଥାପନ ପୂର୍ବକ ତା'ର ଅନୁଶୀଳନ ଓ ଅନୁଧାବନ କରିବା । ଏହାର ଅଭାବରେ ବ୍ୟକ୍ତି ଜିଇ ମଧ୍ୟ ବଞ୍ଚେ ନାହିଁ । ଏହାର ଘୋର ଅଭାବରେ ଏବେ ଦେଶରେ ଜିଡିପିର ଅଭିବୃଦ୍ଧି ଘଟି ଚାଲୁଥିବା ବେଳେ ଭାରତୀୟମାନେ ନା ହୋଇଛନ୍ତି ବିଶ୍ୱମାନବ ନା ବ୍ୟକ୍ତିମାନବ । ତା'ର ପରିଣାମ ସ୍ୱରୂପ ସେମାନେ କବି ୱାର୍ଡ୍ସୱାର୍ଥଙ୍କ କଥିତ 'ପାଇବା ଓ ଖାଇବା' ସେ ଏତେ ଲିପ୍ତ ଯେ ସେମାନେ 'ଦେବା ଓ ଖୁଆଇବା'ର ମହତ୍ତମ ଦର୍ଶନଠାରୁ ବହୁଦୂରରେ । ମୂଲ୍ୟବୋଧବ୍ରତୀ ସଂସାରକୁ ପୂର୍ଣ୍ଣକରେ, ପୂତ କରେ, ପ୍ରେମମୟକରେ । ଏବର ଭାରତୀୟମାନେ ମୂଲ୍ୟବୋଧ ଦ୍ୱାରା ଓ ମୂଲ୍ୟବୋଧ ପାଇଁ ବଞ୍ଚୁ ନଥିବାରୁ ଭାରତର ସାମଗ୍ରିକ ଚରିତ୍ର ଜନିତ ଚିତ୍ରଟି ଖୁବ୍ କଦାକାର ହୋଇଯାଇଛି । ଏହାର ପରିବର୍ତ୍ତନ ସମ୍ଭବ ହେବ ଯଦି ମୂଲ୍ୟବୋଧ ପ୍ରତି ଭାରତୀୟମାନେ ପ୍ରତିବଦ୍ଧ ହେବେ । ସେମାନଙ୍କର ଏ ଅବଶ୍ୟ ଆବଶ୍ୟକ ପରିବର୍ତ୍ତନ ହୋଇପାରିବ ଯଦି ସେମାନେ ମାତୃଭୂମିର ମରମି ବାଣୀ ଶ୍ରବଣ କରିବାକୁ ସଶ୍ରଦ୍ଧ ଓ ସମ୍ମତ ହେବେ, ଯାହା ହେଉଛି 'ନାଲ୍ପେ ସୁଖମସ୍ତି, ଭୂମୈବ ସୁଖମ୍' ।

# ଆମେରିକା-ଇରାନ ବିବାଦର ପ୍ରକୃତ ଖେଳ !

**ଅସିତ ମହାନ୍ତି**

ଆମେରିକା-ଇରାନ ବିବାଦର ପ୍ରକୃତ ଖେଳ କେବଳ ଏକ ସାମରିକ ମୁକାବିଲା ନୁହେଁ, ବରଂ ବିଶ୍ୱ ଶକ୍ତି ରାଜନୀତିର ଏକ ଗଭୀର ଷଡ଼ଯନ୍ତ୍ର । ପୃଷ୍ଠରେ, ଏହି ସଂଘର୍ଷ ପରମାଣୁ କାର୍ଯ୍ୟକ୍ରମ, ଆତଙ୍କବାଦ ଏବଂ ଆଞ୍ଚଳିକ ପ୍ରାଧାନ୍ୟତା ବିଷୟରେ ଦେଖାଯାଉଛି, କିନ୍ତୁ ଏହା ତଳେ ତୈଳ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିବା ଏବଂ ବିଶ୍ୱକୁ ବୈଦ୍ୟୁତିକ ଯାନବାହନ ଆଡକୁ ଠେଲି ଦେବାର ଏକ ରଣନୀତି ।

ତୈଳ ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି । ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ - ଇରାନ, ସାଉଦି ଆରବ, କତାର ଏବଂ ୟୁଏଇ - ସେମାନଙ୍କର ତୈଳ-ଭିତ୍ତିକ ଶକ୍ତି ବଜାୟ ରଖିଛନ୍ତି । ଆମେରିକା ଏବଂ ଚୀନ୍ ପରି ମହାଶକ୍ତିମାନେ ଜାଣନ୍ତି ଯେ ଯଦି ତେଲର ନିୟନ୍ତ୍ରଣ ଢିଲା ହୁଏ ଏବଂ ବିଶ୍ୱ ବୈଦ୍ୟୁତିକ ଯାନବାହନ ଆଡକୁ ଗତି କରେ, ତେବେ ସେମାନଙ୍କର ନୂତନ ଶକ୍ତି କେନ୍ଦ୍ର ଉପରେ ନିୟନ୍ତ୍ରଣ ରହିବ । ଏହା ଆମେରିକା ପାଇଁ ଦ୍ୱିଗୁଣିତ ଲାଭ: ଗୋଟିଏ ପଟେ, ଏହା ତେଲ ଉପରେ ନିର୍ଭରଶୀଳତା ହ୍ରାସ କରି ପରିବେଶ ରାଜନୀତିରେ ଏକ ନୈତିକ ଲାଭ ଲାଭ କରେ, ଏବଂ ଅନ୍ୟପଟେ, ଏହା ତେଲରୁ ସେମାନଙ୍କର ଶକ୍ତି ପ୍ରାପ୍ତ କରୁଥିବା ଦେଶଗୁଡ଼ିକର ଅର୍ଥନୀତିକୁ ଦୁର୍ବଳ କରେ ।

ଏହି ଖେଳରେ ଇରାନ ହେଉଛି ପ୍ରାଥମିକ ଲକ୍ଷ୍ୟ । ଆମେରିକାର ଉଦ୍ଦେଶ୍ୟ କେବଳ ଇରାନକୁ ପରାସ୍ତ କରିବା ନୁହେଁ, ବରଂ ସେଠାରେ ଶାସନ ବ୍ୟବସ୍ଥାକୁ ବଦଳାଇ ଆମେରିକାର ନୀତି ଅନୁଯାୟୀ କାମ କରୁଥିବା ସରକାର ପ୍ରତିଷ୍ଠା କରିବା । ଯଦି ଇରାନରେ ଶାସନ ପରିବର୍ତ୍ତନ ହୁଏ, ତେବେ ଏହାର ତୈଳ ଉତ୍ପାଦନ ଏବଂ ରପ୍ତାନି ନୀତି ୱାଶିଂଟନ ଦ୍ୱାରା ନିୟନ୍ତ୍ରିତ ହେବ । ଏହି କାରଣରୁ ଆମେରିକା ଯେକୌଣସି ମୂଲ୍ୟରେ ଇରାନକୁ ଦମନ କରିବାକୁ ଚାହୁଁଛି, ଯଦିଓ ଏହାକୁ ପରମାଣୁ ଅସ୍ତ୍ର ଧମକ ଦେବାକୁ ପଡ଼େ । ଏହି ଯୁଦ୍ଧର ଅନ୍ୟ ଦିଗ ହେଉଛି ଯେ ଇରାନ କେବଳ ଆମେରିକା ଏବଂ ଇସ୍ରାଏଲ ସହିତ ଲଢୁ ନାହିଁ, ବରଂ ସମଗ୍ର ଉପସାଗରୀୟ କ୍ଷେତ୍ରର ତୈଳ ଦେଶଗୁଡ଼ିକ ସହିତ ମଧ୍ୟ ଲଢୁଛି । ପରଦା ପଛରେ, ଆମେରିକା ଚାହୁଁଛି ଯେ ଇରାନ ଏହି ଦେଶଗୁଡ଼ିକ ସହିତ ଜଡ଼ିତ ହେଉ, ଉପସାଗରୀୟ ସ୍ଥିରତାକୁ ବାଧା ଦେଉ ଏବଂ ତୈଳ ଯୋଗାଣକୁ ବାଧା ଦେଉ । ଯେତେବେଳେ ତୈଳ ଯୋଗାଣ ସଙ୍କଟରେ ଥାଏ, ସେତେବେଳେ ବିଶ୍ୱ ବିକଳ୍ପ ଶକ୍ତି ଏବଂ ବୈଦ୍ୟୁତିକ ଯାନବାହନ ଆଡକୁ ମୁହାଁଇବାକୁ ବାଧ ହେବ । ଏହିଠାରେ ଆମେରିକା ଏବଂ ଚୀନ୍ ଉଭୟ ଲାଭ ପାଆନ୍ତି । ଆମେରିକା ପ୍ରଯୁକ୍ତିବିଦ୍ୟା ଏବଂ ରାଜନୈତିକ ଲାଭ ପାଏ, ଯେତେବେଳେ ଚୀନ୍ ବୈଦ୍ୟୁତିକ ଯାନ ଏବଂ ବ୍ୟାଟେରୀ ଉତ୍ପାଦନରେ ତାର ଶିଳ୍ପ ଶକ୍ତିକୁ ଆହୁରି ମଜବୁତ କରେ ।



ଆମେରିକାର ନୀରବତା ମଧ୍ୟ ଏହି ରଣନୀତିର ଏକ ଅଂଶ । ଯେତେବେଳେ ଇରାନ ଉପସାଗରୀୟ ଦେଶଗୁଡ଼ିକୁ ଆକ୍ରମଣ କରେ, ସେତେବେଳେ ଆମେରିକା ସିଧାସଳଖ ସଂଘର୍ଷକୁ ଏଡ଼ାଇ ଯାଏ କାରଣ ସେ ଜାଣେ ଯେ ଏହି ଅସ୍ଥିରତା ତୈଳ ଅର୍ଥନୀତିକୁ ଦୁର୍ବଳ କରିବ । ଆମେରିକାର ପ୍ରକୃତ ଲକ୍ଷ୍ୟ ଯୁଦ୍ଧ ଜିତିବା ନୁହେଁ, ବରଂ ଶକ୍ତି ଖେଳ ଜିତିବା । ଏହା ଚାହେଁ ଯେ ବିଶ୍ୱ ତେଲଠାରୁ ଦୂରେଇ ଯାଉ ଏବଂ ଏହାର କମ୍ପାନୀ ଏବଂ ନୀତିଗୁଡ଼ିକ ନୂତନ ଶକ୍ତି ବ୍ୟବସ୍ଥାରେ ପ୍ରାଧାନ୍ୟ ବିସ୍ତାର କରୁ । ସେ ଭେନେଜୁଏଲା ସହିତ ସମାନ କାମ କଲେ ଏବଂ ଏହାର ତୈଳ ଅର୍ଥନୀତିକୁ ନିୟନ୍ତ୍ରଣ କଲେ । ଏହି ପରିସ୍ଥିତିରେ, ଏହା ସ୍ପଷ୍ଟ ଯେ ଆମେରିକାର ଦୁଇଟି ପ୍ରାଥମିକ ଉଦ୍ଦେଶ୍ୟ ଅଛି: ଇରାନରେ ଶାସନ ପରିବର୍ତ୍ତନ ଏବଂ ତୈଳ ଅର୍ଥନୀତିର ଅନ୍ତ । କିନ୍ତୁ ଏହା କେବଳ ଇରାନରେ ଏକ ଯୁଦ୍ଧ ନୁହେଁ, ବରଂ ବିଶ୍ୱ ଶକ୍ତି ରାଜନୀତିର ପୁନର୍ଗଠନ । ପ୍ରଦୂଷଣ ନିୟନ୍ତ୍ରଣ ନାମରେ ବୈଦ୍ୟୁତିକ ଯାନବାହନ ଗ୍ରହଣ କରିବାକୁ ଚାହୁଁଥିବା ଦେଶମାନେ ଏହି ପରିବର୍ତ୍ତନରେ ଆମେରିକା ଏବଂ ଚୀନ ସହିତ ଠିଆ ହୋଇଛନ୍ତି । ତେଲ ଉପରେ ନିର୍ଭରଶୀଳ ରହିବାକୁ ଚାହୁଁଥିବା ଦେଶଗୁଡ଼ିକର ଅର୍ଥନୀତିକୁ ନଷ୍ଟ କରିବାକୁ ପ୍ରୟାସ କରାଯାଉଛି ।

ପରିଶେଷରେ, ଏହି ଯୁଦ୍ଧ କେବଳ ବୋମା ଏବଂ କ୍ଷେପଣାସ୍ତ୍ର ବିଷୟରେ ନୁହେଁ, ବରଂ ଶକ୍ତି ଏବଂ ଭବିଷ୍ୟତକୁ ଗଠନ କରିବା ବିଷୟରେ । ଆମେରିକା ଜାଣେ ଯେ ଯଦି ତେଲର ଶକ୍ତି ଭାଙ୍ଗିଯାଏ, ତେବେ ଏହାର ବିଶ୍ୱ ପ୍ରାଧାନ୍ୟର ମୂଳଦୁଆ ଦୃଢ଼ ହେବ । ଇରାନ ଏହି ଖେଳକୁ ବୁଝେ, ଏବଂ ତେଣୁ, ଏହା କେବଳ ନିଜକୁ ରକ୍ଷା କରୁନାହିଁ, ବରଂ ତୈଳ-ଆଧାରିତ ବ୍ୟବସ୍ଥାକୁ ସଂରକ୍ଷଣ କରିବା ପାଇଁ ମଧ୍ୟ ଲଢୁଛି । ଏହି କାରଣରୁ ଏହି ସଂଘର୍ଷ ଏତେ ଲମ୍ବା ଏବଂ ଜଟିଳ - କାରଣ ପ୍ରକୃତ ଯୁଦ୍ଧ ତେଲ ଏବଂ ଶକ୍ତି ବିଷୟରେ, ଏବଂ ଏହାର ବିଜେତା ଆଗାମୀ ଦଶନ୍ଧି ପାଇଁ ବିଶ୍ୱ କ୍ରମ ନିର୍ଣ୍ଣୟ କରିବ । ଡୋନାଲ୍ଡ ଟ୍ରମ୍ପଙ୍କ ସାମ୍ପ୍ରତିକ ଚୀନ୍ ଗସ୍ତ ସ୍ପଷ୍ଟ କରୁଛି ଯେ ଆମେରିକାର ପ୍ରକୃତ ସଂଘର୍ଷ କେବଳ ରାଜନୈତିକ କିମ୍ବା ସାମରିକ ଶକ୍ତି ବିଷୟରେ ନୁହେଁ, ବରଂ ବିଶ୍ୱ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ଅର୍ଥନୀତିର ନିୟନ୍ତ୍ରଣ ବିଷୟରେ । ଏହି କାରଣରୁ ଟ୍ରମ୍ପଙ୍କ ସହିତ ଏଲୋନ୍ ମସ୍କ, ଟିମ୍ କୁକ୍ ଏବଂ ଏନଭିଡିଆର ଜେନସେନ୍ ହୁଆଙ୍ଗଙ୍କ ଭଳି ପ୍ରମୁଖ ବ୍ୟବସାୟିକ ନେତାମାନେ ଥିଲେ - ଏହା ଏକ ସଙ୍କେତ ଯେ ଆମେରିକା ଏହାର ଶିଳ୍ପପତିମାନଙ୍କୁ ଚୀନ୍ ସହିତ ସିଧାସଳଖ ଆର୍ଥିକ ଚୁକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସହଭାଗୀତାରେ ସାମିଲ କରିବାକୁ ଚାହୁଁଛି । ଟ୍ରମ୍ପଙ୍କ ଚୀନ୍ ଗସ୍ତ ଏବଂ ଏହାର ଗୁରୁତ୍ୱ - ତାରିଖ: ମେ ୧୩-୧୫, ୨୦୨୬, ବେଜିଂ । ଏହା ନଅ ବର୍ଷ ମଧ୍ୟରେ ଜଣେ ଆମେରିକୀୟ ରାଷ୍ଟ୍ରପତିଙ୍କ ଦ୍ୱାରା ଚୀନ୍‌କୁ ପ୍ରଥମ ରାଜ୍ୟ ଗସ୍ତ ଥିଲା । ଟ୍ରମ୍ପ ଏବଂ ସି ଜିନପିଙ୍ଗଙ୍କ ମଧ୍ୟରେ ଆଲୋଚନାର ମୁଖ୍ୟ ଏଜେଣ୍ଡା ଥିଲା ଇରାନ ଯୁଦ୍ଧ, ବାଣିଜ୍ୟ ଚୁକ୍ତି, କୃତ୍ରିମ ବୁଦ୍ଧିମତ୍ତା ଏବଂ ଶକ୍ତି ନୀତି ।

ଆମେରିକୀୟ ଶିଳ୍ପପତିଙ୍କ ଉପସ୍ଥିତି - ଏଲୋନ୍ ମସ୍କ (ଟେସଲା, ସ୍ପେସଏକ୍ସ): ଚୀନ୍‌ରେ ତାଙ୍କର ସାଂଘାଇ କାରଖାନା ଏବଂ ଇଭି ଉତ୍ପାଦନ ଆମେରିକାର ଶକ୍ତି ରଣନୀତି ସହିତ ଜଡିତ । ଜେନସେନ୍ ହୁଆଙ୍ଗ (ଏନଭିଡିଆ): ଏଆଇ ଚିପ୍ସ ଏବଂ ସୁପରକମ୍ପ୍ୟୁଟିଂ ପ୍ରଯୁକ୍ତିବିଦ୍ୟା ସହିତ ଚୀନ୍‌କୁ ଯୋଗାଣ କରିବାର ପ୍ରୟାସ ଆମେରିକାର ପ୍ରଯୁକ୍ତିବିଦ୍ୟା ପ୍ରାଧାନ୍ୟ ପାଇଁ ସଂଘର୍ଷ ସହିତ ଜଡିତ । ଟିମ୍ କୁକ୍ (ଆପଲ): ଚୀନ୍‌ରେ ଆପଲ୍‌ର ବିଶାଳ ଉତ୍ପାଦନ ନେଟୱାର୍କ ହେଉଛି ଆମେରିକୀୟ ପ୍ରଯୁକ୍ତି ଶିଳ୍ପର ମେରୁଦଣ୍ଡ । ଲାରି ଫିଙ୍କ୍ (ବ୍ଲାକରକ୍), ଷ୍ଟିଫେନ୍ ସ୍ୱାର୍ଜମ୍ୟାନ୍ (ବ୍ଲାକଷ୍ଟୋନ୍), ଜେନ୍ ଫ୍ରେଜର୍ (ସିଟି), ଡେଭିଡ୍ ସଲୋମନ୍ (ଗୋଲ୍ଡମ୍ୟାନ୍ ସାକ୍ସ): ଏହି ଆର୍ଥିକ ନେତାମାନେ ଚୀନ୍‌ରେ ନିବେଶ ଏବଂ ପୁଞ୍ଜି ପ୍ରବାହ ସମ୍ପର୍କରେ ଆଲୋଚନାରେ ସାମିଲ ହୋଇଥିଲେ ।

ପ୍ରକୃତ ଖେଳ: ତେଲରୁ ପ୍ରଯୁକ୍ତିବିଦ୍ୟା - ଆମେରିକା ଜାଣେ ଯେ ଭବିଷ୍ୟତ ତେଲ-ଆଧାରିତ ଅର୍ଥନୀତିକୁ ଦୁର୍ବଳ କରିବା ଏବଂ ଇଭି ଏବଂ ଏଆଇ ଉପରେ ଆଧାରିତ ଏକ ନୂତନ ଅର୍ଥନୀତିକୁ ମଜବୁତ କରିବାରେ ନିହିତ । ଇରାନ ଏବଂ ଉପସାଗରୀୟ ଦେଶଗୁଡ଼ିକ ସହିତ ଉତ୍ତେଜନା ତୈଳ ଯୋଗାଣକୁ ଅସ୍ଥିର କରେ, ଯାହା ବିଶ୍ୱକୁ ବିକଳ୍ପ ଶକ୍ତି ଆଡକୁ ସ୍ଥାନାନ୍ତର କରିବାକୁ ବାଧ କରେ । ଏହି ପରିବର୍ତ୍ତନରେ ଚୀନ୍ ହେଉଛି ବ୍ୟାଟେରୀ ଏବଂ ଇଭି ଉତ୍ପାଦନର କେନ୍ଦ୍ର, ଯେତେବେଳେ ଆମେରିକା ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ ନିୟନ୍ତ୍ରଣ ଚାହୁଁଛି । ଏହି କାରଣରୁ ଟ୍ରମ୍ପ ଶିଳ୍ପପତିମାନଙ୍କୁ ତାଙ୍କ ସହିତ ଆଣିଥିଲେ - ଚୀନ୍ ସହିତ ସିଧାସଳଖ ଚୁକ୍ତି କରିବା ଏବଂ ଏହି ନୂତନ ଶକ୍ତି-ପ୍ରଯୁକ୍ତିବିଦ୍ୟା କ୍ରମରେ ଆମେରିକା ପଛରେ ନ ରହିବା ନିଶ୍ଚିତ କରିବା ।

ଟ୍ରମ୍ପଙ୍କ ଚୀନ୍ ଗସ୍ତ କେବଳ ଏକ କୂଟନୈତିକ ପଦକ୍ଷେପ ନଥିଲା, ବରଂ ବିଶ୍ୱ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସନ୍ତୁଳନର ଏକ ସଙ୍କେତ ଥିଲା । ଏଲୋନ୍ ମସ୍କ ଏବଂ ଏନଭିଡିଆ ଭଳି ମହାନ କମ୍ପାନୀଙ୍କ ଉପସ୍ଥିତି ଦର୍ଶାଉଛି ଯେ ଆମେରିକା ତୈଳ ଅର୍ଥନୀତିରୁ ଦୂରେଇ ଯାଇ ଇଭି ଏବଂ ଏଟିଭି ଉପରେ ଆଧାରିତ ଭବିଷ୍ୟତ ଆଡ଼କୁ ଗତି କରୁଛି । ଏହି ଖେଳରେ ଆମେରିକା ଏବଂ ଚୀନ୍ ଉଭୟ ଲାଭବାନ ହେବେ, କିନ୍ତୁ ପ୍ରକୃତ କ୍ଷତି ସେହି ଦେଶମାନଙ୍କର ହେବ ଯେଉଁମାନେ ଏବେ ବି ତେଲ ଉପରେ ନିର୍ଭର କରନ୍ତି ।

ସ୍ତମ୍ଭକାର ଏବଂ ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

# ମଳମାସ: ସନାତନ ପରମ୍ପରାର ପୁରୁଷୋତ୍ତମ ପର୍ବ

**ଗୋପାଳ ମହାପାତ୍ର**

ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ଏବେ ମେ ମାସ ୧୭ ତାରିଖଠାରୁ ମଳମାସ ବା ପୁରୁଷୋତ୍ତମ ମାସ ଚାଲିଛି । ଏହା ଅସନ୍ତା ଜୁନ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତି ୩ବର୍ଷରେ ଥରେ ଏଭଳି ଅଧିକମାସ ବା ମଳ ମାସ ପଡିଥାଏ । ସନାତନ ଧର୍ମରେ କାଳଗଣନା କେବଳ ତିଥି ଏବଂ ମାସର କ୍ରମ ନୁହେଁ ବରଂ ପ୍ରକୃତି, ଖଗୋଳୀୟ ସନ୍ତୁଳନ ଏବଂ ଆଧ୍ୟାତ୍ମିକ ଚେତନାର ସମନ୍ୱୟ ଅଟେ । ସାଧାରଣତଃ ବର୍ଷକ ୧୨ ମାସ ହୋଇଥାଏ କିନ୍ତୁ ଯେତେବେଳେ ସୂର୍ଯ୍ୟ ଏବଂ ଚନ୍ଦ୍ର ଗଣନା ମଧ୍ୟରେ ଅନ୍ତର ବଢ଼ିଯାଏ ସେତେବେଳେ ସେଇ ଅନ୍ତରକୁ ସନ୍ତୁଳିତ କରିବା ପାଇଁ ଏହି ୧୩ ତମ ମାସ ଯୋଡା ଯାଇଥାଏ ଓ ଏହା ହେଉଛି ମଳମାସ ବା ପୁରୁଷୋତ୍ତମ ମାସ । ଧର୍ମଗ୍ରନ୍ଥ ମାନଙ୍କରେ ଏହି ମଳମାସକୁ ପୁଣ୍ୟଦାୟୀ ଏବଂ ଭଗବାନ ବିଷ୍ଣୁଙ୍କୁ ସମର୍ପିତ ବୋଲି କୁହାଯାଇଛି । ଅନ୍ୟ ମାସ ମାନଙ୍କର ଦେବତା ଥିବା ବେଳେ ଏହି ମାସର କୌଣସି ଦେବତା ନାହାଁନ୍ତି । ଏଣୁ ଏହି କାରଣରୁ ଅନେକ ଏହି ମାସକୁ ଅଶୁଭ ବୋଲି କହିଥାନ୍ତି ଓ ଏହି ମାସରେ କୌଣସି ମଙ୍ଗଳକାର୍ଯ୍ୟ ଯଥା ବିବାହ, ଗୃହପ୍ରବେଶ ଇତ୍ୟାଦି କାର୍ଯ୍ୟ କରାଯାଇନଥାଏ । ପୌରାଣିକ କଥା ଅନୁସାରେ ଏହି ମାସ ଭଗବାନ ବିଷ୍ଣୁଙ୍କ ପାଖରେ ଶରଣ ନେବାପରେ ଭଗବାନ ବିଷ୍ଣୁ ଏହି ମାସକୁ ନିଜ ନାମରେ ନାମିତ କରିଥିଲେ ଓ ଏହାକୁ ପୁରୁଷୋତ୍ତମ ମାସ କୁହାଯାଏ । ଏହି ମାସରେ ଶ୍ରଦ୍ଧା ପୂର୍ବକ ଭଗବାନଙ୍କୁ ଆରାଧନା କଲେ ଅକ୍ଷୟ ପୁଣ୍ୟ, ସୁଖ ସମୃଦ୍ଧି ଓ ମୋକ୍ଷ ମିଳିଥାଏ । ଏଣୁ ଏହି ମାସକୁ ଆଧ୍ୟାତ୍ମିକ ସାଧନାର ମାସ ବୋଲି ମଧ୍ୟ କୁହାଯାଇଥାଏ ।

ପୁରୁଷୋତ୍ତମ ମାସରେ ପୂଜା-ପାଠ, ଜପ-ତପ, ଦାନ ଏବଂ ପ୍ରବଚନ ଶୁଣିବାର ବିଶେଷ ମହତ୍ୱ ରହିଛି ଓ ଶ୍ରୀମଦ୍ ଭାଗବତ, ରାମାୟଣ, ବିଷ୍ଣୁ ସହସ୍ରନାମ ଏବଂ ଗୀତା ପାଠ କରାଯିବା ଉଚିତ । ଅନେକ ଶ୍ରଦ୍ଧାଳୁ ଏହି ମାସରେ ଉପବାସ ରଖିଥାନ୍ତି । ଏପରିକି ହବିଷ କରି ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ, ଶ୍ରୀରାମ ତଥା ଭଗବାନ ଶିବଙ୍କ ଅରାଧନା କରିଥାନ୍ତି । ଶାସ୍ତ୍ର ଅନୁସାରେ ଏହି ମାସରେ କରାଯାଇଥିବା ଛୋଟଛୋଟ ପୁଣ୍ୟ କର୍ମ ପାଇଁ ଅଧିକ ଫଳ ମିଳିଥାଏ । ଧର୍ମାଚାର୍ଯ୍ୟ ମାନଙ୍କ ମତରେ ବ୍ରାହ୍ମଣ, ଗରୀବ ଏପରିକି ଧର୍ମ ସଂସ୍ଥା ମାନଙ୍କୁ ଅନ୍ନ, ବସ୍ତ୍ର, ଫଳ, ଘିଅ, ଗୁଡ଼, ରାଷି ଏବଂ ଦକ୍ଷିଣା ପ୍ରଦାନ କଲେ ଶୁଭ ଫଳ ମିଳିଥାଏ । ଦାନ କେବଳ ପ୍ରଦର୍ଶନ ନୁହେଁ ସେବା ଏବଂ ତ୍ୟାଗ ଭାବନାର ପ୍ରତୀକ ଅଟେ । ମଳମାସ ବ୍ୟକ୍ତିକୁ ସଞ୍ଜମ, କରୁଣା ଏବଂ ପରୋପକାର ର ଶିକ୍ଷା ଦେଇଥାଏ । ଅନେକ ଧର୍ମଗ୍ରନ୍ଥ ଏବଂ ଧର୍ମାଚାର୍ଯ୍ୟ ମାନଙ୍କ ମତରେ ଏହି ମାସରେ କୌଣସି ଶୁଭକାର୍ଯ୍ୟ କରାଯିବା ଉଚିତ୍ ନୁହେଁ । ଏହାର ପ୍ରକୃତ ଅର୍ଥ ହେଉଛି ବ୍ୟକ୍ତି ବା ମଣିଷ ଏହି ମାସରେ ସାଂସାରିକ ଉତ୍ସବ ଠାରୁ ଦୁରେଇ ରହି ଆତ୍ମିକ ଉନ୍ନତି ଏବଂ ସାଧନା ପାଇଁ ନିଜକୁ ସମର୍ପିତ କରିବା ଉଚିତ୍ । ଏହି ମାସରେ ଶ୍ରାଦ୍ଧ, ଜପ-ତପ, ରୁଦ୍ରାଭିଷେକ, ଦାନ ଏବଂ ଧାର୍ମିକ ଅନୁଷ୍ଠାନ କରାଯାଇ ପାରିବ । ମଳମାସ ସହ ଭକ୍ତ ପ୍ରହଲ୍ଲାଦ ଏବଂ ହିରଣ୍ୟକଷ୍ୟପଙ୍କ କଥା ସହ ଜଡିତ । ହିରଣ୍ୟକଷ୍ୟପକୁ ବ୍ରହ୍ମା ବର ଦେଇଥିଲେ ଯେ ସେ ଦିନରେ ମରିବନି, ରାତିରେ ମରିବନି, ଘର ଭିତରେ ମରିବନି କି ଘରବାହାରେ ମରିବିନି, ନା ଆକାଶରେ ମରିବ ନା ଭୂପୃଷ୍ଠରେ ମରିବ । ଏଣୁ ଭଗବାନ ବିଷ୍ଣୁ ନରସିଂହ ଅବତାର ନେଇ ସଂଧ୍ୟା ସମୟରେ ନିଜ ଜଂଘ ଉପରେ ରଖି ତାର ବଧ କରିଥିଲେ । ମାନ୍ୟତା ରହିଛି ଯେ ଧର୍ମର ରକ୍ଷା ଏବଂ ଅଧର୍ମର ବିନାଶର ଏହି ଦିବ୍ୟ ସନ୍ଦେଶ ମଳମାସ ବା ପୁରୁଷୋତ୍ତମ ମାସର ମହିମାକୁ ଦର୍ଶାଇଥାଏ ।

ଆଜିର ଭୌତିକବାଦୀ ସମୟରେ ଏହି ମଳମାସ କେବଳ ଧାର୍ମିକ ଅନୁଷ୍ଠାନର ସମୟ ନୁହେଁ ବରଂ ଆତ୍ମଚିନ୍ତନ ଏବଂ ଜୀବନକୁ ସନ୍ତୁଳିତ କରିବାର ଅବସର ମଧ୍ୟ ଅଟେ । ଏହି ମାସରେ ସାତ୍ୱିକ ଭୋଜନ, ବ୍ରହ୍ମଚର୍ଯ୍ୟ ପାଳନ, ଭୂମୀରେ ଶୟନ, ନିଶାଦ୍ରବ୍ୟରୁ ଦୁରରେ ରହିବା ଭଳି ଆଚରଣକୁ ଆପଣେଇବା ଉଚିତ । ଏହି ମାସରେ ଭଗବାନଙ୍କ ନାମ କୀର୍ତ୍ତନ ଓ ସ୍ମରଣ କଲେ ମାନସିକ ଶାନ୍ତି ମିଳିଥାଏ ଓ ସକାରାତ୍ମକ ଶକ୍ତି ମଣିଷ ଭିତରେ ଜାଗ୍ରତ ହୋଇଥାଏ । ବାସ୍ତବରେ ମଳବାସ ସଂସ୍କୃତିର ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ ଯାହା ମନୁଷ୍ୟକୁ ଭୌତିକ ସୁଖ ପ୍ରଦାନ କରିବା ସହ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଚାରି ପୁରୁଷାର୍ଥ ଆଡ଼କୁ ପ୍ରେରିତ କରିଥାଏ । ଏଇଥିପାଇଁ ଏହାକୁ ସର୍ବୋତ୍ତମ ମାସ ବୋଲି କୁହାଯାଏ, କାରଣ ଏହା ମନୁଷ୍ୟକୁ ଶୁଦ୍ଧ କରିବା ସହ ଇଶ୍ୱର ପ୍ରାପ୍ତିର ଅବସର ପ୍ରଦାନ କରିଥାଏ ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ଡାକ୍ତରଙ୍କୁ ନ ପଚାରି ନାକ କିମ୍ବା କାନରେ ଔଷଧ ପକାଇବା ଅନୁଚିତ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଆଜିକାଲି କାନ ପାଚିବା ଓ ପୂଜ ବାହାରି ଯନ୍ତ୍ରଣା ହେବାଭଳି ସମସ୍ୟା ଦେଖା ଦେଉଛି । ବିଶେଷକରି ଖରାଦିନେ ଏହି ସମସ୍ୟା ଦୁଇଗୁଣିତ ହୋଇଯାଏ । ଆସନ୍ତୁ ଜାଣିବା ଏହାର ପଛରେ ରହିଥିବା କାରଣଟି କ'ଣ? ଏବଂ ଏହାର ପ୍ରାଥମିକ ଚିକିତ୍ସା ପଦ୍ଧତି କେଉଁ ଭାବରେ କରାଯାଇଥାଏ? ଶିଶୁଙ୍କଠାରୁ ନେଇ କିଶୋର ବୟସ ପର୍ଯ୍ୟନ୍ତ ପିଲାଙ୍କର କାନ ପାଚିବା ଓ ପୂଜ ହୋଇ ଯନ୍ତ୍ରଣା ହେବା ଦେଖାଯାଏ । ପ୍ରାପ୍ତ ବୟସ୍କ ଲୋକଙ୍କ ଠାରେ ମଧ୍ୟ ଏହି ରୋଗ ଦେଖା ଯାଇଥାଏ । ଏହାର ବିଭିନ୍ନ କାରଣ ରହିଛି । ଗାଧୋଇବା ସମୟରେ ଅସାବଧାନତା ହେତୁ କାନରେ ପାଣି ପଶିଯିବା ଓ ଅନ୍ୟାନ୍ୟ ସଂକ୍ରମଣ କାରଣରୁ ଏହି ରୋଗ ହୋଇଥାଏ । ଥଣ୍ଡା ଜନିତ କାରଣରୁ ମଧ୍ୟ କାନବିନ୍ଧା ହୋଇଥାଏ । ତେବେ ଏହି ଯନ୍ତ୍ରଣାର ପ୍ରକୃଷ୍ଟ ଚିକିତ୍ସା ନ ହେଲେ ଧୀରେ ଧୀରେ ଶ୍ରବଣଶକ୍ତି ହ୍ରାସ ପାଏ । ଡାକ୍ତରଙ୍କ ବିନା ପରାମର୍ଶରେ ନାକ କିମ୍ବା କାନରେ ଔଷଧ ପକାଇବା ଅନୁଚିତ ।

ସେହିପରି ଅନେକ ସମୟରେ ବିଶେଷକରି ପିଲାମାନଙ୍କର ଥ୍ରୋଟ ଇନଫେକ୍ସନ ହୋଇଥାଏ । ଅନେକ ଲୋକ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନ ନେଇ ମନଇଚ୍ଛା ଆଣ୍ଟିବାୟୋଟିକ ବ୍ୟବହାର କରିଥାନ୍ତି । ଏଥିରେ ଅନେକ ବିପଦ ଯେ ରହିଛି ସେମାନେ ଜାଣି ପାରି ନଥାନ୍ତି । ପରବର୍ତ୍ତୀ ସମୟରେ ଏହା ପରିପାର୍ଶ୍ୱିକ କ୍ଷତି କରିବା ପରେ ଲୋକମାନଙ୍କ ପାଖରେ ଉନ୍ନତ ଚିକିତ୍ସା ପାଇଁ ସମୟଢ଼େର ବିଳମ୍ବ ହୋଇଯାଇଥାଏ । କୌଣସି ରୋଗରେ ଆଣ୍ଟିବାୟୋଟିକ, ଆଣ୍ଟି ଆଲର୍ଜି କିମ୍ବା ଅନ୍ୟ କୌଣସି ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ଖାଇବା ଅନୁଚିତ । ପ୍ରତ୍ୟେକ ଔଷଧର ପାଶ୍ୱର୍ ପ୍ରତିକ୍ରିୟାର ରହିଛି । ତଣ୍ଟି ଦରଜ ହେଲେ ପ୍ରଥମେ ଉଷୁମ ଲୁଣ ପାଣି ଘଡ଼ଘଡ଼ ଗାର୍ଗଲିଂ କରିବା ସହ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ବିଭିନ୍ନ ସମୟରେ ଛତୁ ଭଳି କେତେକ ପନିପରିବା ତଣ୍ଟିରେ ଫଙ୍ଗାଲ ଇନଫେକସନ କରିଥାଏ । ସେତେବେଳେ ଯଦି ରୋଗୀ ଆଣ୍ଟି ବାୟୋଟିକ ଖାଇଦେବେ ତେବେ ତାହା ବିପଜ୍ଜନକ ହୋଇପାରେ । ତଣ୍ଟି ଦରଜ ହେବାର କାରଣ ସବୁବେଳେ ଥଣ୍ଡା ସର୍ଦ୍ଦି ରୋଗ ନୁହେଁ ।

ଅନେକ ସମୟରେ ଆମକୁ ଦେହରେ ଥଣ୍ଡା ଅନୁଭୂତ ହୁଏ ଏବଂ ଡାକ୍ତରୀ ପରାମର୍ଶ କରିବା ପରେ ନାକର ହାଡ଼ ବଢ଼ିଥାଏ ବୋଲି ଡାକ୍ତର ପରାମର୍ଶ ଦେଇଥାନ୍ତି । ତେବେ ଏ ସମୟରେ ଆପଣଙ୍କ ପାଇଁ କ'ଣ କ'ଣ ସବୁ କର୍ତ୍ତବ୍ୟ ରହିଛି ତାହା ଉଲ୍ଲେଖ କରୁଛୁ । ଦେଖନ୍ତୁ ବହୁଦିନ ଥଣ୍ଡା ଲାଗି ରହିବା ବିଭିନ୍ନ କାରଣ ହୋଇଥାଏ । ଆଲର୍ଜି ଯଦିଓ ଏକ କାରଣ କିନ୍ତୁ ଡାକ୍ତର ରୋଗୀକୁ ନ ଦେଖିବା ପର୍ଯ୍ୟନ୍ତ କୌଣସି ଅନୁମାନ ଲଗାଯାଇ ପାରିବ ନାହିଁ । ଯଦି ନାକରେ ହାଡ଼ ବଢ଼ିଥାଏ ତେବେ ଜଣେ ନାସା ଗଳା କର୍ଣ୍ଣ



ବିଶେଷଜ୍ଞଙ୍କ ଡାକ୍ତର ଦେଖିବା ପରେ ଚିକିତ୍ସା କରାଯାଇଥାଏ ।

ସେହିପରି କେହି କେହି ପ୍ରଶ୍ନ କରନ୍ତି ଯେ ଇଏନଟି ସମ୍ବନ୍ଧିତ ବିଶେଷକରି ବେକ ଅସ୍ତ୍ରୋପଚାର କେତେ ନିରାପଦ? ଅସ୍ତ୍ରୋପଚାର ବା ସର୍ଜରି ସବୁବେଳେ ରୋଗୀକୁ ଭୟଭୀତ କରିଥାଏ । ତେବେ ଆଜିକାଲି ପ୍ରାୟତଃ ଏହିସବୁ ଚିକିତ୍ସା ପାଇଁ ଏନଡୋସ୍କୋପିକ ଓ ରୋବଟିକ ସର୍ଜରୀ ହେଉଛି । ଏହା ଖୁବ କମ ସମୟ ନେଇଥାଏ ଓ ରୋଗୀ ଶୀଘ୍ର ସୁସ୍ଥ ହୋଇଥାଏ ।

ଗୋଟିଏ କଥା ଭଲ ଭାବରେ ମନେ ରଖନ୍ତୁ କୌଣସି ପ୍ରକାର ଶାରୀରିକ ସମସ୍ୟା ବିଶେଷକରି ଇଏନଟି ପରି ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ଜଟିଳତା ଦେଖାଦେଲେ ନିକଟସ୍ଥ ସରକାରୀ ଡାକ୍ତରଖାନା ବା ଡାକ୍ତରଖାନାର ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଖରାଦିନେ ବେଳେ ବେଳେ ନାକ ଓ କାନ ଅସ୍ୱାଭାବିକ ପରି ଅନୁଭୂତ ହୋଇଥାଏ । କେତେକଙ୍କର ଲଗାତାର ଛିଙ୍କ ହୋଇଥାଏ ତ କେତେ କ୍ଷେତ୍ରରେ କାନ ଟାଣି ଥାଏ ବା କାନ ଭିତରେ କ'ଣ ଗୋଟିଏ ରହିଗଲା ପରି ଅନୁଭୂତ ହୁଏ । ତେଣୁ ସର୍ବପ୍ରଥମେ ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ । ଖରା ଦିନରେ ନଦୀ ବା ଜଳାଶୟରେ ମୁଣ୍ଡ ବୁଡ଼ାଇ ଗାଧୋଇଲା ବେଳେ ସତର୍କ ରୁହନ୍ତୁ । ପ୍ରଦୂଷିତ ପାଣି ଯେପରି ନାକ ଓ କାନରେ ନପଶେ । ସେହିପରି ଘଣ୍ଟା ଘଣ୍ଟା ଧରି ସାୱାରରେ ସ୍ନାନ କରୁଥିଲେ ସେ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ । ଖରାଦିନେ ଶୋଷ ତୀବ୍ର ହୋଇଥାଏ କିନ୍ତୁ ଏହି ସମୟରେ ଭଲଭାବେ ମନେ ରଖନ୍ତୁ ଯଥା ସମ୍ଭବ ଥଣ୍ଡାପାଣି ଓ ଥଣ୍ଡା ପାନୀୟ ଦ୍ରବ୍ୟ ବିଶେଷକରି ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବା ଖୁବ ଭଲ । ସାଧାରଣ ଭାବେ କାନରେ କିଛି ସମସ୍ୟା ହେଲେ ଦୋକାନରୁ ଡ୍ରପସ୍ କିଣି କାନରେ ପକାଇ ଦେଉ କିମ୍ବା କାନବିନ୍ଧା ହେଲେ ଯନ୍ତ୍ରଣା ନିବାରକ ଔଷଧ ଖାଇଦେଉ । ଏହା କିନ୍ତୁ ଠିକ ନୁହେଁ । ବେଳେବେଳେ କାନରେ ଫଙ୍ଗାଲ ଇନଫେସନ ହୋଇଥାଏ ସେତେବେଳେ ଜାଣି ନପାରି ଔଷଧ ଖାଇବା ଓ ପକାଇବା ଦ୍ୱାରା ରୋଗୀ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ଥାଏ । ପୁଣି ଅନେକ ସମୟରେ କୌଣସି ଘା' କିମ୍ବା ରୋଗ ଦୀର୍ଘ ସମୟ ଧରି ରହିଲେ କ୍ୟାନସର ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ । ତେଣୁ ଏଭଳି କିଛି ସମସ୍ୟା ଥିଲେ ବିଶେଷଜ୍ଞଙ୍କ ସହିତ ଯଥାଶୀଘ୍ର ପରାମର୍ଶ କରିବା ଉଚିତ ।

ବାକ୍ ଶ୍ରବଣ ବିଶେଷଜ୍ଞ, ମଙ୍ଗଳାବାଗ, କଟକ,
ଦୂରଭାଷ: ୯୪୩୮୨୭୬୭୬୦

# ବିନା ପାରିଶ୍ରମିକ ରେ ଟ୍ରାଫିକ ସେବା ଯୋଗାଇ ଚର୍ଚ୍ଚାରେ ଦିନ ମଜୁରିଆ



ବାଲିଗୁଡା (ରା.ରି): ନିଜ ଗାଁ ର ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ ନିଜେ ଅଣ୍ଟା ଭିଡ଼ିଛନ୍ତି ଜଣେ ଦିନ ମଜୁରିଆ । ଏଥିପାଇଁ ସେ ବିନା ପାରିଶ୍ରମିକ ରେ ନିସ୍ୱାର୍ଥପର ଭାବେ ଏବେ ଟ୍ରାଫିକ ସେବା ଯୋଗାଇ ସମସ୍ତ ଙ୍କ ପାଇଁ ପ୍ରଂଶସା ର ପ୍ରିୟପାତ୍ର ହୋଇଛନ୍ତି । କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ପାବୁରିଆ ଗାଁ ରୁ ସାମ୍ନା କୁ ଆସିଛି ଟ୍ରାଫିକ ସମସ୍ୟା ସମାଧାନ ଦିଗରେ ଏପରି ଏକ ସଚେତନତା ର ବାସ୍ତବ ଚିତ୍ର । ଟିକାବାଲି ବ୍ଲକ ପାବୁରିଆ ଗାଁ ର ଦିନ ମଜୁରିଆ ବସନ୍ତ କୁମାର ବୁର୍ଗୀ । ପାବୁରିଆ ଗାଁ ରେ ଟ୍ରାଫିକ ସମସ୍ୟା ଉପୁଜୁଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିଲା । ଟ୍ରାଫିକ ସମସ୍ୟା ସହ ଗାଁ ରେ ଦୁର୍ଘଟଣା ରୁ ଜନସାଧାରଣ ଙ୍କୁ ରକ୍ଷା କରିବା ନିମନ୍ତେ ଶେଷରେ ଆଗକୁ ଆସିଛନ୍ତି ବସନ୍ତ କୁମାର ବୁର୍ଗୀ । ଦୀର୍ଘ ପନ୍ଦର ଦିନ ରୁ ଉର୍ଦ୍ଧ ସମୟ ଧରି ଜନଗହଳି ପୂର୍ଣ୍ଣ ପାବୁରିଆ ଚାରି ଛକ ରେ ସେ ନିଜ କୁ ନିୟୋଜିତ କରିଛନ୍ତି । ତେବେ ପେଶା ରେ ବସନ୍ତ ଜଣେ ଦିନ ମଜୁରିଆ ହୋଇଥିବା ସତ୍ୱେ ସେ ନିଜ ରୋଜଗାର ଛାଡି ଏବେ ଜନସାଧାରଣ ଙ୍କ ପାଇଁ ନିସ୍ୱାର୍ଥପର ଭାବେ ବିନା ପାରିଶ୍ରମିକ ରେ ଟ୍ରାଫିକ ସେବା ଯୋଗାଇ ଆସୁଛନ୍ତି । ଏଥିପାଇଁ ସକାଳ ଠାରୁ ରାତ୍ରି ପର୍ଯ୍ୟନ୍ତ ହୁଇସିଲ ଖଣ୍ଡେ ଧରି ପାବୁରିଆ ଚାରି ଛକ ରେ ଟ୍ରାଫିକ ସେବା ଦେଇ ଚାଲିଛନ୍ତି । ଅତୀତ ରେ ବସନ୍ତ ଙ୍କ ପରିବାର ର ସଦସ୍ୟ ଦୁର୍ଘଟଣା ରେ ଆହତ ହୋଇଥିବା ନେଇ ସେ ଏପରି ପଦକ୍ଷେପ ନେଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି । ଅନ୍ୟ କେହି ଯେପରି ଦୁର୍ଘଟଣା ର ଶୀକାର ନ ହୁଅନ୍ତୁ ଓ ଟ୍ରାଫିକ ସମସ୍ୟା ଯେପରି ନ ଉପୁଜେ ସେଥିପାଇଁ ଦିନ ମଜୁରିଆ ହୋଇ ବି ଏପରି ପନ୍ଥା ଆଦରି ନେଇଛନ୍ତି ବସନ୍ତ । ତେବେ ବସନ୍ତ ଙ୍କ ଏପରି ନିସ୍ୱାର୍ଥପର ସେବା ପାଇଁ ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ନାୟକ, ବୁଦ୍ଧିଜୀବୀ ଚିତ୍ତ ରଞ୍ଜନ ବେହେରା, ଗୋପାଳ କୃଷ୍ଣ ନାୟକ ଙ୍କ ସମେତ ଅଂଚଳବାସୀ ଖୁସିବ୍ୟକ୍ତ କରିଥିବା ସହ ଏପରି କାର୍ଯ୍ୟ ପାଇଁ ପ୍ରଶଂସା ମଧ୍ୟ କରିଛନ୍ତି ।

# ଟିକାବାଲିରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବାଲିଗୁଡା, (ରା.ରି):କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକ ପଞ୍ଚାୟତ ସମିତି ନୂତନ ସଭାଗୃହରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଙ୍କ ଅଧ୍ୟକ୍ଷତା ରେ ଟିକାବାଲି ବ୍ଲକ ତଥା




ଜି ଉଦୟଗିରି ସହିତ ଜିଲ୍ଲାର ପାଖା ପାଖି ବ୍ଲକ ର ଜନସାଧାରଣ ଆସି ନିଜ ନିଜର ସାମୁହିକ ଓ ବ୍ୟକ୍ତିଗତ ସମସ୍ୟାର ସମାଧାନ ନିମନ୍ତେ ସିଧାସଳଖ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ କରିଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମ ରେ ମୋଟ ୫୧ ଗୋଟି ସମସ୍ୟା ଆସିଥିବା ବେଳେ ସେଥିରୁ ବ୍ୟକ୍ତିଗତ ସମସ୍ୟା ୨୮ ଏବଂ ସାମୁହିକ ସମସ୍ୟା ୨୩ ଟି ପଞ୍ଜିକରଣ ହୋଇଛି । ବିଶେଷ କରି ରାସ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ, ସାମାଜିକ ସୁରକ୍ଷା ଯୋଜନା ଉପରେ ସମସ୍ୟା ଚିହ୍ନଟ ସହିତ ୧୦ ଜଣକୁ ନୂତନ ଭାବରେ ଯୋଗ୍ୟ ହିତାଧିକାରୀ ଙ୍କୁ ମାସିକ ଭତ୍ତା ବଣ୍ଟନ କରିଥିଲେ ଜିଲ୍ଲାପାଳ ଏବଂ ଜିଲ୍ଲାପାଳ ଙ୍କ ଉପସ୍ଥିତ ରେ ଆଜି ପୁଣି ଏକ ନୂତନ କାର୍ଯ୍ୟକ୍ରମ ଯାହାକି ଧରିତି ଆବା ଜନ ଜାତୀୟ ଗରିମା ଉତ୍ସବ ର ଶୁଭ ଉଦଘାଟନ ଉତ୍ସବ ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତରେ ଆରମ୍ଭ କରାଗଲା । ଏହି କାର୍ଯ୍ୟକ୍ରମ ରେ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କନ୍ଧମାଳ ସମ୍ଭୁନାଥ ନନ୍ଦି, ବାଲିଗୁଡା ସମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ଜି. ଉଦୟଗିରି ଏସ ଡି ପି ଓ ଶିବା ମାରୁତି ରେଡି, ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପଞ୍ଜିକରଣ ସମସ୍ୟାର ପ୍ରତି ଗୁରୁତ୍ୱ ଦେଇ କାର୍ଯକାରୀ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ପ୍ରଶାସନିକ ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ ସଂପର୍କରେ ରାଜନୈତିକ ଦଳ ପ୍ରତିନିଧି ମାନଙ୍କୁ ନେଇ ବୈଠକ

ବାଲିଗୁଡା (ରା.ରି):କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡର ୮୨ ନଂ.ବାଲିଗୁଡା ନିର୍ବାଚନ ମଣ୍ଡଳୀ ଓ ୮୩ ନଂ.ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ର ସଘନ ସଂଶୋଧନ ସଂପର୍କ ରେ ପ୍ରଶାସନ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳ ର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଉପଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ୮୨ ନଂ. ବାଲିଗୁଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ବାଲିଗୁଡା ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଣୀତା ଦାସ ଓ ୮୩ ନଂ.ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା କନ୍ଧମାଳ ଏଡିଏମ କୁଶଳ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରି ସ୍ୱତନ୍ତ୍ର ସଘନ ସଂଶୋଧନ ସଂପର୍କରେ ଥିବା ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ । ଦୁଇ ନିର୍ବାଚନ ମଣ୍ଡଳୀର ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସଂପର୍କ ରେ ଆଲୋକପାତ କରିଥିଲେ । ସମଗ୍ର କନ୍ଧମାଳ ଜିଲ୍ଲାରେ ଏକ ସୁଗମ ଏବଂ ସ୍ୱଚ୍ଛ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ଏବଂ ଚଳିତ ମାସ ୩୦ ତାରିଖ ରୁ ବିଏଲଓ ମାନଙ୍କ ଦ୍ୱାରା ଘର ଘର ପରିଦର୍ଶନ ଆରମ୍ଭ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବିଡ଼ିଓଙ୍କ ସହିତ ସମସ୍ତ ରାଜନୈତକ ଦଳର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଭୋଟର ତାଲିକା ସଂଶୋଧନ (SIR) ଜନିତ ପ୍ରଶାସନ ଓ ଭାରତର ନିର୍ବାଚନ କମିଶନ ତା ୦୧,୦୭,୨୦୨୬ କୁ ନୂତନ ଭୋଟର ମାନଙ୍କ ନିମନ୍ତେ ଯୋଗ୍ୟତା ତାରିଖ ରଖିଛନ୍ତି । ଏହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ କେହି ହେଲେ ଜଣେ ଯୋଗ୍ୟ ଭୋଟର , ଯେପରି ତାଲିକାରୁ ବାଦ ନ ପଡନ୍ତୁ ଏବଂ କେହି ହେଲେ ଜଣେ ଅଯୋଗ୍ୟ ଭୋଟର, ତାଲିକାରେ ନ ରୁହନ୍ତୁ ସଂଶୋଧନର ମୂଳ ଲକ୍ଷ ଅଟେ । ଏହି ସ୍ଵତନ୍ତ୍ର ତୀବ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଯୋଗ୍ୟତା ତାରିଖ ୦୧,୦୭ ,୨୦୨୬ ରିଖ



ଥିବା ବେଳେ ପ୍ରସ୍ତୁତି ,ତାଲିମ ଓ ପ୍ରିଣ୍ଟିଙ୍ଗ ୨୦.୦୫ ,୨୦୨୬ ରୁ ୨୯ ,୦୫ ,୨୦୨୬, ବୁଥ ଲେବଲ ଅଫିସର ଘର ଘର ବୁଲି ତଥ୍ୟ ସଂଗ୍ରହ କରିବା ୩୦,୦୫,୨୦୨୬ରୁ ୨୮,୦୬,୨୦୨୬ , ମତଦାନ କେନ୍ଦ୍ର ସଙ୍ଗତି କରଣ ପାଇଁ ତା ୨୮.୦୬.୨୦୨୬ ରିଖ, ଭୋଟର ତାଲିକା ପ୍ରକାଶନ ପାଇଁ ତା ୦୫.୦୬.୨୦୨୬ ରିଖ ,ଆପତ୍ତି ଅଭିଯୋଗ ଗ୍ରହଣ କାରିବା ନିମନ୍ତେ ତା ୦୫ ୦୭ ୨୦୨୬ରୁ ୦୪,୦୮.୨୦୨୬ ରିଖ ପର୍ଯ୍ୟନ୍ତ, ଆପତ୍ତି ଅଭିଯୋଗର ସମାଧାନ ନିମନ୍ତେ ୫.୦୭.୨୦୨୬ ରୁ ୦୨.୦୯.୨୦୨୬ ଏବଂ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ପାଇଁ ତା ୦୬/୦୯/୨୦୨୬ରିଖ ନିର୍ବାଚନ କମିଶନ ପକ୍ଷରୁ ସ୍ଥିର କରାଯାଇଅଛି । ସେହି ପରି ଭୋଟର ତାଲିକାରେ ନାମ ଯୋଗ କରିବା ନିମନ୍ତେ ,ନାମ କାଟିବା ନିମନ୍ତେ ଏବଂ ପରିବର୍ତ୍ତନ ନିମନ୍ତେ ନାଗରିକ ମାନେ ଅନଲାଇନ ଇସିଆଇ ନେଟ ବ୍ୟବହାର କରିପାରିବେ । ଏହି ସ୍ୱତନ୍ତ୍ର ଭୋଟର ତାଲିକା ତିବ୍ର ସଂଶୋଧନ କାର୍ଯ୍ୟ କୁ ସମସ୍ତ ରାଜନୈତିକ ଦଳ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ସହଯୋଗ କରି ବାଲିଗୁଡା ଓ ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ଏସଆଇଆର କାର୍ଯ୍ୟକୁ ତୃଟିଶୂନ୍ୟ କରିବାକୁ ବୈଠକରେ ରାଜନୈତିକ ନେତୃ ବର୍ଗଙ୍କ ସହାୟତା ଲୋଡ଼ିଥିଲେ ।

## ବସ-କାର ମୁହାଁମୁହିଁ ଧକ୍କା : ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଯାତ୍ରୀ

ବାଲିଗୁଡା, (ରା.ରି):କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକ କେଉଟ ସାହିର ପିଲା ସାଲୁଙ୍କି ନଦୀ ବ୍ରିଜ ନିକଟରେ ରାଜ କୁମାର ନାମକ ଏକ ଯାତ୍ରୀବାହି ବସ



ସହ ଏକ କାର ର ମୁହାଁମୁହିଁ ଧକ୍କା ହେବାରୁ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ ଏବଂ ଚାଳକ । ଯଦି ବସ କିମ୍ବା କାର ବ୍ରିଜ ତଳକୁ ଖସି ଯାଇଥାନ୍ତା ତାହାହେଲେ ଆଜି ଅନେକ ଜୀବନ ହାନି ହେବାର ଆଶଙ୍କା ରହିଥିଲା, ସେହି ମାନଙ୍କୁ ଭଗବାନ ବଞ୍ଚେଇଛନ୍ତି ବୋଲି ଅଞ୍ଚଳରେ ଆଲୋଚନା ହେଉଛି । ଘଟଣା ରୁ ପ୍ରକାଶ ଯେ, ରାଜକୁମାର ନାମକ ଯାତ୍ରୀବାହୀ ବସ ରାଇକିଆ ପଟୁ ଟିକାବାଲି ଅଭିମୁଖେ ଆସୁଥିବା ବେଳେ କାରଟି ଟିକାବାଲି ଆଡୁ ବାଲିଗୁଡା ଅଭିମୁଖେ ଯାଉଥିବା ସମୟରେ ପିଲା ସାଲୁଙ୍କି ନଦୀ ବ୍ରିଜ ନିକଟରେ ମୁହାଁ ମୁହିଁ ଧକ୍କା ହୋଇଥିବା ଜଣାପଡିଛି । ଖବର ପାଇ ଟିକାବାଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତା ରେ ଦୁଇଟି ଜାକ ଗାଡି ଉଦ୍ଧାର କରି ରାସ୍ତାରୁ ହଟାଇଥିଲେ । ଚାଳକ ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟ କାହାର ଅଧିକା କ୍ଷତି ହୋଇନଥିବା ଜଣାପଡିଛି । ଟିକାବାଲି ରେ ଥିବା ଉକ୍ତ ବ୍ରିଜ ଟି ଅତି ସଂକୀର୍ଣ୍ଣ ରହିଥିବା ହେତୁ ଦୁଇଟି ଗାଡି ଯାଇପାରୁନି, କିମ୍ବା ଗୋଟିଏ ଗାଡି ପାସ କଲେ ଆଉ ଏକ ଗାଡି ସାଇଡ ଦେବା ନିମନ୍ତେ ବହୁତ ଅସୁବିଧା ହେଉଛି । ଟିକାବାଲିର ପିଲାସାଲୁଙ୍କି ବ୍ରିଜ ଦୀର୍ଘ ଦିନ ହେବ ସେହି ନେରୋ ବ୍ରିଜ ହିଁ ବିପଦ ସଂକୁଳ ଅବସ୍ଥାରେ ରହିଛି । ଏହାକୁ ନେଇ ଅନେକ ବାର ଖବର ପ୍ରସାରଣ ହେଉଥିଲେ ସୁଦ୍ଧା କାର୍ଯ୍ୟକାରି ସୁନ, ଯାହାରୀ ଫଳରେ ସେହି ବ୍ରିଜରେ ସବୁବେଳେ କିଛିନା କିଛି ଦୁର୍ଘଟଣା ଘଟୁଛି । କିଛି ଦିନ ପୂର୍ବରୁ ସେହି ବ୍ରିଜ ପାଖରେ ଏକ ବଡ଼ ଦୁର୍ଘଟଣା ମଧ୍ୟ ଘଟିଥିଲା । ବର୍ତ୍ତମାନ ପ୍ରଶାସନ କଣ ପଦକ୍ଷେପ ନେଉଛି ତାହା ଦେଖିବାର ବାକି ରହିଲା ।

## ୩ ବାଘଛାଲ ଜବତ ପରେ ବି ଧରାପଡୁନାହାନ୍ତି ମାଷ୍ଟରମାଇଣ୍ଡ

ନବରଙ୍ଗପୁର (ରା.ରି): ନବରଙ୍ଗପୁର ବନଖଣ୍ଡ ପକ୍ଷରୁ ଗତ ୫ମାସ ମଧ୍ୟରେ ୩ଟି ବାଘ ଚାଲ ଜବତ କରିଛି । ଗତ ଜାନୁଆରି ୨୩ରେ କୋଡ଼ିଙ୍ଗା ବନାଞ୍ଚଳରେ ନୁନପାଣି ଓ ଏପ୍ରିଲ ଡାବୁଗାଁ ବନାଞ୍ଚଳ ଅନ୍ତର୍ଗତ ଚିକିଲି ସଂରକ୍ଷିତ ଜଙ୍ଗଲ ଦଶ ମୁଣ୍ଡିଆ ମନ୍ଦିର ନିକଟରେ ଓ ଗତ କାଲି ଉମରକୋଟ ବନାଞ୍ଚଳର ସିଂସାରୀ



ଅଂଚଳର ମାଲବେଢ଼ା ପିଆରଏଫ୍ ଅଂଚଳରୁ ଧରା ଯାଇଛି ବାଘଛାଲ । ନୂଆରେ ଡିଏଫଓ ଭାବେ ଆଇଏଫଏସ୍ ଉଦୟନ ସୁବୁଦ୍ଧି ଯୋଗଦେବାର ସପ୍ତାହକ ମଧ୍ୟରେ ଏହି ବାଘଛାଲ ଜବତ ହୋଇଛି । ଗିରଫ ଦୁଇ ଜଣ ଚାଲାଣକାରୀଙ୍କୁ ରିମାଣ୍ଡରେ ଆଣିବା ପାଇଁ ବନବିଭାଗ ଉମରକୋଟ କୋର୍ଟରେ ଆବେଦନ କରିଥିବା କହିଛନ୍ତି ଡିଏଫଓ । ତିନୋଟି ମାମଲାରେ ୧୦ଜଣ ଚାଲାଣକାରୀଙ୍କୁ ଯଦିଓ କୋର୍ଟକୁ ଚାଲାଣ କରାଯାଇଛି ତେବେ ଏସବୁ ରାକେଟର ମୂଳଉତ୍ସ କିଏ ତାହା ଏଯାଏଁ ଲୋକଲୋଚନକୁ ଆସି ପାରିନି । ନୂଆ ଡିଏଫଓ ଏହି ବନ୍ୟଜନ୍ତୁ ଚାଲାଣ ମାମଲାକୁ ଗୁରୁତର ସହ ନେଇଛନ୍ତି । ମୂଳଉତ୍ସ ଓ ମାଷ୍ଟର ମାଇଣ୍ଡକୁ ନ ଖୋଜିବା ଯାଏଁ ଉଦ୍ୟମ ଜାରୀ ରହିବ ବୋଲି କହିଛନ୍ତି ।

# ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ କର: ମନ୍ତ୍ରୀ

ଭୁବନେଶ୍ୱର(ରା.ରି): ରାଜ୍ୟରେ ଆହୁରି ତ୍ୱରାନ୍ୱିତ ହେବ ଶିଳ୍ପ ଅଭିବୃଦ୍ଧି । ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ ଆଣ୍ଡ ଇନଭେଷ୍ଟମେଣ୍ଟ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ୍ (ଇପିକଲ୍)ର ସମୀକ୍ଷା ବୈଠକରେ ପୁଞ୍ଜିନିବେଶ ପ୍ରସ୍ତାବଗୁଡିକର ବାସ୍ତବ ରୂପାୟନ ଉପରେ ଗୁରୁତ୍ୱ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ । ସମସ୍ତ ବିଭାଗୀୟ ନୋଡାଲ ଅଧିକାରୀଙ୍କୁ ଉଦ୍ୟୋଗୀ ମନୋଭାବ ଗ୍ରହଣ କରିବା ସହ ଶିଳ୍ପଗୁଡ଼ିକର ସହଜ କାର୍ଯ୍ୟକାରିତା ପାଇଁ ଅଧିକ ସକ୍ରିୟ ଭାବେ ସହାୟତା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ଚାଲୁ ରହିଥିବା ଶିଳ୍ପଭିତ୍ତିକ କାର୍ଯ୍ୟକଳାପର ଅଗ୍ରଗତି, ପ୍ରକଳ୍ପ ଗୁଡିକର କ୍ଷେତ୍ରସ୍ତରୀୟ ସ୍ଥିତି ଏବଂ ଆଗାମୀ ଦିନରେ ହେବାକୁ ଥିବା ନିବେଶ ରୋଡ୍‌ଶୋ' ନେଇ ସମୀକ୍ଷା କରିଥିଲେ । ଏହାସହ ରାଜ୍ୟରେ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ' ବ୍ୟବସ୍ଥାରେ ସୁଧାର ଏବଂ ଶିଳ୍ପଗୁଡ଼ିକୁ ସାହାଯ୍ୟ କରିବା ପାଇଁ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ଡିଜିଟାଲ୍ ବ୍ୟବସ୍ଥା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

ଓଡ଼ିଶାକୁ ସାରା ବିଶ୍ୱରେ ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ପ୍ରତିଷ୍ଠିତ କରିବା ଉପରେ ବୈଠକରେ ଜୋର ଦେଇଛନ୍ତି ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ । ଏଥିପାଇଁ ତଥ୍ୟ-ଆଧାରିତ ନିବେଶକ ଚୟନ, ଜିଲ୍ଲାସ୍ତରୀୟ ସଂସ୍ଥାଗୁଡ଼ିକ ମାଧ୍ୟମରେ ପ୍ରକଳ୍ପ ଅନୁଧ୍ୟାନ ଏବଂ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ ଉପରେ ସେ ଗୁରୁତ୍ୱ ଦେଇଥିଲେ । ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ହେମନ୍ତ ଶର୍ମା, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଶିଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଆବୋଲି ନରଭଣେଙ୍କ ସମେତ ଇପିକଲ୍‌ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।




# ଜିଲ୍ଲା ଯୋଗାଣ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର(ରା.ରି):ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ରାଜ୍ୟ ଯୋଗାଣ ନିଗମ ମିଳିତ ଆନୁକୂଲ୍ୟରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଆଜି ଲୋକସେବା ଭବନ କାନଭେନ ସେଣ୍ଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି ।

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଣ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ । ନିକଟରେ ରନ୍ଧନ ଗ୍ୟାସର କଳାବାଜରୀ ରୋକିବାରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନେ ପ୍ରାୟ ୮ ହଜାର ଗ୍ୟାସ ସିଲିଣ୍ଡର ଜବତ କରିଥିଲେ । ସେହିଭଳି ପେଟ୍ରୋଲ-ଡିଜେଲ କଳାବଜାରୀ କରିଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଖାଲି ସେତିକି ନୁହେଁ ଚାଷୀମାନଙ୍କଠାରୁ ଠିକଣା ସମୟରେ ସେମାନଙ୍କଠାରୁ ଧାନ ସଂଗ୍ରହ, ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜାରି ରଖିଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାରେ ଯୋଗାଣ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଥିଲେ । ସେହିଭଳି ଖାଉଟିମାନଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଖାଉଟି ଫୋରମ୍‌କୁ କାର୍ଯ୍ୟକ୍ଷମ କରାଯାଇଛି । ପ୍ରତି ବ୍ଲକ୍ ଓ ଜିଲ୍ଲା ସ୍ତରରେ ଏହାକୁ ତ୍ୱରାନ୍ୱିତ କରାଯାଇପାରିଲେ ସାଧାରଣ ନାଗରିକ ବିଶେଷ ଭାବେ ଉପକୃତ ହୋଇପାରିବେ । ସେହିଭଳି ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାକୁ ସଫଳ ରୂପାୟନ ଦିଗରେ ସେ ସମସ୍ତଙ୍କୁ ସହଯୋଗ ଲୋଡ଼ିଥିଲେ ।

ସେହିଭଳି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ନିଜ ଉଦ୍‌ବୋଧନରେ ସାଧାରଣ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ଦ୍ୱାରା ଲୋକମାନଙ୍କ ନିକଟରେ ସରକାରଙ୍କ ଆଭିମୁଖ୍ୟ ପହଞ୍ଚିପାରିବ ବୋଲି ସେ ମତ ଦେଇଥିଲେ । ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀମାନଙ୍କ ଇ-କେୱାଇସି ୯୬ ପ୍ରତିଶତ ଶେଷ ହୋଇଛି । ଏହାକୁ ଶତପ୍ରତିଶତ କରିବା ପାଇଁ ସମସ୍ତଙ୍କର ପ୍ରଚେଷ୍ଟା ଜାରି ରଖିବାକୁ ସେ କହିଥିଲେ । ସେହିଭଳି ୧୪୪ଟି ସୁଲଭ ମୂଲ୍ୟ ଦୋକାନରେ ଶତପ୍ରତିଶତ ଇ-କେୱାଇସି ଯାଞ୍ଚ ଶେଷ ହୋଇଛି ଓ ବାକିଥିବା ଅନ୍ୟ ସୁଲଭ ମୂଲ୍ୟ ଦୋକାନରେ ଏହି ପ୍ରକ୍ରିୟା ଶତପ୍ରତିଶତ ଛୁଇଁବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେହିଭଳି ଗତ ଖରିଫ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀମାନଙ୍କଠାରୁ ୭୮ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ ସହାୟତା ବାବଦକୁ ପ୍ରାୟ ୨୪ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ବିଭିନ୍ନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ବଜାରରେ ଉପଲବ୍ଧ କରାଇବାରେ ଯୋଗାଣ ଅଧିକାରୀମାନଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ । ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା କରିଥିବା ବେଳେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ସୁଦାମ ଚରଣ ମଣ୍ଡଳ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ପୁରନ୍ଦର ଧରୁଆ, ଶ୍ରୀ ଶ୍ରୀଧର ନାୟକ, ଯୋଗାଣ ନିଗମ ସାଧାରଣ ପରିଚାଳକ ଶ୍ରୀ ପ୍ରଭାତ ମହାପାତ୍ର, ଶ୍ରୀମତୀ ଏଲୋରା ସାମଲ, ଶ୍ରୀମତୀ ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ନିଜ ନିଜର ମନ୍ତବ୍ୟ ରଖିଥିଲେ ।

ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମ୍ମିଳନୀରେ ଧାନକିଣା, ଇ-କେୱାଇସି ଓ ମଣ୍ଡି ପରିଚାଳନାରେ ପ୍ରଯୁକ୍ତି ବିଦ୍ୟା ଉପଯୋଗ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜିଲ୍ଲାଗୁଡ଼ିକୁ ମନ୍ତ୍ରୀ ଶ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ । ଧାନସଂଗ୍ରହ କ୍ଷେତ୍ରରେ ବରଗଡ଼, କଳାହାଣ୍ଡି ଓ ଗଞ୍ଜାମ ଜିଲ୍ଲାକୁ ସମ୍ବର୍ଦ୍ଧିତ କରିଥିବାବେଳେ ଇ-କେୱାଇସି କରିବାରେ ସଫଳତା ହାସଲ କରିଥିବା ଜିଲ୍ଲା ଭାବେ ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ ଜିଲ୍ଲା, ଜିପିଏସ୍ ଆଧାରିତ ଗାଡ଼ି-ଟ୍ରାକିଂ ପାଇଁ ଝାରସୁଗୁଡ଼ା, ଭଦ୍ରକ, ସୁନ୍ଦରଗଡ଼ ଏବଂ ମଣ୍ଡି ପରିଚାଳନା ଆପ୍ ବ୍ୟବହାର ଦିଗରେ ଉତ୍କର୍ଷ ଲାଭ କରିଥିବା ସୁବର୍ଣ୍ଣପୁର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାକୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ସମ୍ମିଳନୀରେ ଧାନସଂଗ୍ରହ ଗୁଣବତ୍ତା, ଆକାଉଣ୍ଟସ୍, ସାଧାରଣ ବଣ୍ଟନ, ସାଧାରଣ ପରିଚାଳନା ଆଦି ପ୍ରସଙ୍ଗ ଉପରେ ଅଧିକାରୀମାନେ ଉପସ୍ଥାପନ କରିଥିଲେ । ସେହିଭଳି ଚାଷୀ ପଞ୍ଜିକରଣ ଓ ଯାଞ୍ଚ, ସାଧାରଣ ବଣ୍ଟନ, ସୁଲଭ ମୂଲ୍ୟ ଦୋକାନ ପରିଚାଳନା, ଇ-କେୱାଇସି ଯାଞ୍ଚ, ତଥ୍ୟ ଉପସ୍ଥାପନା, ଧାନ ସଂଗ୍ରହ ନୀତି ଆଦି ଉପରେ ବିଭିନ୍ନ ଜିଲ୍ଲାର ଯୋଗାଣ ଅଧିକାରୀମାନେ ସେମାନଙ୍କର ଉପସ୍ଥାପନା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଯୋଗାଣ ଅଧିକାରୀ, ରାଜ୍ୟ ଯୋଗାଣ ନିଗମ ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଉପ ଶାସନ ସଚିବ ଶ୍ରୀ ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




## ବିପଦ ସଂକୁଳ କାଠପୋଲ ଭରସାରେ ବିଅରପାଙ୍ଗାବାସୀ



ଘୁ.ଉଦୟଗିରି(ରା.ରି): ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କନ୍ଧମାଳଜିଲ୍ଲାଘୁ.ଉଦୟଗିରି ବ୍ଲକ ରାଇକଲା ପଞ୍ଚାୟତର ୧ ନମ୍ବର ୱାର୍ଡ ଅନ୍ତର୍ଗତ ବିଅରପାଙ୍ଗା ଗ୍ରାମର ଲୋକମାନେ ମୌଳିକ ଯାତାୟାତ ସୁବିଧାରୁ ବଞ୍ଚିତ ରହିଛନ୍ତି । ଗ୍ରାମକୁ ସଂଯୋଗ କରୁଥିବା ଏକମାତ୍ର ପୋଲ ଭାଙ୍ଗିବାକୁ ଦୀର୍ଘ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ମରାମତି କିମ୍ବା ପୁନଃନିର୍ମାଣ ହୋଇନଥିବାରୁ ଗ୍ରାମବାସୀ ଚରମ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି । ମୁଖ୍ୟ ରାସ୍ତାଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଅବସ୍ଥିତ ବିଅରପାଙ୍ଗା ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜଟି 'ତିତିଲି' ବାତ୍ୟା ସମୟରେ ଭାଙ୍ଗିଯାଇଥିଲା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବ୍ରିଜଟି ଦୁଇ ଫାଳ ହୋଇ ପଡ଼ିରହିଛି । ଫଳରେ ଗ୍ରାମବାସୀ ଦୈନିକ ଜୀବନରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବା-ଆସିବା, ରୋଗୀଙ୍କୁ ମେଡିକାଲ ନେବା, ଦୈନନ୍ଦିନ ବଜାର କାମ ଓ ଜରୁରୀ ସେବା ପାଇବାରେ ଗ୍ରାମବାସୀ ଅନେକ ଅସୁବିଧା ଭୋଗୁଛନ୍ତି । ଆମ୍ବୁଲାନ୍ସ ସେବା ଏହି ଗ୍ରାମ ପାଇଁ ସ୍ୱପ୍ନ ସଦୃଶ ହୋଇପଡ଼ିଛି । ଗ୍ରାମରେ ପ୍ରାୟ ୪୦ଟି ଆଦିବାସୀ ପରିବାର ବସବାସ କରୁଥିବା ବେଳେ ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷକାମ କରି ଜୀବିକା ନିର୍ବାହ କରୁଛନ୍ତି । କିନ୍ତୁ ଯାତାୟାତ ସୁବିଧା ନଥିବାରୁ ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି । ଗତବର୍ଷ ଏହି ସମସ୍ୟା ସମ୍ବନ୍ଧୀୟ ଖବର ଖବରକାଗଜ ଓ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ 'ବିଜୁ କନ୍ଧମାଳ ଓ ଗଜପତି ଯୋଜନା' ଅଧୀନରେ ବ୍ରିଜ ମରାମତି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । କିନ୍ତୁ ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ଗୋଟିଏ ଇଞ୍ଚ କାମ ମଧ୍ୟ ଆରମ୍ଭ ହୋଇନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି । ଗ୍ରାମବାସୀମାନେ ନିଜେ କାଠ ରଖି ଏକ ଅସ୍ଥାୟୀ ପୋଲ ତିଆରି କରିଛନ୍ତି । ସେହି କାଠ ପୋଲ ଉପରେ ଜୀବନକୁ ବାଜି ଲଗାଇ ଲୋକମାନେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି । ବର୍ଷା ଦିନରେ ପରିସ୍ଥିତି ଆହୁରି ଭୟଙ୍କର ହୋଇଯାଉଥିବାରୁ ଗ୍ରାମବାସୀ ଭୟ ଓ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି । ଏହି ପ୍ରସଙ୍ଗରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ କହିଛନ୍ତି ଯେ, ସେ ପ୍ରତ୍ୟେକ ବୈଠକରେ ଏହି ସମସ୍ୟାକୁ ଉଠାଇ ଆସୁଛନ୍ତି । ବୁଧବାର ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ମଧ୍ୟ ସେ ଏହି ବିଷୟ ଉଠାଇଥିବା କହିଛନ୍ତି । କିନ୍ତୁ ବ୍ରିଜ କେବେ ନିର୍ମାଣ ହେବ ତାହା ଅନିଶ୍ଚିତ ଥିବା ନେଇ ସେ ମତ ପ୍ରକାଶ କରିଛନ୍ତି । ଗତବର୍ଷ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଶୀଘ୍ର କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା କେବଳ ମିଥ୍ୟା ଆଶ୍ୱାସନାରେ ସୀମିତ ରହିଯାଇଥିବା ବୋଲି ସାଧାରଣରେ ଆଲୋଚନା ହେଉଛି ।

## ମାଓ କ୍ୟାମ୍ପରେ ପ୍ରେମ-ବିବାହ-ସନ୍ତାନ ଜନ୍ମ

ରାଉରକେଲା,(ରା.ରି): ଜଙ୍ଗଲ ହିଁ ଥିଲା ଠିକଣା । ଲାଲ୍‌ଗଡ଼ ସରଣ୍ଡାକୁ କରିଥିଲେ ଘର । ହାତରେ ବନ୍ଧୁକ । ମନରେ ବିପ୍ଳବର ନିଆଁ । ମାତିଥିଲେ ରକ୍ତପାତରେ । ସରକାରୀ ବ୍ୟବସ୍ଥା ବିରୋଧରେ ସ୍ୱର ଉଠାଉଥିଲେ । ସାଜିଥିଲେ ହିଂସା ପଥର ପଥିକ । କିନ୍ତୁ କୋଳକୁ ସନ୍ତାନ ଆସିବା ପରେ ବଦଳିଗଲା ଦୃଷ୍ଟିଭଙ୍ଗୀ । ହିଂସାର ପଥ ତ୍ୟାଗ କରିବାକୁ ପଣ କଲେ । ବନ୍ଧୁକ ଛାଡ଼ି ହଳ ଲଙ୍ଗଳ ଧରିବାକୁ ନିଷ୍ପତ୍ତି ନେଲେ । ମାଓ ଦମ୍ପତି ବିଜ ହାଁସଦା ଓରଫ୍ ଦର୍ଶନ (୩୬) ଓ ଶାନ୍ତି କୋଡ଼ା ଓରଫ୍ ବନ୍ଦନା (୨୦) ଅସ୍ତ୍ର ଛାଡ଼ି ମୁଖ୍ୟସ୍ରୋତକୁ ଫେରିବା ପଛର ମୁଖ୍ୟ କାରଣ ସେମାନଙ୍କର ନବଜାତ ଛୁଆ ବୋଲି ଜଣାପଡ଼ିଛି ।ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲା ଛୋଟାନାଗରା ଥାନା ହାତନାବୁରୁ ଗ୍ରାମର ନିବାସୀ ଦର୍ଶନ । ସେହିପରି ଗୋଏଲକେରା ଥାନା ଅନ୍ତର୍ଗତ ହାତୀବୁରୁ ଗ୍ରାମରେ ବନ୍ଦନାଙ୍କ ଘର । ପ୍ରାୟ ୧୦ ବର୍ଷ ପୂର୍ବେ ମାଓ ସଂଗଠନରେ ସାମିଲ ହୋଇଥିଲେ ଦର୍ଶନ । ମାଓନେତା ମିସିର ବେସ୍ରାଙ୍କ ସେ ଥିଲେ ଖାସ୍ ସହଯୋଗୀ । ସବ୍‌ଜୋନାଲ କମିଟି (ଏସ୍‌ଜେଡ୍‌ସି) ସଦସ୍ୟ ଥିବା ଦର୍ଶନ ଏସ୍‌ଏଲ୍‌ଆର ବନ୍ଧୁକ ଧରି ସରଣ୍ଡାରୁ କୋହ୍ଲାନ ଏବଂ ପୋଡ଼ାହାଟ ଜଙ୍ଗଲରେ ଖେଳାଇଥିଲେ ଆତଙ୍କ । ତାଙ୍କୁ ଧରିବାକୁ ନାକେଦମ ହୋଇ ପଡ଼ିଥିଲା ଝାଡ଼ଖଣ୍ଡ ପୁଲିସ୍ । ୩ ବର୍ଷ ପୂର୍ବେ ବନ୍ଦନା ମଧ୍ୟ ମାଓ ସଂଗଠନରେ ସାମିଲ ହୋଇଥିଲେ । ଆର୍ମ୍ସ କ୍ୟାଡର ଭାବେ ମହିଳା ସଂଗଠନର ନେତୃତ୍ୱ ନେଉଥିଲେ । ହେଲେ ମାଓହିଂସା, ରକ୍ତପାତ ଭିତରେ ଦର୍ଶନ-ବନ୍ଦନା ନିକଟତର ହେଲେ । ଦୁହିଁଙ୍କ ମଧ୍ୟରେ ଗଢ଼ି ଉଠିଲା ପ୍ରେମ ସମ୍ପର୍କ । ମାଓ କ୍ୟାମ୍ପରେ ସେମାନେ ପରସ୍ପରର ହାତ ଧରିଲେ । ୬ ମାସ ତଳେ ଉଭୟଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ଗୋଟିଏ ପରେ ମାଓ ନିପାତ ଅଭିଯାନ ଏବଂ ଅନ୍ୟପଟେ ଛୁଆର ଭବିଷ୍ୟତ । ଏଭଳି ଦ୍ୱନ୍ଦ୍ୱ ଓ ଆଶଙ୍କାରେ ଥିବାବେଳେ ଆତ୍ମସମର୍ପଣ ଆଡ଼କୁ ଢଳିଥିଲେ ମାଓ ଦମ୍ପତି । ସନ୍ତାନ ପ୍ରତି ମମତା ଓ ହିଂସାର ଲଢ଼େଇରେ ଜିତିଗଲା ମମତା । ୬ ମାସର ଛୁଆକୁ ଧରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସ୍ଥିର କଲେ ଦର୍ଶନ ଏବଂ ବନ୍ଦନା । ଗତ ଗୁରୁବାର ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ୨୭ ମାଓବାଦୀଙ୍କ ମଧ୍ୟରେ ଅଛନ୍ତି ଏହି ଦମ୍ପତି । ଦର୍ଶନ ଓ ବନ୍ଦନା କହିଛନ୍ତି, ଦୁହେଁ ଗାଁକୁ ଫେରିବେ ।



## ମ୍ୟାଲେରିଆ ନିରାକାରଣ ପାଇଁ ତାଲିମ୍ ଶିବିର

ବାଲିଗୁଡା, (ରା.ରି): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ବାରଖାମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ଠାରେ ବାରଖମା ଏବଂ କ.ନୂଆଗାଁ ଦାୟିତ୍ୱ ରେ ଥିବା ଜିଲ୍ଲା ଭେକ୍ଟ ଭାଇଟା ନିୟନ୍ତ୍ରଣ ତଦାରଖ କାରୀ ସମୀର କୁମାର ପଟନାୟକ ଙ୍କ ନେତୃତ୍ୱରେ ଦିନିକିଆ ଏ ସି ଏମ ଛିଞ୍ଚାନ ତାଲିମ୍ ଶିବିର ଅନୁଷ୍ଠିତ



ହୋଇଯାଇଛି । ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳର ଆଠ ଗୋଟି ଗ୍ରାମପଞ୍ଚାୟତର ମ୍ୟାଲେରିଆ ପ୍ରବଣ ଗ୍ରାମରେ ଏ ସି ଏମ ଛିଞ୍ଚନ ବିଷୟରେ ଫୁଲବାଣୀ ହେଡକ୍ୱାଟର ରୁ ଆସିଥିବା ଜିଲ୍ଲା ଭେଟନାର ଭାଇଟର ରୋଗ ନିୟନ୍ତ୍ରଣ ପରାମର୍ଶ ଦାତା ସୁଜିତ କୁମାର କାର୍ଜି, ଡ.ବଦ୍ରି ନାରାୟଣ ସାମଲ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ବାରଖମା, ଲେପ୍ରସୀ କର୍ମଚାରୀ ମନୋଜ ପାତ୍ର, ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଣୀ ଶ୍ରୀମତୀ ମାରିୟମ ଡିଗାଲ ପ୍ରମୁଖ ଯୋଗ ଦେଇ ପ୍ରାଞ୍ଜଳ ଭାବରେ ସ୍ପ୍ରେ ୱାର୍କେର ମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ । ପ୍ରଥମେ ଏକ ଲିଟର ପାଣିରେ ୨. ୫୦ ଗ୍ରାମ ଏ ସି ଏମ ମିଶ୍ରଣ କରି ୯ ଲିଟର ଥିବା ବାଲଟିଏ ପାଣିରେ ମିଶ୍ରଣ କରି , ଶୋଇବା କଠୋରୀ, ଅନ୍ଧାର ସ୍ଥାନ ଯେଉଁଠିକି ମଶା ରହିବା ସ୍ଥାନ ସେହି ସ୍ଥାନ ମାନଙ୍କରେ ଏ ସି ଏମ ସ୍ପ୍ରେ କରିବାକୁ କୁହାଯାଇଥିଲା । ଏକ ମିନିଟି ରେ ୨୫ ଥର ପମ୍ପିଙ୍ଗ କରିବା, କାନ୍ଥରେ ଦେଢଫୁଟ ଦୂରତାରେ ରହି ଛିଞ୍ଚନ କରିବା, କୈଣସି ଚଟାଣ ରେ କିମ୍ବା ବାରଣ୍ଡା ଏ ସି ଏମ୍‌ା କୁ ମିଶ୍ରଣ ନ କରି ବେନର କିମ୍ବା ପଲିଥିନ ଉପରେ ମିଶ୍ରଣ କରିବା ଏହିପରି ଭାବରେ ନିଜର କିମ୍ବା ଅନ୍ୟ କାହାର କ୍ଷତି ନ କରି କେବଳ ମଶା ମାନଙ୍କ ଶୁଣ୍ଡକୁ ଅକାମି କରି ମ୍ୟାଲେରିଆ ରୁ ମୁକ୍ତ ରହିବାକୁ ତାଲିମ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅଙ୍ଗନୱାଡି, ଆଶାଦିଦି, ଏବଂ ଓରଦା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବନଶ୍ରୀ କଳାସାଂସ୍କୃତିକ ଯୁବ ପରିଷଦ,କୁମ୍ଭାର ମୁଣ୍ଡା ଦାରିଙ୍ଗବାଡି,ଅନୁଷ୍ଠାନ, ର ସ୍ୱେଚ୍ଛାସେବୀ ଉକ୍ତ ତାଲିମ୍ କାର୍ଯ୍ୟକ୍ରମ ରେ ସାମିଲ ଥିଲେ । କ୍ରିଷ୍ଣା ଚନ୍ଦ୍ର ଦିଗାଳ (ବୁଲୁ) ଙ୍କ ନେତୃତ୍ୱ ରେ ୧୬ ଜଣ ସ୍ୱେଚ୍ଛାସେବୀ ଚଳିତ ମାସ ୨୫ ତାରିଖ ଠାରୁ ୨୭ ତାରିଖ ତିନି ଦିନ ଧରି ଉକ୍ତ ଛିଞ୍ଚନ କାର୍ଯ୍ୟକ୍ରମ ରେ ଲିପ୍ତ ରହି ମ୍ୟାଲେରିଆ ମୁକ୍ତ କନ୍ଧମାଳ ଗଠନ କରିବାକୁ

## ନିର୍ମାଣ ବିଭାଗର ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ

# ନିର୍ମାଣରେ ଗୁଣବତ୍ତା ଏବଂ ସମୟ ଅବଧି ପରିସମାପ୍ତି ଉପରେ ଗୁରୁତ୍ୱ

ଭୁବନେଶ୍ୱର (ରା.ରି):ରାସ୍ତାଘାଟ, କୋଠାବାଡ଼ି ଏବଂ ସେତୁ ନିର୍ମାଣ ସହ ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବାରେ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ନିର୍ମାଣ କ୍ଷେତ୍ରରେ କାର୍ଯ୍ୟର ଗୁଣବତ୍ତାକୁ ଗୁରୁତ୍ୱ ଦେବା ସହ ସମୟ ଅବଧି ମଧ୍ୟରେ କାର୍ଯ୍ୟ ପରିସମାପ୍ତି କାର୍ଯ୍ୟର ସଫଳତାକୁ ସୂଚାଇ ଥାଏ । ତେଣୁ ଇଂଜିନିୟରମାନେ ପ୍ରତ୍ୟେକ ନିର୍ମାଣ କ୍ଷେତ୍ରରେ ଓଡ଼ିଶାର ସ୍ୱାତନ୍ତ୍ର୍ୟକୁ ପ୍ରଦର୍ଶିତ କରିବା ଭଳି କାର୍ଯ୍ୟ କରିବା ପାଇଁ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ହଲ୍ ପରିସରରେ ନିର୍ମାଣ ବିଭାଗର ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିର୍ମାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ପୁରୀ ଐତିହ୍ୟ ପ୍ରକଳ୍ପଠାରୁ ଆରମ୍ଭ କରି ଏସ୍‌ସିବିର କ୍ଲିନିକାଲ୍ ଓ ରେସିଡେନ୍‌ସିଆଲ୍ କମ୍ପ୍ଲେକ୍ସ, ମହିମା ଗାଦି ମନ୍ଦିର ପ୍ରକଳ୍ପ, ବ୍ରାହ୍ମଣୀ ଓ ବୈତରଣୀ, ମହାନଦୀରେ ହାଇଲେବୁଲ୍ ସେତୁ ନିର୍ମାଣ ଆଦି ପ୍ରକଳ୍ପ ରାଜ୍ୟ ବିକାଶର ଗୋଟିଏ ଗୋଟିଏ ବୃହତ୍ ଅଙ୍ଗ ସଦୃଶ । ଏହାର ସଫଳ ପରିସମାପ୍ତି କେବଳ ସରକାରଙ୍କ ପାଇଁ ନୁହେଁ, ବରଂ ରାଜ୍ୟବାସୀଙ୍କ ପାଇଁ ବଡ଼ ଉପଲବ୍ଧି । ତେଣୁ ଏହିସବୁ କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ କେବେହେଲେ ବରଦାସ୍ତ କରାଯିବ ନାହିଁ । ସରକାରୀ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ହେଉ କିମ୍ବା ଠିକା ସଂସ୍ଥା ଦ୍ୱାରା ଅଯଥା ବିଳମ୍ବ ହେବା ନେଇ ସମସ୍ତ




ଅଭିଯୋଗ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି । ଏହି କ୍ରମରେ ଏସ୍‌ସିବିର କ୍ଲିନିକାଲ୍ ଓ ରେସିଡେନ୍‌ସିଆଲ୍ କମ୍ପ୍ଲେକ୍ସ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାକୁ କାର୍ଯ୍ୟରେ ବିଳମ୍ବ ପାଇଁ ଚେତାବନୀ ଦିଆଯିବା ସହ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ନହଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ପୁରୀ ବାସେଳି ସାହି ଧର୍ମଶାଳାର ନିର୍ମାଣ, ଦିଗବାରେଣୀ ଓ ସମଙ୍ଗ ପାର୍କ, ରେଭେନ୍ସା ବାଳିକା ହଷ୍ଟେଲ ନିର୍ମାଣ, ଭୁବନେଶ୍ୱରସ୍ଥିତ ବିଧାୟକ କୋଠା, ଟାଇପ୍-୪, ଟାଇପ୍-୨ ଆବାସିକ କମ୍ପ୍ଲେକ୍ସ, ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ, ସାରଳା ମନ୍ଦିର ଉନ୍ନୟନ ପ୍ରକଳ୍ପ, ମହିମା ମନ୍ଦିର ଉନ୍ନୟନ ପ୍ରକଳ୍ପ, ଯାଜପୁର ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ସମେତ ନିର୍ମାଣ ବିଭାଗ ଅଧୀନରେ ଥିବା ୧୦ଟି ରାସ୍ତା, ୯ଟି ସେତୁ, ୮ଟି ବିଲ୍ଡିଂ ସମେତ ଓବିସିସିର ୨୦ଟି ପ୍ରକଳ୍ପ ନିର୍ମାଣର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ୱାମିସ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅନ୍‌ଲାଇନ୍ ଆପ୍ଲିକେସନ୍‌ର ସଦୁପଯୋଗ ସହ ବିଭିନ୍ନ ବିଭାଗ ସହ ଆବଶ୍ୟକ ସମନ୍ୱୟ ରକ୍ଷାକରି ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବା ଉପରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅନୁପମ୍ ସାହା, ସ୍ୱତନ୍ତ୍ର ଶାସନ ସଚିବ ଇଂ. ଏଲ୍.କେ. ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ଡିଜାଇନ୍, ପ୍ଲାନିଂ, କୋଅର୍ଡିନେସନ୍) ଇଂ ସମୀର ହୋତା, ଇଆଇସି (ରୋଡସ୍) ଇଂ ଧ୍ୟାନଚାନ୍ଦ ନାୟକ, ଉପଦେଷ୍ଟା ଶ୍ରୀ ଜେ.କେ. ଦାସ, ମୁଖ୍ୟଯନ୍ତ୍ରୀ, ଜାତୀୟ ରାଜପଥ ଇଂ ନାରାୟଣ ପଟେଲ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦ, ଅର୍ଥ ପରାମର୍ଶଦାତା ଶ୍ରୀ ରତୀକାନ୍ତ ମହାପାତ୍ର, ଯୁଗ୍ମ ଶାସନ ସଚିବ ଶ୍ରୀ ଦୀପ୍ତିରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ଜୋନ୍‌ର ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ ।

## ବାଲିଗୁଡାରେ ଗ୍ରୀଷ୍ମ ପ୍ରବାହ ବଢୁଛି : ବିଦ୍ୟୁତ ର ଲୁଚକାଳି ଖେଳ ରେ ଜନ ଅସନ୍ତୋଷ

ବାଲିଗୁଡା, (ରା.ରି): କନ୍ଧମାଳ ଜିଲ୍ଲା ସମେତ ସମଗ୍ର ଦକ୍ଷିଣ ଓଡ଼ିଶାରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ବିଶେଷକରି ବାଲିଗୁଡା ଓ ଏହାର ଆଖପାଖ ଅଞ୍ଚଳରେ ସୂର୍ଯ୍ୟଙ୍କ ପ୍ରକୋପ ଅସହ୍ୟ ହୋଇପଡ଼ିଛି । ଚଳିତ ସପ୍ତାହରେ ଏଠାରେ ସର୍ବୋଚ୍ଚ ତାପମାତ୍ରା



ପ୍ରାୟ ୪୨ ଡିଗ୍ରୀ ସେଲସିୟସରୁ ଅଧିକ ରେକର୍ଡ କରାଯାଇଛି । ସକାଳ ୮ଟା ବାଜିବା ମାତ୍ରେ ତାତି ଏତେ ବଢ଼ିଯାଉଛି ଯେ ଘରୁ ବାହାରିବା ମଧ୍ୟ କଷ୍ଟକର ହୋଇପଡୁଛି । ଏପରି ସ୍ଥଳେ ଦିନ ତମାମ ବିଦ୍ୟୁତ ର ଲୁଚକାଳି ଖେଳ ଜନସାଧାରଣ ଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି । ଅସହ୍ୟ ତାତି ଓ ଗରମ ପବନ ଉତ୍ତର-ପଶ୍ଚିମ ଦିଗରୁ ଆସୁଥିବା ଯୋଗୁଁ ବାଲିଗୁଡା ରେ ଲୁ'ର ପ୍ରଭାବ ଦେଖିବାକୁ ମିଳୁଛି । ଦ୍ୱିପ୍ରହର ସମୟରେ ରାସ୍ତାଘାଟ ସମ୍ପୂର୍ଣ୍ଣ ଶୂନଶାନ ହୋଇଯାଉଛି । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏହି ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏହିପରି ପ୍ରବଳ ଗରମ ଜାରି ରହିବ ବୋଲି ଅନୁମାନ କରାଯାଉଛି । ପ୍ରବଳ ଖରା ଓ ଗରମ ଯୋଗୁଁ ସ୍ଥାନୀୟ ବ୍ୟବସାୟ ଓ ଦୈନିକ ମଜୁରିଆଙ୍କ ଜୀବିକା ଗଭୀର ଭାବେ ପ୍ରଭାବିତ ହୋଇଛି । ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଲୋକମାନେ ଛତା, ଠେକା ଏବଂ ପ୍ରଚୁର ପାଣି ବ୍ୟବହାର କରୁଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଜରୁରୀ କାର୍ଯ୍ୟ ନଥିଲେ ଦ୍ୱିପ୍ରହର ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଖରାରେ ବାହାରକୁ ନ'ବାହାରିବା ପାଇଁ ଅନୁରୋଧ କରା ଯାଇଛି । ଏହା ସହିତ ଶରୀରକୁ ସୁସ୍ଥ ରଖିବା ପାଇଁ ଅଧିକ ପରିମାଣରେ ପାଣି, ଦହି, ତୋରାଣି ଏବଂ ଓଆରଏସ ପିଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

## କନ୍ଧମାଳ ର ନୂଆ ଆରକ୍ଷୀ ଅଧିକ୍ଷକ ହେଲେ ରମେନ୍ଦ୍ର ପ୍ରସାଦ

କନ୍ଧମାଳ(ରା.ରି): ରାଜ୍ୟ ସରକାର ଙ୍କ ଗୃହ ବିଭାଗ ପକ୍ଷରୁ ଆଇପିଏସ ସ୍ତରରେ ଏକ ବଡ଼ ଧରଣର ଅଦଳ ବଦଳ କରାଯାଇଛି । ରାଜ୍ୟରେ ୧୮ ଜଣ ଆଇପିଏସ ଓ ଓପିଏସ ମାନଙ୍କୁ ବିଭିନ୍ନ ଭିଭାଗରେ ନିଯୁକ୍ତି ଦିଆଯାଇଛି । ସେହିପରି କନ୍ଧମାଳ ଜିଲ୍ଲା ରେ ନୂଆ ଆରକ୍ଷୀ ଅଧିକ୍ଷକ ରୂପେ ରମେନ୍ଦ୍ର ପ୍ରସାଦ ଙ୍କୁ ନୂତନ ନିଯୁକ୍ତି ମିଳିଛି | କନ୍ଧମାଳ ଏସପି ହରିଶ ବିଶି ଙ୍କୁ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭାବେ ବଦଳି ହୋଇଛନ୍ତି | ନୂତନ ଭାବେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହୋଇ ଥିବା ୨୦୨୨ ବ୍ୟାଚ ଆଇପିଏସ ଅଧିକାରୀ ରମେନ୍ଦ୍ର ପ୍ରସାଦ ବର୍ତ୍ତମାନ ରାୟଗଡା ଅତିରିକ୍ତ ଏସପି ଭାବେ କାର୍ଯ୍ୟ ତୁଲାଉ ଥିଲେ | କନ୍ଧମାଳ ଏସପି



ହରିଶବିଶି ଜିଲ୍ଲା ରେ ମାଓବାଦୀ ଦମନ, ଚୋରା ଗଞ୍ଜେଇ ଚାଲାଣ, ଆଇନ ଶୃଙ୍ଖଳା ଭଳି ବିଭିନ୍ନ ଉଲେଖନୀୟ କାର୍ଯ୍ୟ ସମ୍ପାଦନ କରିଛନ୍ତି | ସେହିପରି କନ୍ଧମାଳ ଜିଲ୍ଲା ରେ ନୂତନ ଭାବେ ନିଯୁକ୍ତି ପାଇଥିବା ଶ୍ରୀ ରମେନ୍ଦ୍ର ପ୍ରସାଦ ବାଲିଗୁଡା ଏସଡିପିଓ ଭାବେ ପ୍ରଥମ ନିଯୁକ୍ତି ପାଇ ଉପଖଣ୍ଡ ରେ ଆଇନ ଶୃଙ୍ଖଳା, ସାଇବର କ୍ରାଇମ ରୋକିବା, ଚୋରା ଗଞ୍ଜେଇ କାରବାରକୁ ରୋକ ଲଗାଇବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ଜନସାଧାରଣ ଙ୍କ ଆସ୍ଥାଭାଜନ ହୋଇ ପାରିଥିଲେ | ପରେ ପରେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଏସପି ଭାବେ ମଧ୍ୟ କାର୍ଯ୍ୟ ତୁଲାଇଛନ୍ତି |

## କୋଟଗଡ଼ ବ୍ଲକ ଦୁର୍ନୀତିର ଆଉ ଏକ ଅଧ୍ୟାୟ

# ଏ ଡିଓ ଓ ବ୍ଲକ ପ୍ରଶାସନର ମଧୁଚନ୍ଦ୍ରିକା

ବାଲିଗୁଡା -(ରା.ରି):ମୋତେ ଯେତେ ମାଠିବୁ ମାଠେ ମୁଁ ସେହି ଦରପୋଡା କାଠ ଭଳି କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ରେ ଦୁର୍ନୀତି ଥମିବାର ନାଁ ନେଉନାହିଁ । ଏଠି ସବୁ କମିସନ ଓ ପିସି ରେ କାରବାର ର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । କୋଟଗଡ଼ ବ୍ଲକ ରେ ଏ ଡି ଓ ଓ ଭେଣ୍ଡର ମାନଙ୍କ ମଧୁଚନ୍ଦ୍ରିକା ରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା




ଅଭିଯୋଗ ହୋଇଛି । ଏହି ଦୁର୍ନୀତି କୁଆଡେ କୋଟଗଡ଼ ବ୍ଲକ ବିଡିଓ ନାକ ନିଶ ତଳେ ଚାଲିଥିବା ଅଭିଯୋଗ ହୋଇଛି । ଏହି ଦୁର୍ନୀତିର ପ୍ରଥମ ପାହାଚ ଏଡିଓ ଦିବାକର ନାୟକ । ବୋଧହୁଏ ସବୁଠାରୁ ବଡ଼ କୋଟିପତି କର୍ମଚାରୀ । ୧ ନଂମ୍ବର ରେ ଦିବାକର ଥିବାବେଳେ ଅନ୍ୟ ଏଡିଓ ତା ତଳକୁ ତଳ । ସରକାରୀ ନିୟମ ଅନୁସାରେ । ସରକାରୀ କର୍ମଚାରୀ ବା ସେ ବ୍ଲକ ରେ କର୍ମରତ ଥିବା କର୍ମଚାରୀ ଙ୍କ ପରିବାର ବା ସଂପର୍କୀୟ କୈଣସି ଭେଣ୍ଡର ବା ଗାଁ ସାଥି ରହିପାରିବେ ନାହିଁ । କିନ୍ତୁ ଏଡିଓ ଦିବାକର ନାୟକ ଙ୍କ ପିତା ନାୟକ ଟେଟ୍ରସ୍ ନାମରେ ଭେଣ୍ଡର ଚଳାଇଛନ୍ତି । ଦିବାକର ଥିବା ପଞ୍ଚାୟତ ବ୍ୟତୀତ ଅନ୍ୟାନ୍ୟ ପଞ୍ଚାୟତ ମାନଙ୍କରେ ହେଉଥିବା କାର୍ଯ୍ୟ ର ଟଙ୍କା ମଧ୍ୟ ନାୟକ ଟେଟ୍ରସ୍ କୁ ଆସୁଛି । ଯାହାକି ଦିବାକର ବାଧ୍ୟତାମୂଳକ ଭାବେ ଆଣୁଛନ୍ତି । କମିସନ ବାବଦକୁ ଶତକଡା ୫% ଓ ଟଙ୍କା ଉଠେଇ ଠିକାଦାର ଙ୍କୁ ଦେଉଛନ୍ତି ବୋଲି ଆଉ ଶତକଡା ୫% ।ସମୁଦାୟ ଶତକଡା ୧୦% କଟୁଛି ମାନେ ୧କୋଟିରେ ଟଙ୍କା ୧୦୦୦୦୦୦/- ( ଦଶ ଲକ୍ଷ) ବସିଥାଇ ନିଜର । ଚିନ୍ତା କରନ୍ତୁ ବାପ ପୁଅ କେମିତି ଲୁଟୁଛନ୍ତି । ଏହି ବାପ ପୁଅ ଓ ନାୟକ ଟେଟ୍ରସ୍ ଉପରେ ବ୍ଲକ ପ୍ରଶାସନ ର ନଜର ଅଛି କି ନାହିଁ ତାହା ସଂଦେହ ସୃଷ୍ଟି ହୋଇଛି । ଏହି ନାୟକ ଟେଟ୍ରସ୍ ର ଜି ଏସ୍ ଟି ଅଛି କି ନାହିଁ ଆୟକର ଟି ରିଟର୍ନ ହେଉଛି କି ନାହିଁ ଓ ବଡ କଥା ଅଡିଟ୍ ହେଉଛି କି ନାହିଁ । ଯଦି ହେଉଛି ସାର୍ବଜନୀନ କରାଯାଉ, ଯଦି ହେଉ ନାହିଁ କାହିଁକି ହେଉ ନାହିଁ ଓ ଏହି ନାୟକ ଟେଟ୍ରସ୍ ସହିତ ପ୍ରଶାସନ ର କି ମଧୁଚନ୍ଦ୍ରିକା ରହୁଛି ଯେ ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ଚୁପ୍ ହୋଇଛନ୍ତି । ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସାପେକ୍ଷ । ଏହି ଖବର ପ୍ରକାଶ ପାଇବା ପରେ ଜନସାଧାରଣ ଖୁସି କିନ୍ତୁ ପ୍ରଶାସନ ପକ୍ଷରୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଦେଖିବାକୁ ବାକି ରହିଲା ।

# ମାଲକାନଗିରିରେ ଜାପାନର ମିଆଜାକି ଆମ୍ବ ଚାଷ

ମାଲକାନଗିରି(ରା.ରି): ଆମ୍ବକୁ ଫଳର ରାଜା କୁହାଯାଏ । ଭଳିକି ଭଳିକି ଆମ୍ବ ପାଇଁ ଭାରତ ପ୍ରସିଦ୍ଧ, ଏହା ମଧ୍ୟରେ ଜାପାନର ମିୟାଜାକି ଆମ୍ବ କେବଳ ରଙ୍ଗ, ସ୍ୱାଦୁ ପାଇଁ ନୁହେଁ ଏହାର ଚଢ଼ାମୂଲ୍ୟ ନିମନ୍ତେ ମଧ୍ୟ ଚହଳ ସୃଷ୍ଟି କରିଛି । ଗୋଟିଏ ଗୋଟିଏ ଆମ୍ବର ଓଜନ ପ୍ରାୟ ୧ କିଲୋଗ୍ରାମ ରହିଥିବା ବେଳେ ଭାରତ ବଜାରରେ ଏହା କିଲୋଗ୍ରାମ ପିଛା ୩ହଜାରରୁ ୧୦ ହଜାର ଟଙ୍କା ଯାଏଁ ରହିଛି । ଏବେ ଏହି ମୂଲ୍ୟବାନ ଆମ୍ବ ଚାଷ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାର ଦକ୍ଷିଣ ସୀମା ମାଲକାନଗିରିରେ ପହଞ୍ଚିଛି । ମାଲକାନଗିରିରେ ଏହି ଆମ୍ବ କିଭଳି ପହଞ୍ଚିଲା ତା'ର କାହାଣୀ ଯେପରି ରୋଚକ, ଆମ୍ବର ଚାଷ ଓ ସୁରକ୍ଷା ପାଇଁ ଏହାର ମାଲିକଙ୍କ ଦେହଗଞ୍ଜର କାହାଣୀ ସେଭଳି ଚମକପ୍ରଦ ଅଟେ ।

ମାଲକାନଗିରି ତମସା ଗାଁର ଦେବା ମାଡକାମୀ ଏହି ମିଆଜାକି ଆମ୍ବ ଚାଷ କରିଛନ୍ତି । ଚାରି ବର୍ଷ ତଳେ ମାଲକାନଗିରିର ସର୍ବ କୁମାର ବିଷୋୟୀ ନାମକ ବ୍ୟକ୍ତି ତାଂକୁ ଏହି ବୃକ୍ଷର ଚାରା ପ୍ରଦାନ କରିଥିଲେ । ଶ୍ରୀ ବିଷୋୟୀ 'ସାରା ଓଡିଶା'ର ସଂଯୋଜକ ଅଟନ୍ତି । ଏହି ଚାରା ସେ ଭୁବନେଶ୍ୱରରୁ ପାଇଥିଲେ । ତେବେ ନିଜ ବାଡ଼ିରେ ସ୍ଥାନର ଅଭାବ ଥିବାରୁ ଏହି ବୃକ୍ଷଚାରାକୁ ଦେବାଙ୍କୁ ଦେଇ ବଗିଚାରେ ଲଗାଇବାକୁ ପ୍ରବର୍ତ୍ତାଇଥିଲେ । ସୁନା ଠାରୁ ବି ଅଧିକା ମୂଲ୍ୟବାନ ହୋଇଥିବାରୁ ଦେବା ଏହି ଗଛକୁ ନିଜେ ସୁରକ୍ଷା ପ୍ରଦାନ କରୁଛନ୍ତି । ପ୍ରତିଦିନ ଆମ୍ବକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି । କାଳେ କେହି ନିକଟକୁ ଆସି ଆମ୍ବ ତୋଳି ନେଇଯିବେ ଏହି



ଭୟ ମଧ୍ୟ ଲାଗିରହିଛି, ଏଣୁ ଦୂରରୁ ଲୋକଙ୍କୁ ଠିଆ କରି ଆମ୍ବକୁ ଦେଖିବାକୁ କୁହାଯାଉଛି । ଆମ୍ବ ଗଛ ଚାରିପଟେ ବାଡ଼ ଦେବା ସହ କୌଣସି ବ୍ୟକ୍ତିକୁ ବାଡରେ ପଶିବାକୁ ମନା କରାଯାଉଛି । ତେବେ ଜିଲ୍ଲାରେ କିମ୍ବା ସାରା ଓଡିଶାରେ ଏହି ଆମ୍ବ କିଣିବା ପାଇଁ ସକ୍ଷମ ଲୋକଙ୍କ ଅଭାବ ଥିବାରୁ ଏବେ ଏହି ଆମ୍ବକୁ ଦେବା କେଉଁଠି ବିକ୍ରି କରିବେ ଜାଣିପାରୁ ନାହାନ୍ତି । ମାଲଭୂମୀ ଅଂଚଳରେ ଏହି ଆମ୍ବ ଫଳିଥିବାରୁ ଆଗାମୀ ଦିନରେ ମଧ୍ୟ ଏହି ଆମ୍ବ ଗଛକୁ ଜିଲ୍ଲାର ବିଭିନ୍ନ ଅଂଚଳରେ ମଧ୍ୟ ଫଳାଯାଇପାରିବ ବୋଲି କୁହାଯାଇଛି ।

ସାରା ବଗିଚାକୁ ସୁରକ୍ଷା ଦେବା ପାଇଁ ୯ଟି ହିଂସ୍ର ଜାତିର କୁକୁର ପାଳିଛନ୍ତି । ଏହି ଆମ୍ବ ଚୋରି ହେବାର ଭୟ ରହିଥିବାରୁ ଦେବା ଦିନରାତି ଏକ କରି ଜଗ ରହିଛନ୍ତି । ଏବେ ଆମ୍ବ ପାଚିବା ଆରମ୍ଭ କରିଛି । ଆଗାମୀ ଦିନରେ ଏହି ଆମ୍ବକୁ ଆହୁରି ବଢାଇବା ପାଇଁ ସ୍ଥିର କରିଥିଲେ ମଧ୍ୟ ଏହାର ସୁରକ୍ଷା ଏବଂ ବିକ୍ରି ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି ବୋଲି ଦେବା କହିଛନ୍ତି ।

ସୂଚନାଯୋଗ୍ୟ, ଜାପାନରେ ଏହି ଆମ୍ବ ଫଳୁଥିବାରୁ ସେଠାରେ ଏହି ଆମ୍ବକୁ ଜାପାନୀ ଭାଷାରେ ତାୟୋଗ-ନୋ-ତମାଗୋ ବା ଏଗ୍ ଅଫ ସନ୍ ଅର୍ଥାତ ସୂର୍ଯ୍ୟଙ୍କର ଅଣ୍ଡା ବୋଲି କୁହାଯାଏ । ଜାପାନର ଆମ୍ବର ଦର କିଲୋଗ୍ରାମ ପିଛା ଅଢ଼େଇ ଲକ୍ଷରୁ ୩ଲକ୍ଷ୍ୟ ରହିଛି । ଏହା ଦେଖିବାକୁ ଲାଲ୍ । ଦେଶର ଦୁଇ ତିନୋଟି ସ୍ଥାନରେ ହିଁ ଏହି ବିରଳ ପ୍ରଜାତିର ଆମ୍ବ ଗଛ ରହିଥିବା ଜଣାଯାଏ । ମଧ୍ୟପ୍ରଦେଶର ଜବଲପୁର ଠାରେ ଏହି ପ୍ରଜାତିର ଆମ୍ବ ବଗିଚା ରହିଛି ।

## ବିପଦକୁ ନିମନ୍ତ୍ରଣ କରୁଛି : ଜାତୀୟ ରାଜପଥ ଓ ମୁଖ୍ୟ ବଜାର ମଧ୍ୟରେ ବିପଦପୂର୍ଣ୍ଣ ଶୁଖିଲା ଆମ୍ବ ଗଛ

ବାଲିଗୁଡା,(ରା.ରି): କନ୍ଧମାଳ ଜିଲ୍ଲା ବାଲିଗୁଡା ଟାଉନ ର ମୁଖ୍ୟ ବଜାର ତଥା ଜାତୀୟ ରାଜପଥ କଡରେ ଏକ ଶୁଖିଲା ଆମ୍ବଗଛ ରହିଛି । ଏହି ଗଛଟି ତହସିଲଦାର ଙ୍କ ବାସଭବନକୁ ଲାଗି ରହିଛି । ଏହି ଗଛଟି ପ୍ରାୟ ଏକବର୍ଷ ହେବ ଏହିଭଳି ଶୁଖିଲା ହୋଇ ରହିଛି । ଗଛରୁ ଶୁଖିଲା ଡାଳ ପଡିଥାଉଛି । ଉକ୍ତ ଗଛ ଥିବା ଅଞ୍ଚଳ ମୁଖ୍ୟ ବଜାର ହୋଇଥିବା ଏବଂ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ରହିଥିବାରୁ ପ୍ରତ୍ୟେକ ଦିନ ଶହଶହ ଜନସାଧାରଣ ଯାତାୟତ କରିଥାନ୍ତି । କିଛି ଦିନ ତଳେ କାଳବୈଶାଖିରେ ବାଲିଗୁଡାରେ ଅନେକ ଗଛପଡି ଧନଜୀବନ ନଷ୍ଟ ହେବାର ନଜିର ରହିଛି । ପୁଣି ହଠାତ କାଳ ବୈଶାଖୀ ଆସିଲେ ଏହି ଗଛଟି ଯଦି ପଡିଥାଏ, ତେବେ ଅନେକ ଧନଜୀବନ କ୍ଷତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହି ଗଛକୁ କାଟିବା ନିମନ୍ତେ ଗତକିଛି ମାସ ତଳେ ସ୍ଥାନୀୟ ବାସିନ୍ଦା ତହିଲଦାରଙ୍କୁ ଲିଖିତ ଆକାରରେ ଦେଇଥିଲେ । ସେହି ସମୟରେ ତହସିଲଦାର କହିଥିଲେ ଯେ, ବନବିଭାଗ , ଅଗ୍ନିଶମ ବାହିନୀ ଏବଂ ଏନଏସି ରେ କୁହାଯାଇଛି । କିନ୍ତୁ ଲିଖିତ ଅଭିଯୋଗ କାଗଜରେ ସୀମିତ ରହିଯାଇଛି । ଅଭିଯୋଗ ଦେବାର ଦୀର୍ଘ ଦିନ



ବିତିଯାଇଥିଲେ ହେଁ ଅଦ୍ୟାବଧି ସୁଦ୍ଧା ଉକ୍ତ ଗଛକୁ କାଟିବା ବ୍ୟବସ୍ଥା କରାଯାଇନାହିଁ । ଏ ସମ୍ପର୍କ ରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳେଇ କହିଛନ୍ତି ଯେ, ଗଛକୁ କାଟିବା ନିମନ୍ତେ ଆମେ ପ୍ରସ୍ତୁତ ରହିଛୁ କିନ୍ତୁ ବିଦ୍ୟୁତ ବିଭାଗ ବିଦ୍ୟୁତ କାଟିଲେ ଗଛ କାଟିହେବ କିନ୍ତୁ ବର୍ତ୍ତମାନ ଖରାଦିନ ହୋଇଥିବାରୁ ବିଦ୍ୟୁତ ବିଭାଗ ଲାଇନକୁ କାଟୁନାହାନ୍ତି । ଏଣୁ ସେମାନେ ଲାଇନ କାଟିଲେ ଆମେ ଗଛକୁ କାଟିଦେବୁ ବୋଲି କହିଛନ୍ତି । ହେଲେ ଏହି ବିଷୟ ନେଇ ଯିଏ ଯାହା ମୁଣ୍ଡରୁ ଅଳିଆ ଛିଡାଇ ଦେଇଥିବା ବେଳେ ଯଦି ଅକସ୍ମାତ ଗଛ ଟି ପଡିଯାଏ ତେବେ ଏଥିପାଇଁ ଦାୟୀ କି'ଏ ରହିବ ଏବଂ ଯାହା କ୍ଷତି ହେବ କି' ଏ ଭରଣା କରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ରାଜନୈତିକ ଦଳ ଙ୍କୁ ନେଇ ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର ପ୍ରସ୍ତୁତି ବୈଠକ

ନବରଙ୍ଗପୁର(ରା.ରି):ଜିଲ୍ଲାପାଳଙ୍କ ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ SIR ବୈଠକର ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) କାର୍ଯ୍ୟ ସେପ୍ଟେମ୍ବର ୬ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।ଏହି ଭୋଟର ତାଲିକା ସଂଶୋଧନ ଯେଭଳି ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ ରହିବ ତା ଉପରେ ଗୁରୁତ୍ୱ ଦିଆଯାଉଛି ।ଏଥିପାଇଁ ସମସ୍ତ ରାଜନୈତିକ ଦଳକୁ ବୁଥ୍ ଲେଭେଲ୍ ଏଜେଣ୍ଟ (BLA) ନିୟୋଜିତ କରି ବୁଥ୍ ଲେଭେଲ୍ ଅଫିସର (BLO)ଙ୍କୁ ସହାୟତା କରିବାକୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ବି ଏଲ ଓ ମାନେ ୨୦.୫.୨୦୨୬ ରୁ ୨୮ .୬.୨୦୨୬ ମଧ୍ୟରେ ଘର-ଘର ବୁଲି ଭୋଟର ତାଲିକାର ତଥ୍ୟ ସଂଗ୍ରହ କରିବେ । ଯାଞ୍ଚ ସମୟରେ ଯଦି କୌଣସି ଭୋଟର ଅନୁପସ୍ଥିତ ଥାଆନ୍ତି, ତେବେ ବୁଥ ସ୍ତରୀୟ ଅଧିକାରୀ ସେହି ଘରକୁ ଅତିକମରେ ୩ ଥର ଯିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ( ସାଧାରଣ) ଡ଼ ପ୍ରମୋଦ




କୁମାର ପୃଷ୍ଟି ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଶ୍ୱଜିତ ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର୍ବାନ, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲାର ଇ ଆର୍ ଓ, ଡେପୁଟୀ କଲେକ୍ଟର (ନିର୍ବାଚନ) ଚିନ୍ମୟ କୁମାର ସାହୁ ଏବଂ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଶ୍ରୀ କୁଞ୍ଜ ବିହାରୀ ଦାଶ ଓ ସରୋଜ କୁମାର ବେହେରା (ବିଜେପି ) ପ୍ରମୋଦ କୁମାର ରଥ (ବିଜେଡି) ଶ୍ରୀ ମୁନା ତ୍ରିପାଠୀ ଓ ପ୍ରଦୀପ କୁମାର ସାହୁ (କଂଗ୍ରେସ) ପ୍ରମୁଖ ଯୋଗ ଦେଇଥିଲେ ଏବଂ ଜିଲ୍ଲା ପ୍ରଶାସନକୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## ନବୀନଙ୍କ ପାଦ ଛୁଇଁ ଆଶୀର୍ବାଦ ନେଲେ ଭାଜପା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ

ଭୁବନେଶ୍ୱର,(ରା.ରି):ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ଜନ୍ମଜୟନ୍ତୀରେ ଯୋଗଦେବାକୁ ଆସୁଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏହି ସମୟରେ ନବୀନଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଛନ୍ତି ଭାଜପା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ । କହିଲେ ମୋ' ରାଜନୈତିକ ଜୀବନ ଆରମ୍ଭ ବେଳେ ନବୀନ ପଟ୍ଟନାୟକଙ୍କ ଅବଦାନ ଓ ଆଶୀର୍ବାଦ ରହିଛି । ଯାହା ଏବେ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ହେଉଛି ।ପ୍ରଶାନ୍ତ କକ୍ରୋଜ୍ ଜନତା ପାର୍ଟିକୁ କଟାକ୍ଷ କରିଛନ୍ତି । କହିଛନ୍ତି, ଅସରପା ଗୋଟେ ଚଢ଼େଇ ନା ଅସରପା କଉଥିଲେ ଗଣତି ହେବନି । ବହୁତ ପାର୍ଟି ଆସିବେ ଯିବେ । କିଛି ଫରକ ପଡ଼ିବନି ବୋଲି ପ୍ରଶାନ୍ତ କହିଛନ୍ତି ।ସୂଚନା ଥାଉକି, ପ୍ରଶାନ୍ତ ପ୍ରଥମେ ସେ ବିଜୁ ଜନତା ଦଳ (BJD)ରେ ଥିଲେ ଏବଂ ଖୋର୍ଦ୍ଧା ଓ ଚିଲିକା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ପରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ସେ ବିଜେଡିରୁ ବହିଷ୍କୃତ ହୋଇଥିଲେ ଏବଂ ଭାଜପାରେ ଯୋଗ ଦେଇଥିଲେ ।



# ଏଫଏଫଏଫଏଆଇର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଯୋଗ ଦେଲେ ରାଜ୍ୟପାଳ

ଭୁବନେଶ୍ୱର, (ରା.ରି):ଦକ୍ଷତା ସହିତ ଭିତ୍ତିଭୂମି, ବିଶ୍ୱାସ ସହିତ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥିରତା ସହିତ ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରମାନଙ୍କ ପାଇଁ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି । ଶୁକ୍ରବାର ଦିନ ପୁରୀ ଠାରେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ (OCBA) ଆନୁକୂଲ୍ୟରେ ଆୟୋଜିତ ଫେଡେରେସନ ଅଫ୍ ଫ୍ରେଟ୍ ଫରୱାର୍ଡର୍ସ ଆସୋସିଏସନ ଇନ୍ ଇଣ୍ଡିଆ (FFFAI) ର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତର ଅର୍ଥନୈତିକ ରୂପାନ୍ତରଣରେ ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ ଏହା କହିଛନ୍ତି।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତର ଲଜିଷ୍ଟିକ୍ସ କ୍ଷେତ୍ର କେବଳ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଆକାଂକ୍ଷାକୁ ସଂଯୋଗ କରିବା, ବ୍ୟବସାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଜାତୀୟ ସମୃଦ୍ଧିକୁ ସୁଦୃଢ଼ କରିବା ଦିଗରେ ଜଡ଼ିତ।ଦେଶର ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମରେ ଏଫଏଫଏଫଏଆଇର ଅବଦାନ ପାଇଁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟପାଳ କହିଥିଲେ ଯେ ଏହି ସଂଗଠନ ସାରା ଦେଶରେ କଷ୍ଟମ୍ସ ବ୍ରୋକର ଏବଂ ଫ୍ରେଟ୍ ଫରୱାର୍ଡର୍ସଙ୍କ ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ସଂସ୍ଥା ଭାବରେ ଉଭା ହୋଇଛି ଏବଂ ଆଜି ଅନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରୁଥିବା ହଜାର




ହଜାର ବୃତ୍ତିଗତ ଏବଂ ଉଦ୍ୟୋଗକୁ ସମର୍ଥନ କରିଆସୁଛି ।ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ମାଲବାହୀ ଫରୱାର୍ଡର ଏବଂ କଷ୍ଟମ୍ସ ବ୍ରୋକରଙ୍କ ଭୂମିକା ପ୍ରାୟତଃ ପରଦା ପଛରେ ରହିଥାଏ, ତଥାପି ଏହା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ନଗ୍ରହଣ କରିଥାନ୍ତି । ବାଣିଜ୍ୟର ନୀରବ ସମର୍ଥକ ଭାବେ କଷ୍ଟମ୍ସ ଅନୁପାଳନ, ଲଜିଷ୍ଟିକ୍ସ ପରିଚାଳନା, ମଲ୍ଟିମୋଡାଲ୍ ପରିବହନ ଏବଂ ବାଣିଜ୍ୟ ସୁବିଧାରେ ସେମାନଙ୍କର ବିଶେଷଜ୍ଞତା ଅର୍ଥନୀତିର ଚକ୍ରକୁ ସୁଗମ ଭାବରେ ଗତିଶୀଳ ରଖିଥାଏ।

ଯେତେବେଳେ ଭାରତ ପାଞ୍ଚ ଟ୍ରିଲିୟନ ଡଲାରର ଅର୍ଥନୀତି ଏବଂ ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ହେବାକୁ ଆକାଂକ୍ଷା କରେ, ସେତେବେଳେ ଏଫଏଫଏଫଏଆଇ ଭଳି ସଂଗଠନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ । ଭୂ-ରାଜନୈତିକ ଉତ୍ତେଜନା, ଯୋଗାଣ ଶୃଙ୍ଖଳ ବାଧା, ବର୍ଦ୍ଧିତ ମାଲ ପରିବହନ ମୂଲ୍ୟ ଏବଂ ଜାହାଜ ଚଳାଚଳ ମାର୍ଗରେ ଅନିଶ୍ଚିତତା ସମେତ ବିଶ୍ୱ ବାଣିଜ୍ୟ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକୁ ଉଲ୍ଲେଖ କରି ସ୍ଥିରତା, ନବସୃଜନ ଏବଂ ସମନ୍ୱିତ ପଦକ୍ଷେପ ଦିଗରେ ସରକାର ଏବଂ ଶିଳ୍ପସଂସ୍ଥାଗୁଡିକ ପଦକ୍ଷେପ ନେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ।

ଦକ୍ଷତା ବୃଦ୍ଧି ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ଲକ୍ଷ୍ୟରେ ଜାତୀୟ ଲଜିଷ୍ଟିକ୍ସ ନୀତି, ପ୍ରଧାନମନ୍ତ୍ରୀ ଗତି ଶକ୍ତି, ଡିଜିଟାଲ୍ କଷ୍ଟମ୍ସ ପ୍ରକ୍ରିୟା ଏବଂ ବିକଳ୍ପ ବାଣିଜ୍ୟ କରିଡର କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ଉପରେ ମଧ ରାଜ୍ୟପାଳ ଆଲୋକପାତ କରିଥିଲେ ।ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ର ଭାବେ ଉଭା ହୋଇଛି। ଏହାର ଦୀର୍ଘ ବେଳାଭୂମି, ପାରାଦୀପ, ଧାମରା ଓ ଗୋପାଳପୁର ଭଳି ବନ୍ଦର ଯୋଗଯୋଗ ଓ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛି ।ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆର୍ଥିକ ଆତ୍ମସୁରକ୍ଷା' ପରାମର୍ଶକୁ ପାଳନ କରିବାକୁ ରାଜ୍ୟପାଳ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦେଇଥିଲେ। ଲୋକଭବନରେ ପ୍ରଚଳିତ ପ୍ରୋତ୍ସାହନ ଭିତ୍ତିକ ଇଭି ଚାର୍ଜିଂ ବ୍ୟବସ୍ଥାକୁ ଉଦାହରଣ ଭାବେ ଦର୍ଶାଇ ବୈଦ୍ୟୁତିକ ଯାନର ବହୁଳ ବ୍ୟବହାର ସହିତ ଭାରି ବୈଦ୍ୟୁତିକ ଯାନ ବିକଳ୍ପ ଆପଣେଇବାକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ।

ଏହି ଅବସରରେ ଏଫଏଫଏଫଏଆଇର ଅଧ୍ୟକ୍ଷ ଅମିତ କାମତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ସଭାପତି ହରିହର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କିଟ୍ ଏବଂ ୟୁଏନ୍ଏସ୍ଏସ୍ସି ଓ ୟୁଏନ୍ଭି ମଧ୍ୟରେ ବୁଝାମଣା

ଭୁବନେଶ୍ୱର, (ରା.ରି):ବିଶ୍ୱସ୍ତରୀୟ ସହଯୋଗ ଏବଂ ସେବା ଦିଗରେ କିଟ୍ ୟୁନାଇଟେଡ୍ ଭଲ୍ୟୁଣ୍ଟିୟରସ (ୟୁଏନ୍ଭି) ଓ ୟୁନାଇଟେଡ୍ ନେସନ୍ସ ସିଷ୍ଟମ ଷ୍ଟାଫ୍ କଲେଜ (ୟୁଏନ୍ଏସ୍ଏସ୍ସି) ମଧ୍ୟରେ ଦୁଇଟି ପୃଥକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଜର୍ମାନ ଗସ୍ତ ଅବସରରେ ବନ୍ଠାରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି ।

ଏହି ଅବସରରେ ୟୁଏନ୍ଭି ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବକ ସହଯୋଗ ସଂପର୍କରେ ଶ୍ରୀ ସାମନ୍ତ ଫଳପ୍ରଦ ଆଲୋଚନା କରିଥିଲେ । ଏହା ଦ୍ୱାରା କିଟ୍ର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବା ମାଧ୍ୟମରେ ବିଶ୍ୱ ସମ୍ପର୍କରେ ଅଧିକ ଜାଣିବା, ସେବା କରିବା ଓ ବିଶ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବାର ସୁଯୋଗ ପାଇବେ । ଯୁବ ସ୍ୱେଚ୍ଛାସେବା ପାଇଁ ଜାତିସଂଘ ସହିତ ଏପରି ଏକ ପଥ ପ୍ରତିଷ୍ଠା କରିବାରେ କିଟ୍ ହେଉଛି ଦକ୍ଷିଣ ଏସିଆର ପ୍ରଥମ ବିଶ୍ୱବିଦ୍ୟାଳୟ ।

ଏହା ସହିତ ନେଲସନ୍ ମାଣ୍ଡେଲା ଗ୍ଲୋବାଲ୍ ଏକାଡେମୀ ଫର ସୋସିଆଲ୍ ଚେଞ୍ଜ ମାଧ୍ୟମରେ ୟୁଏନ୍ଏସ୍ଏସ୍ସି ସହିତ କିଟର ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହା କିଟ୍ ଛାତ୍ରଛାତ୍ରୀଙ୍କ




ପାଇଁ ସାମାଜିକ ପରିବର୍ତ୍ତନ, ନେତୃତ୍ୱ, ଆଲୋଚନା ଏବଂ ସମାଜ ସେବା ବିଷୟରେ ଶିଖିବାର ସୁଯୋଗ ସୃଷ୍ଟି କରିବ ।

ଏଥିରେ ଖୁସି ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଲେ, ଶିକ୍ଷା କେବଳ ଜ୍ଞାନ ଆହରଣ ନୁହେଁ; ଏହା ହେଉଛି କରୁଣା, ଦାୟିତ୍ୱ ଏବଂ ମାନବତା ପ୍ରତି ସେବା । କିଟ୍ ସହ ଏଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା କରିଥିବାରୁ ଶ୍ରୀ ସାମନ୍ତ ୟୁଏନ୍ଭି ଓ ୟୁଏନ୍ଏସ୍ଏସ୍ସି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ବୁଝାମଣାପତ୍ର କିଟ୍ ତଥା କିସ୍ ଛାତ୍ରଛାତ୍ରୀ ଏବଂ ଭାରତର ଯୁବଗୋଷ୍ଠୀଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ଲାଟଫର୍ମରୁ ଶିଖିବା ଓ ସମାଜ ସେବା ପାଇଁ ନୂତନ ଦ୍ୱାର ଖୋଲିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଉଭୟ କାର୍ଯ୍ୟକ୍ରମରେ ୟୁଏନ୍ଏସ୍ଏସ୍ସିର ଡେପୁଟି ଡାଇରେକ୍ଟର ସିଲେକ୍ ୱେନ୍ଲିଚ ଓ ୟୁଏନ୍ଭି ପକ୍ଷରୁ ଡେପୁଟୀ ଏକଜିକ୍ୟୁଟି କୋଅର୍ଡିଟେର ଲାଉସ ଚାମ୍ବରଲେନ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

## ଆନ୍ତର୍ଜାତୀୟ ଜୈବବିବିଧତା ଦିବସ

# ସ୍ଥାନୀୟ ପଦକ୍ଷେପରୁ ବିଶ୍ୱସ୍ତରୀୟ ପ୍ରଭାବ

ଭୁବନେଶ୍ୱର,(ରା.ରି) ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକ ସେବା ଭବନର ଷ୍ଟେଟ୍ କନଭେନସନ୍ ସେଣ୍ଟରରେ ରାଜ୍ୟସ୍ତରୀୟ "ଆନ୍ତର୍ଜାତୀୟ ଜୈବବିବିଧତା ଦିବସ" ଉତ୍ସାହ ଓ ଆଡମ୍ବର ସହ ପାଳନ କରାଯାଇଛି। ଚଳିତ ବର୍ଷର ମୂଳ ବିଷୟବସ୍ତୁ ଥିଲା — "ସ୍ଥାନୀୟ ପଦକ୍ଷେପର ବିଶ୍ୱସ୍ତରୀୟ ପ୍ରଭାବ"। ଏହି ଅବସରରେ ମାନ୍ୟବର ମନ୍ତ୍ରୀ



ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ନିଜ ଅଭିଭାଷଣରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଥିଲେ ଯେ, ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ। ଶିମିଳିପାଳ ବାଘ ସଂରକ୍ଷଣ, ହାତୀ କରିଡର ସୁରକ୍ଷା, ଭିତରକନିକାରେ କୁମ୍ଭୀର ପ୍ରଜନନ କାର୍ଯ୍ୟକ୍ରମ, ଅଲିଭ୍-ରିଡ୍ଲେ କଛପ ସୁରକ୍ଷା, ହେନ୍ତାଳ ବନର ପୁନରୁଦ୍ଧାର, ସମୁଦାୟ ଭିତ୍ତିକ ବନ ସୁରକ୍ଷା, ବନାଗ୍ନି ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ବ୍ୟାପକ ବୃକ୍ଷରୋପଣ ଭଳି ପଦକ୍ଷେପ ଓଡ଼ିଶାକୁ "ଲୋକକେନ୍ଦ୍ରିକ ସଂରକ୍ଷଣ ମଡେଲ୍" ଭାବେ ସ୍ୱତନ୍ତ୍ର ପରିଚୟ ଦେଇଛି।

ଏହି ଅବସରରେ ପୂର୍ବରୁ ଆୟୋଜିତ ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜୈବବିବିଧତା ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ୮ ଜଣଙ୍କୁ "ଜୈବବିବିଧତାର ରକ୍ଷକ" ଏବଂ ୨ ଜଣଙ୍କୁ "ଜୈବବିବିଧତାର ବିଜେତା" ସମ୍ମାନରେ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମରେ "ଓଡ଼ିଶାର ଆଦ୍ରଭୂମିରେ ବିଦେଶୀ ପ୍ରଜାତିର ଜୀବଙ୍କ ପ୍ରଭାବ ଉପରେ ସମୀକ୍ଷା", "ଗନ୍ଧମାର୍ଦ୍ଦନର କାହାଣୀ", ଓଡ଼ିଶା ଜୈବବିବିଧତା ବୋର୍ଡର ବାର୍ଷିକ କାର୍ଯ୍ୟକାରୀ ରିପୋର୍ଟ (୨୦୨୫-୨୬) ଏବଂ ବୋର୍ଡର ମୁଖପତ୍ର "ଷ୍ଟ୍ରିଙ୍ଗସ ଅଫ ବାଇଓଡାଇଭର୍ସିଟି" ସହିତ ମୋଟ ୪ଟି ପ୍ରମୁଖ ପୁସ୍ତକ ଓ ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ପରବର୍ତ୍ତୀ ବୈଷୟିକ ଅଧିବେଶନରେ ବିଭିନ୍ନ ଜିଲ୍ଲାର ଜୈବବିବିଧତା ପରିଚାଳନା ସମିତିମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ଆଲୋଚନା ହୋଇଥିଲା। ଏହାସହ 'ପିବିଆର୍ ମାନୁଆଲ' ଏବଂ 'ସ୍ଥାନୀୟ ଜୈବବିବିଧତା ପାଣ୍ଠି ପରିଚାଳନା ନିୟମାବଳୀ' ପୁସ୍ତିକା ମଧ୍ୟ ଉନ୍ମୋଚିତ ହୋଇଥିଲା।

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଶ୍ରୀ କେ. ମୁରୁଗେସନ୍, ପରିବେଶ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ କେ. ଏସ୍. ପ୍ରଦୀପ ଏବଂ ସଦସ୍ୟ ସଚିବ, ଓଡ଼ିଶା ଜୈବବିବିଧତା ବୋର୍ଡ଼, ଡ. ନିହାର ରଞ୍ଜନ ନାୟକ ମଧ୍ୟ ଯୋଗଦେଇଥିଲେ।

# ଶାରୀରିକ ଶିକ୍ଷା ଅଧିକାରୀଙ୍କ ରାଜ୍ୟସ୍ତରୀୟ ଦିଗଦର୍ଶନ କାର୍ଯ୍ୟକ୍ରମ



ଭୁବନେଶ୍ୱର,(ରା.ରି): ରାଜ୍ୟର ଶାରିରୀକ ଶିକ୍ଷା ଅଧିକାରୀମାନଙ୍କୁ ନେଇ ଦୁଇ ଦିବସୀୟ ଦିଗଦର୍ଶନ ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିରେନ୍ଦ୍ର କର୍କରା ଉଦଘାଟନ କରିବା ସହ ସମସ୍ତ ଅଧିକାରୀମାନଙ୍କୁ ଦିଗଦର୍ଶନ ଦେଇଛନ୍ତି। ସେହିପରି ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ଫୁଲମଣି ମୁର୍ମୁ ଉପସ୍ଥିତ ଥିଲେ । ଏହି ଦିଗଦର୍ଶନ କାର୍ଯ୍ୟକ୍ରମରେ ୬ ଗୋଟି କ୍ରୀଡ଼ା ଯଥା- ଯୋଗାସନ, ଟାଇକୋଣ୍ଡୋ, ସଫ୍ଟବଲ୍, ଉଷୁ, ସାଇକେଲିଂ ଓ ସ୍କେଟିଂ କ୍ରୀଡାର ପ୍ରଶିକ୍ଷମାନେ ଯୋଗ ଦେଇଥିଲେ ଏବଂ ଶାରୀରିକ ଶିକ୍ଷା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଉଷୁର ଅନ୍ତର୍ଜାତୀୟ ପ୍ରଶିକ୍ଷକ ପ୍ରଦ୍ୟୁମ୍ନ ବେହେରା, ସାଇକେଲିଂ ଆସୋସିଏସନର ସମ୍ପାଦକ ଶ୍ରୀ ପ୍ରସନ୍ନ ରାଉତ, ସ୍କେଟିଂ ସଂଘର ସହସଂଯୋଜକ ପ୍ରଦ୍ୟୁମ୍ନ କିଶୋର ପ୍ରହରାଜ ଓ କୋଚ୍ ନିମିଶ୍ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ମଇ ୨୧-୨୨ ରେ ଅନୁଷ୍ଠିତ ହୋଇଥିବା ଦିଗଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶାର ୩୦ ଗୋଟି ଜିଲ୍ଲାର ଶାରିରୀକ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରୁ ତାଲିମ୍ ନେବା ପରେ ନିଜ ନିଜ ଜିଲ୍ଲାରେ ଏହାର ପ୍ରଚାରପ୍ରସାର କରିବା ନିମନ୍ତେ ନିର୍ଦ୍ଦେଶକ ଶ୍ରୀ କର୍କରା ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶାରିରୀକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଜ୍ୟୋତି ପ୍ରସାଦ ପରିଡ଼ା ପରିଚାଳନ କରିଥିଲେ ।

# ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ପାଇଁ ଓଡ଼ିଶା ପୋଲିସର ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର,(ରା.ରି):ଆସନ୍ତା ଜୁଲାଇ ୧୬ ତାରିଖରେ ପୁରୀରେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଐତିହାସିକ ମହାପର୍ବକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ପରିସ୍ଥିତିରେ ଯେପରି ତ୍ରୁଟିବିଚ୍ୟୁତି ନ ଘଟେ, ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ।ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ବିଭିନ୍ନ ରୀତିନୀତି ନିର୍ଦ୍ଦିଷ୍ଟ ତାରିଖରେ ପାଳନ କରାଯିବ। ଆସନ୍ତା ଜୁନ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୪ ତାରିଖରେ ନବଯୌବନ ଦର୍ଶନ, ଜୁଲାଇ ୧୬ ତାରିଖରେ ରଥଯାତ୍ରା, ଜୁଲାଇ ୨୦ ତାରିଖରେ ହେରା ପଞ୍ଚମୀ, ଜୁଲାଇ ୨୩ ତାରିଖରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୨୪ ତାରିଖରେ ବାହୁଡା ଯାତ୍ରା, ଜୁଲାଇ ୨୫ ତାରିଖରେ ସୁନାବେଶ, ଜୁଲାଇ ୨୬ ତାରିଖରେ ଅଧରପଣା ଏବଂ ଜୁଲାଇ ୨୭ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ। ଏହି ସମସ୍ତ ଅବସରରେ ଦେଶ-ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ ଓ ଅଧିକ ସକ୍ରିୟ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।ରଥଯାତ୍ରାରେ ଭକ୍ତମାନଙ୍କ ସୁରକ୍ଷା ଓ ସୁଚାରୁରୂପେ ଭିଡ଼ ନିୟନ୍ତ୍ରଣ କରିବାକୁ ଚଳିତ ବର୍ଷ




ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା କରାଯାଇଛି। ଯାତାୟାତ ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଅତିରିକ୍ତ ୮ ଟି ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି। ରଥ ଟଣା ସମୟରେ ରଥଗୁଡ଼ିକର ସୁଗମ ଗତି ସୁନିଶ୍ଚିତ କରିବାକୁ ରଥ ଆଗରେ ସ୍ୱତନ୍ତ୍ର କ୍ଲିୟରାନ୍ସ ପାର୍ଟି ନିୟୋଜିତ କରାଯିବ। ଅଧିକ ଭିଡ଼ ଥିବା ସ୍ଥାନଗୁଡ଼ିକରେ କ୍ରାକ୍ ଟିମ୍ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ।ଏହାବ୍ୟତୀତ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅତିରିକ୍ତ ସିସିଟିଭି କ୍ୟାମେରା ସ୍ଥାପନ, ଟ୍ରାଫିକ ସୁପରିଚାଳନା ପାଇଁ ରୋଡ ଡିଭାଇଡର, ଡିଲିନେଟର ଏବଂ ଟ୍ରାଫିକ ଜୋନ୍ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂ ସୁବିଧା ଏବଂ ଶୃଙ୍ଖଳିତ ଯାତାୟାତ ପରିଚାଳନା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁ କରିବା, ହୋଟେଲ ଓ ଲଜଗୁଡ଼ିକରେ ନିୟମିତ ଯାଞ୍ଚ କରିବାକୁ ଡିଜିପି ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ସମୟରେ ବାହାର ରାଜ୍ୟର ଅଭ୍ୟାସଗତ ଅପରାଧୀମାନଙ୍କ ଆଗମନ ସମ୍ଭାବନା ଥିବାରୁ ସେମାନଙ୍କ ଫଟୋ ସଂଗ୍ରହ କରି ରେଳ ଷ୍ଟେସନ ଓ ବସ୍ଷ୍ଟାଣ୍ଡରେ ଥିବା ଏଲଇଡି ସ୍କ୍ରିନ୍ରେ ପ୍ରଦର୍ଶନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।ସମୁଦ୍ରକୂଳ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହାସହ ରେଳବାଇ ପୋଲିସ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ଜଟଣୀ ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯିବା ନେଇ ଆଲୋଚନା କରାଯାଇଥିଲା। ଆରପିଏଫ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ।ଏହାସହ ମନ୍ଦିର ନିକଟରେ ରକ୍ଷକ ଯାନ ମୁତୟନ, K-୨ ସ୍କ୍ୱାଡ୍ ନିୟୋଜନ, ଏନଏସଜି ତାଲିମପ୍ରାପ୍ତ ଏସଓଜି ଟିମ ମୁତୟନ, ଏସଟିୟୁ ଟିମ ନିୟୋଜିତ, ଦଳାଚକଟା ପରି ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସଙ୍କ ରହଣି ପାଇଁ ଆବଶ୍ୟକ ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ଆଶୁ ସମସ୍ୟାର ସମାଧାନ ଏବଂ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଡିଜିପି ବିସ୍ତୃତ ଆଲୋଚନା କରିଥିଲେ।ବୈଠକରେ ଆପାତକାଳୀନ ପରିସ୍ଥିତିର ମୁକାବିଲା, ଦୁର୍ଘଟଣା ପରିଚାଳନା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ତ୍ୱରିତ ସମନ୍ୱୟ ସୁନିଶ୍ଚିତ କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।ଏହି ବୈଠକରେ ଆରକ୍ଷୀ ନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୁଇନ୍ଦା) ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର , ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେସନ) ଦୟାଲ ଗଙ୍ଗୱାର , ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜି (ଅପରେସନ) ଡ. ଦୀପକ କୁମାର, ଆଇଜି (ବିପିଏସପିଏ) ଅନୁପ ସାହୁ, ଆଇଜି( ଗୁଇନ୍ଦା) ଜୟ ନାରାୟଣ ପଙ୍କଜ, ନିର୍ଦ୍ଦେଶକ (ଏସସିଆରବି) ଅବିନାଶ କୁମାର, ଆଇଜି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡଙ୍ଗୀ, ଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାୟକ, ଡିଆଇଜି (ଏସଆଇଡବ୍ଲୁ) ଅଖିଳେଶ୍ୱର ସିଂ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (କାର୍ମିକ) ଯୁଗଳ କିଶୋର କୁମାର ବନୋଥ, ଏଆଇଜି( ଆଇନ ଓ ଶୃଙ୍ଖଳା) ପ୍ରଭାଶଙ୍କର ନାୟକଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଏହାସହ ଆଭାସୀ ମାଧ୍ୟମରେ ଆଇଜିପି (ଉତ୍ତର-କେନ୍ଦ୍ରାଞ୍ଚଳ) ସତ୍ୟବ୍ରତ ଭୋଇ, ଡିଆଇଜି (ପୂର୍ବାଞ୍ଚଳ) ପିନାକ ମିଶ୍ର, ଏସପି (ପୁରୀ) ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜର ସେବା ହିଁ ପ୍ରକୃତ ମାନବିକତାର ପବିତ୍ର ପରିପ୍ରକାଶ: ରାଜ୍ୟପାଳ

ଭୁବନେଶ୍ୱର, (ରା.ରି):ସମାଜର ସେବା ହିଁ ପ୍ରକୃତ ମାନବିକତାର ପବିତ୍ର ପରିପ୍ରକାଶ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳଡ଼. ହରି ବାବୁ କମ୍ଭମପାଟି କହିଛନ୍ତି । ଗୁରୁବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ପୁରସ୍କାର ପ୍ରଦାନ ସମାରୋହରେ ଯୋଗ ଦେଇ ମାନ୍ୟବର ରାଜ୍ୟପାଳ ଏହା କହିଛନ୍ତି ।ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଯୁବପିଢ଼ି ମଧ୍ୟରେ ନିଃସ୍ୱାର୍ଥପର ସେବା, ଶୃଙ୍ଖଳା ଏବଂ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାଚୀନ ଭାରତୀୟ ଉକ୍ତି "ସେବା ପରମୋ ଧର୍ମ" ସମ୍ପର୍କରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ସେବା ହେଉଛି ସର୍ବୋଚ୍ଚ କର୍ତ୍ତବ୍ୟ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ଜୀବନ ସାର୍ଥକ ହୋଇଥାଏ। ଏହି ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଖୁସି ପ୍ରକାଶ କରିବା ସହିତ ଏହି ଅବସରକୁ ଯୁବ ସ୍କାଉଟ୍ସ ଏବଂ ଗାଇଡ୍ସଙ୍କ ସମର୍ପଣ ଏବଂ ସଫଳତାକୁ ପାଳନ କରିବା ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ।

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ମୁଖ୍ୟ ପୃଷ୍ଠପୋଷକ (ଚିଫ ପାଟ୍ରନ) ଏବଂ ପ୍ରଥମ ଗାଇଡ୍ ଭାବରେ ରାଜ୍ୟପାଳ କହିଥିଲେ ଯେ ରାଜ୍ୟ



ପୁରସ୍କାର କେବଳ ଏକ ପୁରସ୍କାର ନୁହେଁ ବରଂ ସମାଜ ଏବଂ ଦେଶ ପ୍ରତି ଚରିତ୍ର, ଦୃଢ଼ତା ଏବଂ ପ୍ରତିବଦ୍ଧତାର ପ୍ରତୀକ। ଏହି ସମ୍ମାନ କରୁଣା, ଦଳଗତ କାର୍ଯ୍ୟ, ଦାୟିତ୍ୱ ଏବଂ ଦେଶପ୍ରେମ ଭଳି ମୂଲ୍ୟବୋଧକୁ ପ୍ରତିଫଳିତ କରେ।

ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ପ୍ରତ୍ୟେକ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ଆନ୍ତରିକତା, କଠିନ ପରିଶ୍ରମ ଏବଂ ମାନବ ସମାଜ ପ୍ରତି ଉତ୍ସର୍ଗୀକୃତ ସେବା ମାଧ୍ୟମରେ ଏହି ମାନ୍ୟତା ପାଇଛନ୍ତି। ପିଲାମାନଙ୍କ ମଧ୍ୟରେ ଦୟା, ନମ୍ରତା, ଶୃଙ୍ଖଳା ଏବଂ ସହାନୁଭୂତି ଭଳି ମୂଲ୍ୟବୋଧକୁ ଜାଗ୍ରତ କରାଇବା ଦ୍ୱାରା ଦାୟିତ୍ୱପୂର୍ଣ୍ଣ ଏବଂ କରୁଣାପୂର୍ଣ୍ଣ ନାଗରିକ ଗଠନ କରିବାରେ ସହାୟକ ହୋଇଥାଏ।

ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଅଭିଯାନକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ ଏହା ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ଜୀବନ କୌଶଳ, ପରିବେଶଗତ ସଚେତନତା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ବୃଦ୍ଧି ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଛି।। ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ସାର୍ବଜନୀନ କାର୍ଯ୍ୟକ୍ରମ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଓଡ଼ିଶାରେ ଚାରି ଲକ୍ଷରୁ ଅଧିକ ସ୍କାଉଟ୍ସ ଏବଂ ଗାଇଡ୍ସ ସମେତ ଦେଶବ୍ୟାପୀ ସଂଗଠନର ୭.୫ ନିୟୁତରୁ ଅଧିକ ସଦସ୍ୟଙ୍କର ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ରାଜ୍ୟ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇବା ସହିତ ଯୁବ କୃତିତ୍ୱ ହାସଲକାରୀଙ୍କୁ ମାର୍ଗଦର୍ଶନ ଏବଂ ପ୍ରେରଣା ଦେବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ, ୟୁନିଟ୍ ଲିଡର ଏବଂ ଅଧିକାରୀମାନଙ୍କ ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।ଏହି ଅବସରରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଉଦବୋଧନ ଦେଇଥିଲେ । ପ୍ରାରମ୍ଭରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଓଡ଼ିଶା ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପାଧ୍ୟକ୍ଷ ଶ୍ରୀ କାଳୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଏହି ଅବସରରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ବିଭିନ୍ନ ବର୍ଗରେ କୃତିତ୍ୱ ହାସଲକାରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ଫାଗୁନ ପ୍ରତିନିଧି ଦଳ

ନୂଆଦିଲ୍ଲୀ: ନୂଆଦିଲ୍ଲୀର ମାସିକ ସାନ୍ତାଳୀ ସମ୍ବାଦ ପତ୍ରିକାର ଏକ ପ୍ରତିନିଧି ଦଳ ସୁଲୋଚନା ହାଁସଦାଙ୍କ ନେତୃତ୍ୱରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ରପତି ଭବନରେ ସାକ୍ଷାତ କରି ସାନ୍ତାଳିଙ୍କ ଭାଷା, ସଂସ୍କୃତି ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି।



ଏହି ସାକ୍ଷାତକାର ୧୫ ଓ ୧୬ ଫେବୃଆରି ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଅଲଚିକି ଶତବାର୍ଷିକୀ ଉତ୍ସବ (୧୯୨୫–୨୦୨୫) ପରେ ରାଷ୍ଟ୍ରପତିଙ୍କ ସହ ପ୍ରଥମ ସାକ୍ଷାତକାର ଥିଲା। ପ୍ରତିନିଧି ଦଳ ଅଲଚିକି ଶତବାର୍ଷିକୀ ଉତ୍ସବ ସଫଳ କରିବାରେ ରାଷ୍ଟ୍ରପତିଙ୍କ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ।

ସେହିପରି ପ୍ରତିନିଧି ଦଳ ୨୦୨୬–୨୭ ଶିକ୍ଷାବର୍ଷରୁ ସିବିଏସଇ ପାଠ୍ୟକ୍ରମରେ ସାନ୍ତାଳୀ ଭାଷାର ଅନ୍ତର୍ଭୁକ୍ତ ପାଇଁ ମଧ୍ୟ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାକୁ ସେମାନେ ସାନ୍ତାଳୀ ଭାଷାରେ ଶିକ୍ଷାର ବିକାଶ ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। ତେବେ ପ୍ରତିନିଧି ଦଳ ଏନସିଇଆରଟି ଦ୍ୱାରା ପ୍ରକାଶିତ ସାନ୍ତାଳୀ ପାଠ୍ୟପୁସ୍ତକରେ ଦେବନାଗରୀ ଲିପିର ବ୍ୟବହାର ଉପରେ ଗଭୀର ଉଦବେଗ ପ୍ରକାଶ କରିବା ସହ ସାନ୍ତାଳୀ ଭାଷା ପାଇଁ ଅଲଚିକି ଲିପିର ପ୍ରଚଳନ ପାଇଁ ଦାବି କରିଥିଲେ। ଏହା ବ୍ୟତୀତ ରାଷ୍ଟ୍ରପତି ଓ ପ୍ରତିନିଧି ଦଳ ମଧ୍ୟରେ ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ପ୍ରଚାର ପ୍ରସାର ନେଇ ଆଲୋଚନା ହୋଇଥିଲା। ନୂଆଦିଲ୍ଲୀରେ ସାନ୍ତାଳ ମାନଙ୍କର ଧର୍ମୀୟ ସ୍ଥଳୀ 'ଜାହେର ଗାଲ୍' ସ୍ଥାପନାର ପ୍ରସ୍ତାବ ନେଇ ମଧ୍ୟ ଆଲୋଚନା ହୋଇଥିଲା ।

ଏହି ଅବସରରେ ସୁଲୋଚନା ହାଁସଦା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପାରମ୍ପରିକ ସାନ୍ତାଳୀ ଝାଲ୍ ଶାଢ଼ୀ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ପ୍ରତିନିଧି ଦଳରେ ମାଙ୍ଗାତ ମୁର୍ମୁ, ଅନୁପ ମାଝୀ, ଡ ରଜନୀକାନ୍ତ ମାଣ୍ଡି, ଡ ଫୁଦାନ ସୋରେନ, ସୋମନାଥ ହାଁସଦା, ସୁଲୋଚନା ହାଁସଦା, କବିତା ହାଁସଦା, କରୁଣାକର ହାଁସଦା, ସିଙ୍ଗରାୟ ମୁର୍ମୁ, ରତିକାନ୍ତ ମୁର୍ମୁ, ଚୁଡ଼ାମଣି ମୁର୍ମୁ, ରାଇମୋହନ ଟୁଡୁ, ରୀତା ଟୁଡୁ, ଜୟଶ୍ରୀ ଟୁଡୁ, ନୁନାରାମ ହାଁସଦା ଓ ବେଲରାଣୀ ହାଁସଦା ସାମିଲ ଥିଲେ।

## ହର୍ମୁଜ୍‌ର ଅନୋଖା ଦୁନିଆ

ଆମେରିକା ଓ ଇରାନ ମଧ୍ୟରେ ହେଉଥିବା ଯୁଦ୍ଧ ମଧ୍ୟରେ ହର୍ମୁଜ ଜଲ୍‌ଡ଼ମରୁମଧ୍ୟ ଚର୍ଚ୍ଚାରେ ରହିଛି । କିନ୍ତୁ ଇରାନର ଦକ୍ଷିଣରେ ଥିବା ଦ୍ୱୀପ କେସ୍ମ ଓ ହର୍ମୁଜରେ ରହୁଥିବା ଲୋକମାନଙ୍କର ଜୀବନ ଓ ସେମାନଙ୍କର ବଞ୍ଚିବାର ଅନୋଖା ଅନ୍ଦାଜ କୌତୁହଳ ସୃଷ୍ଟି କରେ । ଖଣିଜ ସମ୍ପଦରେ ଭରପୂର ସେଠିକାର ବାଲି ଲାଲ୍, ଗୋଲାପି, ନାରଙ୍ଗି ରଙ୍ଗରେ ଚମକୁଥାଏ । ଏହାର ଭୂମି ଯେତିକି ବିବିଧରଙ୍ଗୀ ଓ ମନମୋହକ ସେତିକି ଆକର୍ଷଣୀୟ । ସାଂସ୍କୃତିକ, ପାରମ୍ପରିକ ବିଶ୍ୱାସ ଓ ଆସ୍ଥା ସହିତ ଏହା ଜଡ଼ିତ । ସେଠିକାର ସଂସ୍କୃତି, ଆସ୍ଥା, ମାନ୍ୟତାଗୁଡ଼ିକୁ କିଛି ଲୋକ ଅନ୍ଧବିଶ୍ୱାସ ବୋଲି ମାନନ୍ତି କିନ୍ତୁ ଏହା ହେଉଛି ସେମାନଙ୍କର ଜୀବନ । କେସ୍ମ ଦ୍ୱୀପରେ ରହୁଥିବା ମହିଳାମାନେ ନିଶଥିବା ନକାବ ପିନ୍ଧିଥାନ୍ତି । ଏହା ଦୁଷ୍ଟ ଆତ୍ମାମାନଙ୍କ ଠାରୁ ରକ୍ଷା କରିଥାଏ ବୋଲି ବିଶ୍ୱାସ କରାଯାଏ । କିଛି ପବନ ଶୈତାନୀ ବା ଜିନ୍ନବାଲା ହୋଇଥାନ୍ତି । ସେଠାରେ 'ଜାର୍' ନାମକ ପବନ ସମ୍ପର୍କରେ କୁହାଯାଏ ଯେ ଏହି ପବନ ଶରୀରରେ ପ୍ରବେଶ କରିପାରେ । ଏହି କାରଣରୁ ମଣିଷ ଅସ୍ତବ୍ୟସ୍ତ ଅନୁଭବ କରିବା ସହିତ ରୋଗ ଦ୍ୱାରା ପୀଡ଼ିତ ହୋଇପାରେ । ଏଥିପାଇଁ ମହିଳାମାନେ ନିଶଥିବା ନକାବ ପିନ୍ଧନ୍ତି 'ଜାର୍'କୁ ଧୋକା ଦେବା ପାଇଁ । ଏହାର ଅର୍ଥ ଜଣେ ମହିଳା ପୁରୁଷମାନଙ୍କ ପରି ଯେପରି ଦେଖାଯିବ । ଜାର୍ ପବନ ପ୍ରତି ମହିଳାମାନେ ଅଧିକ ଅସୁରକ୍ଷିତ ଅନୁଭବ କରନ୍ତି । ତେବେ ପବନ ସହିତ ଜଡ଼ିତ ମାନ୍ୟତାଗୁଡ଼ିକର ମୂଳଦୁଆ ବହୁତ ପୁରୁଣା । ଏହି ଦ୍ୱୀପଗୁଡ଼ିକରେ ଇରାନୀ, ଆରବ, ୟୁରୋପୀୟ ଶକ୍ତିଗୁଡ଼ିକ ରହିଥିବା କଥା ବିଶ୍ୱାସ କରାଯାଏ । କାରଣ ଦ୍ୱୀପଗୁଡ଼ିକର ସମୁଦ୍ର କୂଳକୁ ବ୍ୟାପାରୀ, ବିଭିନ୍ନ ଦେଶର ସୈନିକ, ପ୍ରବାସୀମାନେ ଆସିଛନ୍ତି । ପୂର୍ବ ଆଫ୍ରିକା, ଆରବ ପ୍ରାୟଦ୍ୱୀପ ଓ ଭାରତୀୟ ଉପମହାଦ୍ୱୀପ ମଧ୍ୟରେ ଜାହାଜଗୁଡ଼ିକ ଯାତାୟାତ କରୁଥାନ୍ତି । ଏଗୁଡ଼ିକ ସହିତ ବିଭିନ୍ନ ଭାଷା, ପରମ୍ପରା ଓ ଅନୋଖା ବିଶ୍ୱାସଗୁଡ଼ିକ ମଧ୍ୟ ଆସିଛନ୍ତି । ତେବେ କେସ୍ମ ଓ ହର୍ମୁଜର କିଛି ଲୋକ ଗଛ ଉପରେ ରହନ୍ତି । ସେମାନଙ୍କ ଅନୁସାରେ କିଛି ପ୍ରକାରର ଗଛ ତଳେ ଶୋଇବା ଦ୍ୱାରା ଶୈତାନୀ ଆତ୍ମା ଶରୀର ମଧ୍ୟରେ ପ୍ରବେଶ କରିପାରେ ।



## ସନ୍ତାନ ଜନ୍ମ ଓ ମଙ୍ଗଳ ଗୀତ



ଭାରତୀୟ ସଂସ୍କୃତିରେ ଲୋକଗୀତର ରହିଛି ନିଜର ଏକ ସ୍ୱତନ୍ତ୍ର ମହତ୍ତ୍ୱ । ଯେତେବେଳେ ପରିବାରରେ ଏକ ନୂଆ ଅତିଥି ଭାବରେ ଶିଶୁର ଆଗମନ ହୁଏ ସୋହରର ମଧୁର ଧୁନ୍ ବିନା ଉତ୍ସବ ଅସମ୍ପୂର୍ଣ୍ଣ ପରି ମନେହୁଏ । ମୁଖ୍ୟତଃ ମିଥିଳା ଓ ଉତ୍ତର ଭାରତର ଅଲଗା ଅଲଗା କ୍ଷେତ୍ରରେ ପ୍ରଚଳିତ ଏକ ପାରମ୍ପରିକ ଲୋକଗୀତ ହେଉଛି- ସୋହର । ପିଲାଙ୍କ ଜନ୍ମର ଖୁସିକୁ ଜାହିର କରିବା ପାଇଁ ମହିଳାମାନେ ଏହି ଗୀତ ଗାଆନ୍ତି । ଏହା କେବଳ ଏକ ଲୋକଗୀତ ନୁହେଁ, ପରିବାର ଓ ସମାଜର ସାମୂହିକ ଖୁସି, ବୟସ୍କଙ୍କ ଆଶୀର୍ବାଦ ଓ ଶହ ଶହ ବର୍ଷର ସାଂସ୍କୃତିକ ବିରାସତର ପ୍ରତୀକ । ପିଲା ଜନ୍ମ ହେବା ପରେ ସେହି ଘରୁ ସୋହରର ଗୁଞ୍ଜ ଶୁଣିବାକୁ ମିଳେ । ସାଧାରଣତଃ ଛଅ ଦିନରେ ଛଠୀ ସଂସ୍କାର ହୋଇଥାଏ । ଏହି ଅବସରରେ ମହିଳାମାନଙ୍କର ଏକ ସମୂହ ଏକତ୍ରିତ ହୁଅନ୍ତି । ଢ଼ୋଲକର ଥାପ ଓ ମଞ୍ଜିରାର ଶବ୍ଦ ସହିତ ମହିଳାମାନେ ଯେତେବେଳେ ଉଚ୍ଚ ସ୍ୱରରେ ସୋହର ଗାଆନ୍ତି ପୂରା ବାତାବରଣ ମାଙ୍ଗଳିକ ଓ ହର୍ଷୋଲ୍ଲାସରେ ଭରିଯାଏ । ଏହି ଗୀତଗୁଡ଼ିକର ପଂକ୍ତିରେ ନବଜାତ ପାଇଁ ଲୁଚି ରହିଥାଏ ଅପାର ସ୍ନେହ, ଖୁସି ଓ ଉଜ୍ୱଳ ଭବିଷ୍ୟତର ମଙ୍ଗଳକାମନା । ସୋହର ଗୀତ ମୂଳ ଭାରତୀୟ ଇତିହାସ ସହିତ ଗଭୀର ଭାବରେ ଜଡ଼ିତ ହୋଇ ରହିଛି । ଇତିହାସକାରଙ୍କ ଅନୁସାରେ ବୈଦିକ କାଳରୁ ସନ୍ତାନ ଜନ୍ମ ପରି ଶୁଭ ଅବସରଗୁଡ଼ିକରେ ମଙ୍ଗଳଗୀତ ଗାଇବାର ପରମ୍ପରା ରହିଆସିଛି । ସମୟ ସହିତ ମିଥିଳାର ମହିଳାମାନେ ଏହି ପରମ୍ପରାକୁ ନା କେବଳ ସଂରକ୍ଷିତ କରି ରଖିଛନ୍ତି ଏହାକୁ ଆହୁରି ସମୃଦ୍ଧ ମଧ୍ୟ କରିଛନ୍ତି । କେତେକ ସୋହରରେ ଭଗବାନ ରାମ ଓ ଭଗବାନ କୃଷ୍ଣଙ୍କ ଜନ୍ମର ପ୍ରସଙ୍ଗଗୁଡ଼ିକ ବହୁତ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଥାଏ । ସୋହର ଗୀତଗୁଡ଼ିକ ଜରିଆରେ ନବଜାତର ସେହି ପୀଡ଼ା ଓ ସଂଘର୍ଷକୁ ବ୍ୟକ୍ତ କରାଯାଏ ଯାହାକୁ ସହ୍ୟ କରି ଜଣେ ମା', ଶିଶୁକୁ ଜନ୍ମ ଦେଇଥାଏ ।

## ଚା' କେଟ୍‌ଲୀ ଭଳି ପର୍ସ

ମହିଳାମାନଙ୍କୁ ତାଙ୍କ ପର୍ସ ଏତେ ପସନ୍ଦ ଯେ, ତା' ବିନା ସେମାନେ ବାହାରକୁ ଯାଇ ନ ଥାଆନ୍ତି । ସବୁବେଳେ ଏହାକୁ ପାଖରେ ରଖନ୍ତି । ସେଥିପାଇଁ ବଜାରରେ ବିଭିନ୍ନ ସୁନ୍ଦର ଡିଜାଇନ୍‌ର ପର୍ସ ଉପଲବ୍ଧ ହୁଏ । ତେବେ ଏମିତି ବି କିଛି ପର୍ସ ଅଛି ଯାହା ଦେଖିବାକୁ ଏତେ ଅଜବ ହୋଇଥାଏ ଯେ, ତାକୁ ନେଇ ବାହାରକୁ ଯାଇହେବନି । କାରଣ ଏହାକୁ ନେଇକି ଗଲେ ଲୋକେ ଦେଖୁ ଚକିତ ହେବା ସହ ହସିବେ ମଧ୍ୟ । ଏଇ ଯେମିତି ଚା' କେଟ୍‌ଲୀ ଭଳି ଦେଖାଯାଉଥିବା ଏହି ପର୍ବ । ପ୍ରଥମ ନଜରରେ ଯେ କେହି ଭାବିବେ ଏହା ଏକ ସୁନେଲୀ ରଙ୍ଗର ଚା' କେଟ୍‌ଲୀ । ହେଲେ ପ୍ରକୃତରେ ଏହା କେଟ୍‌ଲୀ ନୁହେଁ । ବରଂ ଏକ କେଟ୍‌ଲୀ ସଦୃଶ ଏକ ପର୍ସ । ଦେଖିବାକୁ ଏହା ଅଜବ ହେଲେ ବି ଏହା ଭିତରେ ଏତେ ଜାଗା ଥାଏ ଯେ, ମହିଳାମାନଙ୍କର ଅନେକ ଆବଶ୍ୟକୟ ଜିନିଷ ଏହା ମଧ୍ୟରେ ରହିପାରିବ । ତେବେ ଏହାକୁ କେବଳ ସେଇମାନେ ହିଁ ବ୍ୟବହାର କରିବେ ଯେଉଁମାନେ ବାହାର ଲୋକଙ୍କ କଥାକୁ ଭ୍ରୂକ୍ଷେପ କରନ୍ତି ନାହିଁ ।



## ଖିଲାଡ଼ି ଆଦିତ୍ୟ-ଏଲ୍‌୧



ଆସନ୍ତା କାଲି ହେବାକୁ ଯାଉଛି ବର୍ଷର ପ୍ରଥମ ସୂର୍ଯ୍ୟଗ୍ରହଣ । ଇସ୍ରୋର ଆଦିତ୍ୟ-ଏଲ୍‌୧ ମିଶନ ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ କରିବା ପାଇଁ ଏକ ବିଶେଷ ସ୍ଥାନରେ ଅଛି ଯାହାକୁ ଲ୍ୟାଗ୍ରେଞ୍ଜ ପଏଣ୍ଟ-୧ କୁହାଯାଏ । ସେଠାରୁ ଏହି ମିଶନ ସୂର୍ଯ୍ୟଙ୍କ ସମ୍ପର୍କରେ ହାଇ ରିଜୋଲ୍ୟୁସନ୍ ଡାଟା ପ୍ରଦାନ କରିବ ଯାହା ପୃଥିବୀର ପୃଷ୍ଠଭାଗରୁ କରାଯାଇଥିବା ଅବଜର୍ଭେସନ୍‌କୁ ପରୀକ୍ଷଣ କରିବାରେ ସାହାଯ୍ୟ କରିବ । ଏହି ମିଶନ ସୂର୍ଯ୍ୟଙ୍କ ଅଧ୍ୟୟନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ରଖାଯାଇଛି । ଏହି ସୂର୍ଯ୍ୟଗ୍ରହଣ ଆଣ୍ଟାର୍କଟିକାର ବର୍ଫିଲା ସ୍ଥାନରେ ଭାରତୀୟ ସମୟାନୁସାରେ ଦ୍ୱିପହର ୩.୨୬ ମିନିଟ୍‌ରେ ଦେଖିବାକୁ ମିଳିବ । କିନ୍ତୁ ବାଦଲ ଘୋଡ଼େଇ ହୋଇ ରହିଥିବା ଯୋଗୁ ଏହାକୁ ଦେଖିବା କଷ୍ଟକର ହୋଇପାରେ । କିନ୍ତୁ ଆଦିତ୍ୟ-ଏଲ୍‌୧ ଏହି ସମସ୍ୟାରୁ ରକ୍ଷା କରିବ ଓ ନିଜର ଭିଜିବଲ୍ ଏମିସନ୍ ଲାଇନ୍ କୋରୋନୋଗ୍ରାଫ୍‌ର ବ୍ୟବହାର କରି ଆର୍ଟିଫିସିଆଲ୍ ଗ୍ରହଣ ସୃଷ୍ଟି କରିବ ଯାହା ସୋଲାର କୋରୋନାର ଶହେ ପ୍ରତିଶତ ସ୍ପଷ୍ଟ ଷ୍ଟଡି କରିପାରିବ । ଆଦିତ୍ୟ-ଏଲ୍‌୧ ସୂର୍ଯ୍ୟଙ୍କ କିରଣକୁ ରୋକିବା ପାଇଁ ଆଭ୍ୟନ୍ତରୀଣ ଡିସ୍କର ବ୍ୟବହାର କରୁଛି ଯେଉଁଥିରୁ ଆର୍ଟିଫିସିଆଲ୍ ଗ୍ରହଣ ସୃଷ୍ଟି ହେବ ଯାହା ଏହାର କ୍ୟାମେରାକୁ ସ୍ପେସ୍‌ର ଭ୍ୟାକୁମରୁ ବାହାରି ବାତାବରଣକୁ ପରିଷ୍କାର ଭାବରେ କ୍ୟାପ୍‌ଚର କରିବାରେ ସାହାଯ୍ୟ କରିବ । ସୂର୍ଯ୍ୟଙ୍କ ଚମକଥିବା କେନ୍ଦ୍ରଭାଗରେ ଛାୟା କରିବା ପାଇଁ ଏହା ଏକ ଅକଲ୍ଟର ନାମକ ଇଣ୍ଟରନାଲ୍ ଷ୍ଟୁଲର ବ୍ୟବହାର କରିଥାଏ ଯାହା ପୃଥିବୀର ଅସ୍ପଷ୍ଟ ବାୟୁ ସହିତ ସଂଘର୍ଷ କରିବା ବିନା ସୂର୍ଯ୍ୟଙ୍କ ଏହି ସ୍ତରକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ଦେଖିପାରିବ । ତେବେ ଆଦିତ୍ୟ-ଏଲ୍‌୧ ଦ୍ୱାରା ପ୍ରାପ୍ତ ହୋଇଥିବା ଡାଟାର ତୁଳନା ପୃଥିବୀ ପାଇଁ କରାଯାଇଥିବା ମାପଗୁଡ଼ିକ ସହିତ କରି ବୈଜ୍ଞାନିକମାନେ ପୃଥିବୀର ବାୟୁମଣ୍ଡଳ କାରଣରୁ ହେଉଥିବା ଭୁଲ୍‌ଗୁଡ଼ିକୁ ଦୂର କରିପାରିବେ ।

## ଲଭ୍ କେମିକାଲ୍



ଭାଲେଣ୍ଟାଇନ୍ ଅବସରରେ ସବୁଆଡ଼େ କେବଳ ପ୍ରେମର ବାତାବରଣ ଦେଖିବାକୁ ମିଳିଥିଲା । ମଣିଷ ପ୍ରେମରେ କାହିଁକି ପଡ଼େ । ଏହା ପଛରେ କାମ କରେ କି ମସ୍ତିଷ୍କର ରସାୟନ ବା କେମିକାଲ୍ସ ? ବିଜ୍ଞାନ ଅନୁସାରେ ଏହା କୌଣସି ଯାଦୁ ନୁହେଁ, ଏହା ମସ୍ତିଷ୍କ ଓ ହର୍ମୋନ୍ସର ଏକ ବୈଜ୍ଞାନିକ ଖେଳ । ରିସର୍ଚ୍ଚ କହେ ଯେ ଡୋପାମାଇନ୍, ଅକ୍ସିଟୋସିନ୍ ପରି କେମିକାଲ୍ସ ଲୋକମାନଙ୍କୁ ନିଜ ନିୟନ୍ତ୍ରଣକୁ ନେଇ ପ୍ରେମରେ ଫସାଇଦିଏ । କାହାକୁ ଭଲପାଇବା ଏକ ପ୍ରାକୃତିକ ପ୍ରକ୍ରିୟା ଯାହା ଇଭୋଲ୍ୟୁସନ୍ ସହିତ ଜଡ଼ିତ ରହିଥାଏ । କିନ୍ତୁ ଭଲପାଇବା ପଛରେ ମସ୍ତିଷ୍କର ଗଭୀରତାରେ ଲୁଚି ରହିଥାଏ ରିୱାର୍ଡ ସିଷ୍ଟମ୍ । ଆମେ ଯେତେବେଳେ କାହା ପ୍ରତି ଆକର୍ଷିତ ହୁଅନ୍ତି ମସ୍ତିଷ୍କରୁ ରସାୟନ ବାହାରେ ଯାହା ଖୁସି, ଉତ୍ତେଜନା ଓ ଆକର୍ଷଣ ସୃଷ୍ଟି କରାଏ । ଏହି ପ୍ରକ୍ରିୟା ଏତେ ଦ୍ରୁତତର ହୁଏ ଯେ କେବେ କେବେ ପ୍ରଥମ ଦୃଷ୍ଟିରେ ହିଁ ପ୍ରେମ ହୋଇଯାଏ ଯାହାକୁ ଲଭ୍ ଆଟ୍ ଫାଷ୍ଟ ସାଇଟ୍ କୁହାଯାଏ । ଏହା ପଛରେ କାମ କରେ ଲଭ୍ କେମିକାଲ୍ସ ଯେଉଁଗୁଡ଼ିକ ମସ୍ତିଷ୍କ ଓ ଶରୀରକୁ ପ୍ରଭାବିତ କରନ୍ତି ।

**ଡୋପାମାଇନ୍-** ଏହା ଖୁସିର ରସାୟନ । ମସ୍ତିଷ୍କର ରିୱାର୍ଡ ସର୍କିଟ୍‌କୁ ଏହି ରସାୟନ ସକ୍ରିୟ କରି ରଖେ ଯେଉଁ କାରଣରୁ ଏହା ନିଶା ପରି କାମ କରେ । ତେଣୁ ପାର୍ଟନର୍‌କୁ ଦେଖିଲେ ଡୋପାମାଇନ୍ ବୃଦ୍ଧି ହୁଏ, ଖୁସିର ଲହର ସୃଷ୍ଟି ହୁଏ । ରିସର୍ଚ୍ଚ ଅନୁସାରେ ମାଦକ ଦ୍ରବ୍ୟର ନିଶାରେ ମଧ୍ୟ ଏହି ରସାୟନ କାମ କରେ ।

**ଅକ୍ସିଟୋସିନ୍-** ଏହି କୋଡୋଲ୍ ହର୍ମୋନ୍ ଆକର୍ଷଣ ଓ ବିଶ୍ୱାସ ସୃଷ୍ଟି କରାଏ । ତେଣୁ ପାର୍ଟନର୍‌କୁ ସ୍ପର୍ଶ କଲେ ଅକ୍ସିଟୋସିନ୍ ବାହାରେ ଯାହା ବନ୍ଧନକୁ ମଜଭୁତ କରାଏ । ମା' ଓ ଶିଶୁ ମଧ୍ୟରେ ଥିବା ବନ୍ଧନରେ ମଧ୍ୟ ଏହି ରସାୟନ କାମ କରେ ।

**ନୋର୍‌ପାଇନ୍‌ଫ୍ରିନ୍-** ଏହି ରସାୟନ ଉତ୍ତେଜନା ଉପରେ ଧ୍ୟାନ ଦିଏ । ଏହା ଦ୍ୱାରା ହୃଦ୍‌ଗତି ତେଜ ହୁଏ, ଝାଳ ବାହାରେ ।

**ସେରୋଟୋନିନ୍-** ଭଲ ପାଇବାର ଆରମ୍ଭରେ ଏହା କମ୍ ହୋଇଯାଏ ଯେଉଁ କାରଣରୁ ଜଣେ ପାର୍ଟନର୍ ସମ୍ପର୍କରେ ଅଧିକ ଚିନ୍ତା କରେ ଓ ପରେ ଏହା ସନ୍ତୁଳିତ ହୋଇଯାଏ ।

**ଟେଷ୍ଟୋଷ୍ଟେରୋନ୍ ଓ ଏଷ୍ଟ୍ରୋଜେନ୍-** ଏହା ଆକର୍ଷଣର ଚରଣରେ କାମ କରେ ଯାହା ଶାରୀରିକ ଇଚ୍ଛା ଉତ୍ପନ୍ନ କରାଏ । ମସ୍ତିଷ୍କର ଭେଣ୍ଟ୍ରାଲ୍ ଟେଗ୍‌ମେଣ୍ଟାଲ୍ ଏରିଆ, ଏମିଗ୍‌ଡାଲା, ହିପ୍ପୋକ୍ୟାମ୍ପସ୍ ଓ ପ୍ରିଫ୍ରଣ୍ଟାଲ୍ କର୍ଟିକ୍ସ ପରି ଭାଗଗୁଡ଼ିକରେ ଏହି ରସାୟନ ସକ୍ରିୟ ହୋଇ ରହିଥାଏ । ଏଫ୍‌ଏମ୍‌ଆର୍‌ଆଇ ସ୍କାନ୍‌ରୁ ଜଣାପଡ଼େ ଯେ ଏ ସମୟରେ ମସ୍ତିଷ୍କରେ ଏକା ସହିତ ୧୨ଟି କ୍ଷେତ୍ର କାମ କରନ୍ତି ।

## ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଘାଙ୍ଗରିଆ



ଉତ୍ତରାଖଣ୍ଡର ଚମୋଲି ଜିଲା ଅନ୍ତର୍ଗତ ଏକ ଛୋଟ ପର୍ବତୀୟ ଗାଁ ହେଉଛି ଘାଙ୍ଗରିଆ ; ଯେଉଁଠାରେ ପର୍ଯ୍ୟଟକ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଅନେକ ମନୋରମ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବୁଲି ଦେଖିପାରିବେ...

ଘାଙ୍ଗରିଆ ହେଉଛି ଉତ୍ତରାଖଣ୍ଡର ଚମୋଲି ଜିଲା ଅନ୍ତର୍ଗତ ଏକ ସୁନ୍ଦର ଗାଁ ; ଯାହାକି ସ୍ଥାନୀୟ ଦୁଇଟି ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ 'ହେମକୁଣ୍ଡ ସାହିବ' ଏବଂ 'ଫୁଲର ଘାଟି'କୁ ଯିବା ରାସ୍ତାରେ ହିଁ ପଡିଥାଏ । ଘାଙ୍ଗରିଆଠାରୁ ପ୍ରାୟ ୬ କି.ମି ଦୂର ଗଲେ ପଡ଼ିଥାଏ ଶିଖ୍ ମାନଙ୍କର ପବିତ୍ର ତୀର୍ଥସ୍ଥଳୀ ହେମକୁଣ୍ଡ ସାହିବ । ସେହିପରି ପ୍ରାୟ ୫ କି.ମି ଦୂରରେ ରହିଛି ଉତ୍ତରାଖଣ୍ଡର ପ୍ରସିଦ୍ଧ ଭ୍ୟାଲେ ଅଫ୍ ଫ୍ଲାୱାର୍ସ ନ୍ୟାସନାଲ୍ ପାର୍କ ; ଯାହାକୁ କେହି କେହି ଫୁଲର ଘାଟି ଅଥବା ଫୁଲର ଉପତ୍ୟକା ବୋଲି ବି ସମ୍ବୋଧନ କରିଥାନ୍ତି । କାରଣ ଏଠାରେ ଜୁନ୍‌ରୁ ଅକ୍ଟୋବର ଭିତରେ ନାନା ରଙ୍ଗର ଜାତିଜାତିକା ଫୁଲ ଫୁଟିଥିବାର ଦେଖିବାକୁ ମିଳିଥାଏ । ବାକି ସମୟରେ ଏହି ସ୍ଥାନଟି ବରଫାବୃତ ହୋଇ ରହିଥାଏ ବୋଲି ସୂଚନା ରହିଛି ।

**ଘାଙ୍ଗରିଆ ;** ଯାହା ଗୋବିନ୍ଦ ଧାମ୍ ଭାବେ ବି ପରିଚିତ । ଏହା ସ୍ଥାନୀୟ ପୁଷ୍ପାବତୀ ନଦୀ ଓ ଲକ୍ଷ୍ମଣ ଗଙ୍ଗାର ମିଳନ ସ୍ଥଳରେ ଅବସ୍ଥିତ । ଏହି ଗାଁକୁ ଚତୁଃପାର୍ଶ୍ୱରୁ ବହୁ ଉଚ୍ଚ ଉଚ୍ଚ ପାହାଡ଼ ଓ ଗଛଲତା ଘେରି ରହିଛି । ସେଥିପାଇଁ ଏଠାକାର ପ୍ରାକୃତିକ ଦୃଶ୍ୟକୁ ଦେଖୁବା ବେଶ୍ ମନୋରମ ଲାଗେ । କୁହାଯାଏ, ଏହା ହେଉଛି ସ୍ଥାନୀୟ ଅଞ୍ଚଳର ଶେଷ ଗାଁ ; ଯେଉଁଠାରେ କିଛି ଜନବସତି ଥିବାର ଦେଖିବାକୁ ମିଳେ । ତା'ପରଠୁ ଟ୍ରେକିଂ କରି ବା ଚାଲିଚାଲି ହେମକୁଣ୍ଡ ସାହିବ ଏବଂ ଫୁଲର ଘାଟିକୁ ଯିବାକୁ ହୋଇଥାଏ । ସେଥିପାଇଁ ଯେଉଁ ପର୍ଯ୍ୟଟକମାନେ ଏହି ଦୁଇଟି ପର୍ଯ୍ୟଟନସ୍ଥଳୀ ବୁଲି ଯିବାକୁ ଆସିଥାନ୍ତି, ସେମାନେ ଘାଙ୍ଗରିଆରେ ବେସ୍ କ୍ୟାମ୍ପ କରି ରହିଥାନ୍ତି ।

**କ'ଣ ଦେଖୁ:** ଯେହେତୁ ଏହା ଏକ ପର୍ବତୀୟ ପର୍ଯ୍ୟଟନସ୍ଥଳୀ, ତେଣୁ ଏଠାରେ ଟ୍ରେକିଂ କରି ବିଭିନ୍ନ ସ୍ଥାନକୁ ବୁଲି ଯିବାକୁ ହୋଇଥାଏ । ପର୍ଯ୍ୟଟକଙ୍କୁ ଏଠାକୁ ଆସିବାକୁ ହେଲେ ପ୍ରଥମେ ସ୍ଥାନୀୟ ଗୋବିନ୍ଦଘାଟରେ ପହଁଞ୍ଚିବାକୁ ପଡିଥାଏ । ଗୋବିନ୍ଦଘାଟ ହେଉଛି ଚମୋଲି ଜିଲା ଅନ୍ତର୍ଗତ ଏକ ସହର । ଏଠାରେ ପର୍ଯ୍ୟଟକ ବିଭିନ୍ନ ଆଧାତ୍ମିକ ପୀଠ ଦେଖୁବାର ସୁଯୋଗ ପାଇପାରିବେ । ଆଉ ସେଠାରୁ ଯାଇ ଘାଙ୍ଗରିଆରେ ପହଁଞ୍ଚି ପରେ ସ୍ଥାନୀୟ ପୁଷ୍ପାବତୀ ନଦୀ ଏବଂ ଲକ୍ଷ୍ମଣ ଗଙ୍ଗା ନଦୀର ଅପୂର୍ବ ସଙ୍ଗମ ସ୍ଥଳୀକୁ ଦେଖପାରିବେ । ତା'ସହିତ ଘାଙ୍ଗରିଆରେ ବେସ୍ କ୍ୟାମ୍ପ କରି କିଛି ସମୟ ବିଶ୍ରାମ ନେଇସାରିବା ପରେ ପୁଣି ସେଠାରୁ ଟ୍ରେକିଂ କରି ଯାଇ ପ୍ରସିଦ୍ଧ ହେମକୁଣ୍ଡ ସାହିବ ଏବଂ ଫୁଲର ଘାଟିକୁ ବୁଲି ଦେଖିପାରିବେ । ଘାଙ୍ଗରିଆରେ ପର୍ଯ୍ୟଟକଙ୍କ ରହିବା ପାଇଁ ଶୁଲଭ ମୂଲ୍ୟରେ ହୋଟେଲ୍, ଲଜ୍ ର ବି ବ୍ୟବସ୍ଥା ରହିଛି । ଏଥିପାଇଁ ପୂର୍ବରୁ ବୁକିଂ କରିଦେଲେ ଭଲ ।



**କ'ଣ ଖାଇବେ:** ଘାଙ୍ଗରିଆରେ ବେସ୍ କ୍ୟାମ୍ପ କରି ରହିଲାବେଳେ ପର୍ଯ୍ୟଟକ ସ୍ଥାନୀୟ ବ୍ରାଉନ୍ ରାଇସ୍, ଗହତ (ଏକପ୍ରକାର ଡାଲି), ପାହାଡି ଆଳୁର ଗୁଟକେ (ଏକପ୍ରକାର ଆଳୁ ଭଜା), ଚଟ୍, ଛାଜ୍ ଆଦି ସୁସ୍ୱାଦୁ ବ୍ୟଞ୍ଜନ ଖାଇବାର ମଜା ନେଇପାରିବେ । କେବେ ଓ କେମିତି ଯିବେ ଘାଙ୍ଗରିଆ ବୁଲିଯିବା ପାଇଁ ସବୁଠୁ ଭଲ ସମୟ ହେଉଛି ମେ' ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ । କାରଣ ସମୁଦ୍ରପତ୍ତନରୁ ପ୍ରାୟ ୧୦,୦୦୩ ଫୁଟ ଉଚ୍ଚତାରେ ଥିବା ଏହି ସ୍ଥାନରେ ଶୀତଦିନେ ପ୍ରବଳ ତୁଷାରପାତ ହୋଇ ରାସ୍ତାଘାଟ ବନ୍ଦ ହୋଇଯାଏ । ସେଥିପାଇଁ ଡିସେମ୍ବରରୁ ଏପ୍ରିଲ୍ ମାସ ପର୍ଯ୍ୟନ୍ତ ଏଠାକୁ ପର୍ଯ୍ୟଟକଙ୍କ ଆସିବା ବନ୍ଦ କରି ଦିଆଯାଇଥାଏ । ତେଣୁ ପର୍ଯ୍ୟଟକ ଘାଙ୍ଗରିଆ ହେଉ କି ହେମକୁଣ୍ଡ ସାହିବ ଅଥବା ଫୁଲର ଘାଟି ବୁଲିଯିବାକୁ ଚାହୁଁଥିଲେ ମେ' ମାସ ପରେ ଏଠାକୁ ଯାଇପାରିବେ । ସେହିପରି ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ବିମାନ ଯୋଗେ ଜୋଲି ଗ୍ରାଣ୍ଟ ଏୟାରପୋର୍ଟ କିମ୍ବା ରେଳ ଯୋଗେ ଋଷିକେଶ ରେଳଷ୍ଟେଶନରେ ପହଁଞ୍ଚିବାକୁ ପଡିବ । ପରେ ସେଠାରୁ ସ୍ଥାନୀୟ ସାଧନ ଯୋଗେ ଗୋବିନ୍ଦଘାଟ ଦେଇ ଘାଙ୍ଗରିଆରେ ପହଁଞ୍ଚିବାକୁ ହେବ । ଆଉ ଯଦି ସଡ଼କମାର୍ଗରେ ଯିବାକୁ ଚାହୁଁଥାନ୍ତି, ତା'ହେଲେ ବିଭିନ୍ନ ସହରରୁ ଟୁରିଷ୍ଟ ବସ୍ ସିଧାସଳଖ ଗୋବିନ୍ଦଘାଟକୁ ଆସିଥାଏ । ସେଠାରୁ ୧୪ କି.ମି ଦୂରରେ ଥିବା ଘାଙ୍ଗରିଆକୁ ପର୍ଯ୍ୟଟକ ଚାହିଁଲେ ଟ୍ରେକିଂ କରି ଯାଇପାରିବେ । ନଚେତ୍ ସ୍ଥାନୀୟ ସାଧନ ଯୋଗେ ବି ଯାଇପାରିବେ । ସୂଚନାନୁଯାୟୀ, ଉଭୟ ଗୋବିନ୍ଦଘାଟ ଓ ଘାଙ୍ଗରିଆରେ ହେଲିପାଡ୍‌ର ମଧ୍ୟ ବ୍ୟବସ୍ଥା ରହିଛି । ପର୍ଯ୍ୟଟକ ଚାହିଁଲେ ଏହାର ସୁବିଧା ନେଇପାରିବେ । କିନ୍ତୁ ଏଥିପାଇଁ ପୂର୍ବରୁ ବୁକିଂ କରିବାକୁ ପଡିଥାଏ ।

## ସ୍ଲିପର୍ ସେଲ୍

ଚଳଚ୍ଚିତ୍ର, ଖବରକାଗଜ ଅବା ଟେଲିଭିଜନରେ ପ୍ରସାରିତ ଖବରରୁ ଶୁଣିଥିବେ ଯେ,ଦେଶ ଭିତରେ ଘଟୁଥିବା ଅନେକ ଆତଙ୍କବାଦୀ ଘଟଣା ପଛରେ ସ୍ଲିପର୍ ସେଲ୍‌ମାନଙ୍କ ପ୍ରମୁଖ ହାତ ଥାଏ । ତେବେ ଜାଣନ୍ତି କି ଏହି ସ୍ଲିପର୍ ସେଲ୍ କ'ଣ ? ଜାଣନ୍ତୁ ସେ ସମ୍ପର୍କରେ..

ଆତଙ୍କବାଦ ଏବେ ଏକ ପ୍ରମୁଖ ସମସ୍ୟା । ଆତଙ୍କବାଦୀ ସଂଗଠନଗୁଡିକ ନିଜର ଗୁପ୍ତ ଏଜେଣ୍ଟ ବା ନେଟୱର୍କର ବ୍ୟବହାର କରି ବିଭିନ୍ନ ଦେଶରେ ଆତଙ୍କର ଖେଳ ଖେଳୁଛନ୍ତି । ଏହି ଗୁପ୍ତ ଏଜେଣ୍ଟମାନେ ହିଁ ସାଧାରଣତଃ 'ସ୍ଲିପର୍ ସେଲ୍' ଭାବରେ ପରିଚିତ ହୋଇଥାନ୍ତି । ଏମାନେ ସାଧାରଣ ଲୋକଙ୍କ ସହ ସାଧାରଣ ମଣିଷଟିଏ ପରି ମିଳିମିଶି ରୁହନ୍ତି । କେବେ ଛାତ୍ର ତ କେବେ ସାଧାରଣ ଚାକିରି କରୁଥିବା ମଣିଷ, ମୁଲିଆ ମଜୁରୀ କାମ କରୁଥିବା ବ୍ୟକ୍ତି ଭାବେ ରୁହନ୍ତି । ସେମାନେ ଏତେ ସାଧାରଣଭାବେ ସମାଜରେ ଚଳନ୍ତି ଯେ, କେହି କେବେ ସ୍ୱପ୍ନରେ ବି ଭାବି ପାରିବେ ନାହିଁ ସେମାନେ ଶତ୍ରୁ ଦେଶର ଜଣେ ଜଣେ ଗୁପ୍ତ ଏଜେଣ୍ଟ ବୋଲି । ହେଲେ ଯେବେ ଆତଙ୍କବାଦୀ ସଂଗଠନର ମୁଖ୍ୟ ତଥା ହ୍ୟାଣ୍ଡଲର୍‌ଙ୍କଠାରୁ ଆଦେଶ ଆସେ, ସେମାନେ ସକ୍ରିୟ ହୋଇଯାଆନ୍ତି ଓ କରନ୍ତି ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟ । ଏମାନଙ୍କ ପ୍ରମୁଖ କାମ ହେଉଛି ଆତଙ୍କବାଦୀମାନଙ୍କୁ ସାହାଯ୍ୟ କରିବା ଓ ଆଦେଶ ଅନୁସାରେ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଘଟଣା ଘଟାଇବା । ତା'ସହ ଆତଙ୍କବାଦୀ ସଂଗଠନ ପାଇଁ ଜରୁରୀ ଖବର ସଂଗ୍ରହ କରିବା ମଧ୍ୟ ତାଙ୍କର ଏକ ପ୍ରମୁଖ କାର୍ଯ୍ୟ । ବିଭିନ୍ନ ଆତଙ୍କବାଦୀ ସଂଗଠନ ନିଜର ଶତ୍ରୁ ଦେଶରେ ଅନେକ ସୁପର୍ ସେଲ ଡିପୋର୍ଟ କରିଥାନ୍ତି । ସେମାନେ ନିଜର ପରିଚୟ ସହ ନିଜର ସବୁ ଗତିବିଧିକୁ ଗୁପ୍ତ ରଖି ସାଧାରଣ ଜୀବନ ଜିଅନ୍ତି । ଆଉ ନିର୍ଦ୍ଦେଶ ମିଳିବା ପରେ ଘଟାଇଥାନ୍ତି ବଡ଼ ବଡ଼ ଆତଙ୍କବାଦୀ ଘଟଣା । ଏମାନଙ୍କୁ ବମ୍ ବ୍ଲାଷ୍ଟ, ପ୍ଲେନ୍ ହାଇଜାକ୍, ଗୁଳି ଚାଳନା ଆଦି କରିବାର ତାଲିମ ଦିଆଯାଇଥାଏ । ଜୈସ-ଏ ମହମ୍ମଦ, ଲଶ୍କର-ଏ-ତଏବା, ଟିଆର୍‌ଏଫ୍, ସିମି ଭଳି ଆତଙ୍କବାଦୀ ସଂଗଠନ ଏହି ସ୍ଲିପର୍‌ସେଲ୍‌ଙ୍କୁ ବିଭିନ୍ନ ଦେଶରେ ରଖୁଥାଆନ୍ତି । ଆଉ ସେମାନଙ୍କ ସାହାଯ୍ୟରେ ସେ ଶତ୍ରୁ ଦେଶର ବିଭିନ୍ନ ଗୁପ୍ତ ତଥ୍ୟ ହାସଲ କରିବା ସହ ଆତଙ୍କବାଦୀ ଘଟଣା ଘଟାଇଥାନ୍ତି । ଦେଶର ସୁରକ୍ଷା ଏଜେନ୍ସିଙ୍କ ପାଇଁ ଆତଙ୍କବାଦୀଙ୍କଠାରୁ ବେଶି ଘାତକ ଦେଶ ଭିତରେ ଲୁଚି ରହିଥିବା ସ୍ଲିପର୍ ସେଲ୍ ହୋଇଥାନ୍ତି । ଯେଉଁମାନେ କି ଚୁପ୍‌ଚାପ୍ ନିଜର କାମ କରିଥାନ୍ତି । ଶତ୍ରୁ ଦେଶରେ ସାଥୀ ଆତଙ୍କବାଦୀଙ୍କୁ ପ୍ରବେଶ କରାଇବାଠାରୁ ଆରମ୍ଭ କରି ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଲୁଚାଇ ରଖିବାରେ ମଧ୍ୟ ଏହି ସ୍ଲିପର୍ ସେଲ୍‌ମାନେ ସାହାଯ୍ୟ କରିଥାନ୍ତି । ସାଧାରଣ ଲୋକଙ୍କ ସହ ସାଧାରଣ ମଣିଷଭଳି ରହୁଥିବାରୁ ସୁରକ୍ଷା ଏଜେନ୍ସିମାନଙ୍କୁ ଏମାନଙ୍କୁ ଚିହ୍ନଟ କରିବା କାଠିକର ପାଠ ହୋଇଯାଏ । ତେଣୁ ଅନେକ ସମୟରେ ସାଧାରଣ ନାଗରିକଙ୍କୁ ସଚେତନ କରାଯାଏ ଯେ, ଯଦି କୌଣସି ବ୍ୟକ୍ତି କିଛି ସନ୍ଦିଗ୍ଧ ଗତିବିଧି କରୁଥିବା ନଜରକୁ ଆସନ୍ତି ତେବେ ତୁରନ୍ତ ସୂଚନା ଦେବେ ।



# ଶୁଭେନ୍ଦୁଙ୍କ ବଡ଼ ଆକ୍ସନ, ମମତାଙ୍କୁ ଲାଗିବ ଶକ୍ତ ଧକ୍କା

କୋଲକାତା: କୋଲକାତାର ପ୍ରସିଦ୍ଧ ସଲ୍ଟ ଲେକ ଷ୍ଟାଡିୟମ ବାହାରେ ଅବସ୍ଥିତ ଏକ ବିବାଦୀୟ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି । ଏହି ମୂର୍ତ୍ତିରେ ଫୁଟବଲ ଉପରେ ଦୁଇଟି ଅସ୍ଥିର ଗୋଡ଼କୁ ଚିତ୍ରିତ କରାଯାଇଛି । ଏହା ଷ୍ଟାଡିୟମ ଏବଂ ବଙ୍ଗଳାରେ ପ୍ରଚଳିତ ଫୁଟବଲ କ୍ରେଜ ଉଭୟର ପ୍ରତୀକ ପାଲଟିଥିଲା । ଏହି ପ୍ରତିମୂର୍ତ୍ତିଟି ପ୍ରକୃତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ଡିଜାଇନ କରାଯାଇଥିଲା । ଭାଜପା କ୍ଷମତାକୁ ଆସିବା ପରେ, ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ସରକାର ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏହି ପ୍ରତିମୂର୍ତ୍ତି ସମ୍ପର୍କରେ ବଙ୍ଗଳାରେ ଜନମତ ବିଭାଜିତ ହୋଇଥିଲା; ଅନେକ ଏହାକୁ ପ୍ରଶଂସା କରିଥିବା ବେଳେ, ଅନ୍ୟମାନେ ଏହାକୁ ଆଖିର ଘୋର କ୍ଷତି ବୋଲି ସମାଲୋଚନା କରିଥିଲେ । ମନ୍ତ୍ରୀ ନିସିଥ ପ୍ରାମାଣିକଙ୍କ ଦ୍ୱାରା ଏହାକୁ ହଟାଇବା ସମ୍ପର୍କରେ ଏକ ବିବୃତ୍ତି ପରେ ଏହି ଭଙ୍ଗା କରାଯାଇଥିଲା ।



ଏହି ଷ୍ଟାଡିୟମଟି ଲିଓନେଲ ମେସିଙ୍କ ଏକ ମ୍ୟାଚ ପାଇଁ ସ୍ଥାନ ଥିଲା । ଏହି ପ୍ରତିମୂର୍ତ୍ତିଟି ୨୦୧୭ ଫିଫା ୧୭ ବର୍ଷରୁ କମ ବିଶ୍ୱକପ ପୂର୍ବରୁ ସ୍ଥାପିତ ହୋଇଥିଲା । ଏଥିରେ 'ବିଶ୍ୱ ବଙ୍ଗଳା' ଲୋଗୋ ମଧ୍ୟ ଥିଲା । ଏହି ମୂର୍ତ୍ତିଟି ଉନ୍ମୋଚନ ହେବା ପରଠାରୁ ବିବାଦରେ ପଡ଼ିଥିଲା, ଅନେକ ଫୁଟବଲ ପ୍ରେମୀ ଏହାର ଅଦ୍ଭୁତ ଡିଜାଇନ ଉପରେ ପ୍ରଶ୍ନ ଉଠାଇଥିଲେ । ଷ୍ଟାଡିୟମଟି ପୂର୍ବ ବଙ୍ଗ ଏବଂ ମୋହନ ବାଗାନ ମଧ୍ୟରେ ଅନେକ ପ୍ରତୀକାତ୍ମକ ଫୁଟବଲ ମ୍ୟାଚ ଆୟୋଜନ କରିଛି ଏବଂ ଏଥିରେ ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କ ଅଂଶଗ୍ରହଣ ଦେଖିଛି । ଏହି ସମୟରେ, ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ ଭାଜପା ନେତା କେୟା ଘୋଷ ପୋଷ୍ଟ କରିଛନ୍ତି: 'ଆପଣଙ୍କୁ ସଲ୍ଟ ଲେକ ଷ୍ଟାଡିୟମ ସାମ୍ନାରେ ଥିବା ସେହି ଘୃଣ୍ୟ ପ୍ରତିମୂର୍ତ୍ତି ମନେ ଅଛି କି? ଏବେ, ଆମର ପ୍ରତିଶ୍ରୁତି ଅନୁଯାୟୀ, ଏହାକୁ ହଟାଇ ଦିଆଯାଇଛି ।' ପୂର୍ବରୁ, ପଦର ଶପଥ ନେବାର କିଛି ସମୟ ପରେ, ଶୁଭେନ୍ଦୁ ଅଧିକାରୀ କହିଥିଲେ ଯେ ଏହି ପ୍ରତିମୂର୍ତ୍ତି ହଟାଇ ଦିଆଯିବ । ଏହି ସପ୍ତାହରେ, ନିସିଥ ପ୍ରାମାଣିକ ଏହି ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କ ଉଦ୍ଦେଶ୍ୟକୁ ଦୋହରାଇଥିଲେ । ପୃଥକ ଭାବରେ, ପଶ୍ଚିମବଙ୍ଗର ଆସାନସୋଲରେ, SAIL-ISP ର ପରିଚାଳନା ବର୍ନପୁର ଷ୍ଟେଶନ ନିକଟରେ ଏକ ଜବରଦଖଲ ବିରୋଧୀ ଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନ ଅନ୍ତର୍ଗତ, ଅନେକ ଦଳୀୟ କାର୍ଯ୍ୟାଳୟ ଏବଂ କ୍ଲବ କୋଠା ୱାର୍ଡ 74 ର ତୃଣମୂଳ କଂଗ୍ରେସ କାଉନସିଲର ଅଶୋକ ରୁଦ୍ରଙ୍କ କାର୍ଯ୍ୟାଳୟ ସମେତ ଭାଙ୍ଗି ଦିଆଯାଇଛି ।

# ମୋଦିଙ୍କୁ ଭେଟିଲେ ଆମେରିକୀୟ ବୈଦେଶିକ ମନ୍ତ୍ରୀ ରୁବିଓ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ ସେମାନେ ଭାରତ-ଆମେରିକା ବ୍ୟାପକ ବିଶ୍ୱ ରଣନୈତିକ ସହଭାଗୀତାରେ ହେଉଥିବା ସ୍ଥିର ପ୍ରଗତି, ଏବଂ ଆଞ୍ଚଳିକ ଏବଂ ବିଶ୍ୱ ଶାନ୍ତି ଏବଂ ପ୍ରକାଶ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ସେମାନେ ଭାରତ ଏବଂ ଆମେରିକା ମଧ୍ୟରେ ସୁରକ୍ଷା, ବାଣିଜ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି ଏବଂ ଗଭୀର କରିବା



ସୁରକ୍ଷା ସହିତ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ସେ ଦୃଢ଼ କରିଛନ୍ତି ଯେ ଭାରତ ଏବଂ ଆମେରିକା ବିଶ୍ୱ ମଙ୍ଗଳ ପାଇଁ ଏକାଠି କାମ କରିବେ । ଆଲୋଚନା ସମୟରେ, ପ୍ରଧାନମନ୍ତ୍ରୀ ମୋଦି ଏବଂ ଆମେରିକା ବୈଦେଶିକ ମନ୍ତ୍ରୀ ରୁବିଓ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ । ରୁବିଓ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଆମେରିକା ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ । ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟତୀତ, ଆମେରିକୀୟ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ 'X' (ପୂର୍ବରୁ ଟୁଇଟର) ରେ ବୈଠକର ଫଟୋ ଶେୟାର କରିଛନ୍ତି । ତାଙ୍କ ପୋଷ୍ଟରେ, ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ସାକ୍ଷାତ ପାଇଁ ମାର୍କୋ ରୁବିଓଙ୍କ ସହ ଯୋଗଦାନ ପାଇଁ ଖୁସି ସମ୍ପର୍କରେ ଅର୍ଥପୂର୍ଣ୍ଣ ଆଲୋଚନା କରିଛନ୍ତି । ଏହି କ୍ଷେତ୍ରଗୁଡ଼ିକ ଉଭୟ ରାଷ୍ଟ୍ରକୁ ମଜବୁତ କରିବାରେ ସାହାଯ୍ୟ କରେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ଏବଂ ଆମେରିକା ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଚାରି ଦିନିଆ ଗସ୍ତରେ ଭାରତ ଆସିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ରୁବିଓଙ୍କ ଚାରି ଦିନିଆ ଭାରତ ଗସ୍ତ ପାଇଁ ସରକାରୀ ଯାତ୍ରା ତାଲିକା ପ୍ରକାଶ କରିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସାକ୍ଷାତ ପରେ, ରୁବିଓ ମେ ୨୪ ସକାଳ ୧୧ଟା ୩୦ରେ ଦିଲ୍ଲୀର ହାଇଦ୍ରାବାଦ ହାଉସରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କରଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ଏହା ପରେ, ସା ୬ଟା୨୦ରେ, ସେ ଆମେରିକା ଦୂତାବାସ ଦ୍ୱାରା ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବେ ।

# ତାମିଲନାଡୁ ସରକାରକୁ ଫେରିଲା କଂଗ୍ରେସ

ଚେନ୍ନାଇ; କ୍ୟାବିନେଟକୁ ଫେରିଲା କଂଗ୍ରେସ । ତାମିଲନାଡୁ କ୍ୟାବିନେଟକୁ କମବ୍ୟାକ୍ କରିଛି କଂଗ୍ରେସ । ଦକ୍ଷିଣ ଭାରତୀୟ ରାଜ୍ୟ ତାଲିମନାଡୁରେ ଆଜି ଐତିହାସିକ ଦିନ । ୫୯ ବର୍ଷ ପରେ କ୍ୟାବିନେଟକୁ ଫେରିଛି କଂଗ୍ରେସ । ୩୩ ଜଣ ମନ୍ତ୍ରୀଙ୍କୁ ନେଇ ନୂଆ କ୍ୟାବିନେଟ୍ ଗଠନ କରିଛନ୍ତି ତାମିଲନାଡୁ ନୂଆ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ । ଟିଭିକେର ୨୧, କଂଗ୍ରେସର ୨ ଜଣଙ୍କୁ ବିଜୟ କ୍ୟାବିନେଟରେ ସ୍ଥାନ ମିଳିଛି । କ୍ୟାବିନେଟରେ ଅନ୍ୟାନ୍ୟ ସହଯୋଗୀ ଦଳକୁ ୧୦ଟି ଆସନ ମିଳିଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ଉପସ୍ଥିତିରେ ୨ କଂଗ୍ରେସ ବିଧାୟକ ଏବଂ ୨୧



ଟିଭିକେ ଏମଏଲଏ ଶପଥ ନେଇଛନ୍ତି । ପୂର୍ବାହ୍ନ ୧୦ଟାରେ ଲୋକଭବନରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ସେମାନଙ୍କୁ ପଦ ଏବଂ ଗୋପନୀୟତାର ଶପଥପାଠ କରାଇଛନ୍ତି । ଏଥିସହ କଂଗ୍ରେସ ରାଜ୍ୟର ମନ୍ତ୍ରିମଣ୍ଡଳରେ ଦୀର୍ଘ ୫୯ ବର୍ଷ ପରେ ସାମିଲ ହୋଇଛି । ଦଳୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବିଧାୟକ ରାଜେଶ କୁମାର ଏବଂ ଥିରୁ ପି ବିଶ୍ୱନାଥଙ୍କୁ ତାମିଲନାଡୁ କ୍ୟାବିନେଟରେ ସାମିଲ ପାଇଁ ମଞ୍ଜୁରୀ ଦେଇଥିଲେ । ଉଭୟ ଆଜି ଶପଥ ନେଇଛନ୍ତି । ଏହା କଂଗ୍ରେସ ପାଇଁ ଆଜି ଏକ ଐତିହାସିକ ଅବସର ହୋଇଛି । କାରଣ ଦୀର୍ଘ ୫୯ ବର୍ଷ ପରେ କଂଗ୍ରେସ ରାଜ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛି । ରାଜେଶ କୁମାର ଏବଂ ଥିରୁ ପି ବିଶ୍ୱନାଥଙ୍କୁ ଶୁଭେଚ୍ଛା ଜଣାଇଛି ଦଳ । ସେମାନେ ରାଜ୍ୟବାସୀଙ୍କ ଆକାଂକ୍ଷା ପୂରଣ ଲାଗି କାର୍ଯ୍ୟ କରିବେ ବୋଲି ଦୃଢ଼ ବିଶ୍ୱାସ ରହିଛି । କ୍ୟାବିନେଟକୁ ଫେରିବା ପରେ ଶେଷରେ ଘଟିଛି ତାମିଲନାଡୁରେ ବହୁ ପ୍ରତୀକ୍ଷିତ ଘଟଣା । ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ କ୍ୟାବିନେଟ୍ ବିସ୍ତାର କରିଛନ୍ତି । ଥାଲାପଥି ବିଜୟଙ୍କ ସରକାରରେ ୨୩ ଜଣ ବିଧାୟକ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ଏହି ୨୩ ବିଧାୟକଙ୍କ ମଧ୍ୟରେ ବିଜୟଙ୍କ ଟିଭିକେ ଦଳର ୧୯ ଜଣ ଏବଂ ସହଯୋଗୀ କଂଗ୍ରେସ ଦଳର ଦୁଇଜଣ ଅଛନ୍ତି । ଏହା ୫୯ ବର୍ଷ ପରେ ତାମିଲନାଡୁ କ୍ୟାବିନେଟରେ କଂଗ୍ରେସର ପ୍ରବେଶ ହୋଇଛି । ସହଯୋଗୀ ଦଳ VCK ଏବଂ IUML ପାଇଁ ଦୁଇଟି ମନ୍ତ୍ରଣାଳୟ ସଂରକ୍ଷିତ ରଖାଯାଇଛି, କିନ୍ତୁ ଏହି ଦଳଗୁଡ଼ିକ ଏପର୍ଯ୍ୟନ୍ତ ସେମାନଙ୍କର ମନ୍ତ୍ରୀଙ୍କ ନାମ ଘୋଷଣା କରିନାହାଁନ୍ତି । VCK ଏବଂ IUML, ଯାହାର ପ୍ରତ୍ୟେକର ଦୁଇଟି ବିଧାୟକ ଅଛନ୍ତି, TVK ସରକାର ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।

# ରାଜ୍ୟସଭା ଯାଚିକା ସମିତିର ଅଧ୍ୟକ୍ଷ ଭାବେ ରାଘବଙ୍କୁ ଦାୟିତ୍ୱ



ନୂଆଦିଲ୍ଲୀ: ଆପ୍ ଛାଡ଼ି ବିଜେପିରେ ଯୋଗଦେବା ଦିନଠାରୁ ସମାଲୋଚନାର ଶିକାର ହେଉଛନ୍ତି ରାଜ୍ୟସଭା ସାଂସଦ ରାଘବ ଚଢ଼ା । ତେବେ ଏହାରି ଭିତରେ ବିଜେପି ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଦେଇଛି । ରାଜ୍ୟସଭା ଯାଚିକା ସମିତିର ଅଧ୍ୟକ୍ଷ ଭାବେ ରାଘବଙ୍କୁ ଦାୟିତ୍ୱ ଦେଇଛନ୍ତି ମୋଦି । ଏହି ପ୍ୟାନେଲକୁ ପୁନର୍ଗଠିତ କରାଯାଇଥିବାବେଳେ ଏଥିରେ ରହିଛନ୍ତି ୧୦ ସଦସ୍ୟ । ଯାହାର ଅଧ୍ୟକ୍ଷ ଭାବେ ଚଢ଼ାଙ୍କୁ ଦାୟିତ୍ୱ ଦିଆଯାଇଛି । ରାଜ୍ୟସଭାରେ ଏକ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି କି, ଯାଚିକା ସମିତିର ଅଧ୍ୟକ୍ଷ ଭାବେ ରାଘବଙ୍କୁ ନିଯୁକ୍ତ କରାଯାଇଛି । ମେ ୨୦ ତାରିଖରେ ଏହି କମିଟିର ପୁନର୍ଗଠିତ କରିଛନ୍ତି ରାଜ୍ୟସଭା ଅଧ୍ୟକ୍ଷ । ତେବେ ଏହି କମିଟିରେ ରହିଥିବା ୧୦ ଜଣ ସଦସ୍ୟଙ୍କୁ ବାଛିଛନ୍ତି ସି.ପି. ରାଧାକ୍ରିଷ୍ଣ । ତେବେ ଏହି କିମଟିରେ ହର୍ଷ ମହାଜନ, ଗୁଲାମ ଅଲ୍ଲୀ, ଶମ୍ଭୁ ଶରଣ ପଟେଲ ଏବଂ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ରହିଛନ୍ତି ।

# କକ୍ରୋଚ ପାର୍ଟିର ପ୍ରତିଷ୍ଠାତାଙ୍କୁ ହତ୍ୟା ଧମକ !

ନୂଆଦିଲ୍ଲୀ: ସାରାଦେଶରେ ହଇଚଇ ସୃଷ୍ଟି କରିଥିବା କକ୍ରୋଚ ପାର୍ଟି (ସିଜେପି) ର ଇନଷ୍ଟାଗ୍ରାମ ଆକାଉଣ୍ଟକୁ ହ୍ୟାକ କରାଯାଉଚି ଏବଂ ଏହାର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କୁ ହତ୍ୟା ଧମକ ଦିଆଯାଉଛି । ଅଭିଜିତ ଏଭଳି ଅଭିଯୋଗ ଉଠାଇଛନ୍ତି । ସେ କହିଛନ୍ତି କି, ବାରମ୍ବାର ଚେଷ୍ଟା କରିବା ପରେ ମଧ୍ୟ ନିଜ ଆକାଉଣ୍ଟକୁ ଆକ୍ସେସ କରିପାରୁନାହାନ୍ତି । ଏହାସହ ବ୍ୟାକଅପ୍ ଭାବେ ଥିବା ଆକାଉଣ୍ଟ ମଧ୍ୟ ଅଚଳ ହୋଇଥିଲା । ମାତ୍ର ଏବେ ଏହାକୁ ସକ୍ରିୟ କରାଯାଇଛି । ତେବେ ଜାଣିଶୁଣି ହ୍ୟାକ୍ କରାଯାଇଥିବା ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ମୋତେ ଟାର୍ଗେଟ କରାଯାଉଛି । ମୁଖ୍ୟ ପେଜ୍ ମଧ୍ୟ ହ୍ୟାକ୍ କରିବା ପାଇଁ ଲାଗି ପଡ଼ିଛନ୍ତି ହ୍ୟାକର୍ସ । ସେ ଏଭଳି ଅଭିଯୋଗ କରି ପୋଷ୍ଟ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ମଜାରେ ମଜାରେ ତିଆରି ହୋଇଥିବା ଏହି ଆକାଉଣ୍ଟ ଏବେ ସୋସିଆଲ ମିଡିଆରେ ନିଆଁ ଭଳି ଭାଇରାଲ ହେବାରେ ଲାଗିଛି । ସିଜେପିର ମୁଖ୍ୟ ଇନଷ୍ଟା ଆକାଉଣ୍ଟରେ ୨୧ ମିଲିୟନରୁ ଅଧିକ ଫଲୋର୍ସ ହୋଇଥିବାବେଳେ ଦେଶର ବଡ଼ ବଡ଼ ରାଜନୈତିକ ଦଳମାନେ ପଛରେ ପଡ଼ିଛନ୍ତି । ଯୁବପୀଢ଼ୀଙ୍କ ପସନ୍ଦ ପାଲଟିଥିବା ସିଜେପିର ମୁଖ୍ୟ ଏକ୍ସ ଆକାଉଣ୍ଟକୁ ପୂର୍ବରୁ ବ୍ୟାନ୍ କରାଯାଇଛି । ଇନଷ୍ଟାଗ୍ରାମରେ ୮୦ଟି ପୋଷ୍ଟ କରାଯାଇଥିବାବେଳେ ୨୧ ମିଲିୟନରୁ ଅଧିକ ଫଲୋର୍ସ ରହିଛନ୍ତି । ଯାହାକୁ ନେଇ ବିଜେପି ଏହା ଫେକ୍ ଏବଂ ପାକିସ୍ତାନୀ ଫଲୋର୍ସ କହି ପୂର୍ବରୁ ସମାଲୋଚନା କରିଛି । ସେପଟେ ଅନେକ ବିଜେପି ବିରୋଧୀ ନେତାମାନେ ଏହାକୁ ଫଲୋ କରିଥିବା ମଧ୍ୟ ଦେଖିବାକୁ ମିଳିଛି । ଏହାସହ ସରକାରଙ୍କ ବିରୋଧରେ ଅଭିଯାନ ଆରମ୍ଭ ହୋଇଥିବାବେଳେ ଯୁବପିଢ଼ି ବିଭିନ୍ନ ଭିଡିଓ ପୋଷ୍ଟ କରିବା ଆରମ୍ଭ କରିଛନ୍ତି ।



## ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ

### ଆକାଶରୁ....

ଜଗତସିଂହପୁର, କଟକ, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଗରମକୁ ଗୁଳୁଗୁଳି ଯନ୍ତ୍ରଣା ନାକେଦମ କରିପାରେ । ଉପକୂଳ ଓ ସଂଲଗ୍ନ ଜିଲ୍ଲା ଏବଂ ଦକ୍ଷିଣର କେତେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା, ପବନ ହୋଇପାରେ । ୨୭ ଯାଏଁ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ସ୍ଥିତି ଲାଗି ରହିବ । ୪ ଦିନ ପରେ ରାଜ୍ୟରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ କମିପାରେ ।

### ବିଗୁଡିଛି ଆଇନଶୃଙ୍ଖଳା...

ବିମାନବନ୍ଦରରେ ହାଇଆଲର୍ଟ ବେଳେ ମଧ୍ୟ ନିୟୋଜିତ ହୁଅନ୍ତି । ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ମୁତାବକ, କୌଣସି ଜାଗାରେ ଭିଡ ହିଂସା ଘଟିଲେ, ଇଆରସଏସର ଗାଡି କିମ୍ବା ପିସିଆର୍ ଭ୍ୟାନ୍ କର୍ମଚାରୀମାନେ ପ୍ରଥମେ ସେଠାର ପହଞ୍ଚିଥାନ୍ତି । କିନ୍ତୁ ବାଲିଅନ୍ତାର ଭିଡ ହିଂସା ବେଳେ ଉତ୍ତେଜନାମୂଳକ ସ୍ଥିତିକୁ ଆୟତ୍ତ କରିବାରେ ପିସିଆର କର୍ମଚାରୀ ବିଫଳ ହୋଇଥିଲେ । ଯେଉଁଥିପାଇଁ ପୁଲିସର ଛବି ମଳିନ ପଡିଥିଲା । ଏସବୁ ଘଟଣାର ପୁନରାବୃତ୍ତି ନ ହେବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଏଭଳି ଜରୁରୀ ସ୍ଥିତିରେ କମାଣ୍ଡୋମାନେ କେମିତି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବେ, ସେନେଇ ତାଲିମ୍ ଦିଆଯାଇଛି । ଆଗକୁ ସିଆଇଏସ୍ଏଫ୍ କିମ୍ବା ଅନ୍ୟ ଏଜେନ୍ସି ଆଗାମୀ ଦିନରେ କମାଣ୍ଡୋମାନଙ୍କୁ ତାଲିମ୍ ଦେବେ ।

### ୧୦ ଜିଲ୍ଲାରେ...

ଅନୁଯାୟୀ, ନବରଙ୍ଗପୁର ଏସପି ମଡକର ସନ୍ଦୀପ ସମ୍ପତଙ୍କୁ ପଦୋନ୍ନତି ସହ କଟକ କ୍ରାଇମବ୍ରାଞ୍ଚ ଡିଆଇଜି ଭାବେ ବଦଳି କରାଯାଇଥିବାବେଳେ କ୍ରାଇମବ୍ରାଞ୍ଚ ଏସପି ପରମାରସ୍ମିତ ପରଷୋତ୍ତମଦାସଙ୍କୁ ନୟାଗଡ଼ ଏସପି ଭାବେ ଅବସ୍ଥାପିତ କରାଯାଇଛି ।

ସ୍ପେଶାଲ ବ୍ରାଞ୍ଚ ଏସପି ରାଜ ପ୍ରସାଦଙ୍କୁ ରାୟଗଡ଼ା ଏସପି, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଖୋର୍ଦ୍ଧା ଏସପି, କନ୍ଧମାଳ ଏସପି ହରିଶ ବିସିଙ୍କୁ ଗଞ୍ଜାମ ଏସପି, ଭଦ୍ରକ ଅତିରିକ୍ତ ଏସପି କଶ୍ୟପ ପାର୍ଥ ଜଗଦୀଶଙ୍କୁ ନବରଙ୍ଗପୁର ଏସପି, ରାଜ୍ୟପାଳଙ୍କ ଏଡିସି କୁଲଦୀପ ମୀନାଙ୍କୁ ବୌଦ୍ଧ ଏସପି, ରାୟଗଡ଼ା ଅତିରିକ୍ତ ଏସପି ରମେନ୍ଦ୍ର ପ୍ରସାଦଙ୍କୁ କନ୍ଧମାଳ ଏସପି ଓ ବରଗଡ଼ ଏସପି ପ୍ରହ୍ଲାଦ ସହାୟ ମୀନାଙ୍କୁ ଗଜପତି ଏସପି ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ୪ ଜଣ ଓପିଏସ୍ ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀଙ୍କୁ ବରଗଡ଼ ଏସପି, ଓପିଏସ୍ କିଶୋର ଚନ୍ଦ୍ର ମୁଣ୍ଡଙ୍କୁ ଦେବଗଡ଼ ଏସପି, ଓପିଏସ୍ କୃଷ୍ଣ ପ୍ରସାଦ ଦାସଙ୍କୁ ରାଉରକେଲା ରେଳବାଇ ପୁଲିସ ଏସପି ଓ ଓପିଏସ୍ କୃଷ୍ଣପ୍ରସାସ ପଟ୍ଟନାୟକଙ୍କୁ ସିଗନାଲ ଏସପି ଭାବେ ବଦଳି କରାଯାଇଛି ।

ସେହିପରି ଖୋର୍ଦ୍ଧା ଏସପି ଆଇପିଏସ୍ ବିବେକାନନ୍ଦ ଶର୍ମାଙ୍କୁ କଟକ କ୍ରାଇମବ୍ରାଂଚ ଏସପି, ରାୟଗଡ଼ା ଏସପି ସ୍ୱାତୀ ଏସ. କୁମାରଙ୍କୁ ଭୁବନେଶ୍ୱର ଏସଟିଏଫ ଏସପି, ନୟାଗଡ଼ ଏସପି ଏସ. ସୁଶ୍ରୀଙ୍କୁ ଭିଜିଲାନ୍ସ ଏସପି ଓ ବୌଦ୍ଧ ଏସପି ରାହୁଲ ଗୋୟଲଙ୍କୁ ସ୍ପେଶାଲ ବ୍ରାଂଚ ଏସପି ଓ ଆଇପିଏସ୍ ଅନନ୍ୟା ଅଶ୍ୱସ୍ତିଙ୍କୁ ରାଜ୍ୟପାଳଙ୍କ ନୂଆ ଏଡିସି ଭାବେ ବଦଳି କରାଯାଇଛି ।

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଓ ଅପରାଧ ନିୟନ୍ତ୍ରଣ କରିବା ଦିଗରେ ଜିଲ୍ଲା ପୁଲିସ ଏସପିସ୍ତରରେ ବଦଳି ସହାୟକ ହେବ ବୋଲି ପାୱାର କରିଡରରେ ଚର୍ଚ୍ଚା ।

### ବିକାଶ ବଜାୟ..

ପିଛା ୧୦୦ ଡଲାର ଅତିକ୍ରମ କରିସାରିଛି । ଭାରତ ନିଜର ଆବଶ୍ୟକତା ଅନୁଯାୟୀ ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ବାହାର ଦେଶରୁ ଆମଦାନି କରିଥାଏ । ତେଣୁ ବିଶ୍ୱ ବଜାରରେ ତେଲ ଦର ବୃଦ୍ଧି ପାଇବା ଯୋଗୁଁ ଭାରତରେ ଇନ୍ଧନ ଖର୍ଚ୍ଚ, ପରିବହନ ବ୍ୟୟ ଏବଂ ସାଧାରଣ ବଜାରରେ ସାମଗ୍ରୀର ମୂଲ୍ୟ ବଢ଼ିବା ସହ ମହଙ୍ଗା ମାଡ଼ ହେବାର ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଇଛି । ଏହି ବାହ୍ୟ ସଙ୍କଟ ସମୟରେ ଦେଶର ଆର୍ଥିକ ସ୍ଥିତିକୁ ସୁରକ୍ଷିତ ରଖିବା ପାଇଁ ମନ୍ତ୍ରୀମାନଙ୍କୁ ସଜାଗ ରହିବାକୁ କୁହାଯାଇଛି ।

### ଖର୍ଚ୍ଚକାଟ ପାଇଁ ...

ସରକାରୀ ଯାନ ବ୍ୟବହାର ପାଇଁ ରାଶିର ପରିମାଣ ମଧ୍ୟ ତଦନୁଯାୟୀ ଅଧା କରାଯିବ । କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥ ବିଭାଗ ୧୫ ଦିନ ମଧ୍ୟରେ ଏକ ମାର୍ଗଦର୍ଶିକା ଜାରି କରିବ । ଦୂର ସ୍ଥାନକୁ ପରିଦର୍ଶନରେ ଗଲା ବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ ।

### ୧୦ ପ୍ରସ୍ତାବକୁ...

ନିଷ୍ପତ୍ତି ନେଇଥିଲା ।

ସ୍ୱତନ୍ତ୍ର ରାଜ୍ୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ସହଜରେ ସଂରକ୍ଷିତ ହୋଇପାରିବ । ସେହି ଅନୁଯାୟୀ ଓଡ଼ିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ବର୍ଗର ବିଭିନ୍ନ ପରେ ନିଯୁକ୍ତି ଓ ପଦୋନ୍ନତି ପାଇଁ 'ଓଡ଼ିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ନିୟମାବଳୀ,୨୦୨୬' ପ୍ରଣୟନ କରାଯାଇଛି ।

ଓଡ଼ିଶା ଅମଲା ସେବା ନିୟମାବଳୀ, ୨୦୨୬କୁ କ୍ୟାବିନେଟ୍ ସ୍ୱୀକୃତି ମିଳିଛି । ପୂର୍ବରୁ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ଜିଲ୍ଲା କାର୍ଯ୍ୟାଳୟ ଏବଂ ଏହାର ଅଧସ୍ତନ କାର୍ଯ୍ୟାଳୟରେ ଅମଲା ପଦଗୁଡ଼ିକ ଜିଲ୍ଲା ରାଜସ୍ୱ ଅମଲା କ୍ୟାଡର କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା ।

# ଭାରତର 'ଉସେନ ବୋଲ୍ଟ' ଗୁରିନ୍ଦରବୀର

**ନୂଆଦିଲ୍ଲୀ:** ଅବିଶ୍ୱସନୀୟ ଟାଇମିଂ ଏବଂ ଅଦ୍ଭୁତ ଦ୍ରୁତତା (ସ୍ପିଡ) । ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମ ଟ୍ରାକ୍ରେ ନୂଆ ଇତିହାସ ରଚିଛନ୍ତି ପଞ୍ଜାବର ଗୁରିନ୍ଦରବୀର ସିଂ । ସେ ପୁରୁଷ ୧୦୦ ମିଟରକୁ ୧୦.୦୯ ସେକେଣ୍ଡରେ ଦୌଡ଼ି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିବା ସହ ଭାରତର ଦ୍ରୁତତମ ପୁରୁଷ ହେବାର ଗୌରବ ଲାଭ କରିଛନ୍ତି । ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୨୯ତମ ଜାତୀୟ ସିନିୟର ଆଥଲେଟିକ୍ସ ଫେଡେରେସନ୍ କପ୍ରେ ପୁରୁଷ ୧୦୦ ମିଟର ଫାଇନାଲ ଥିଲା । ସେମି ଫାଇନାଲରେ କଡ଼ା ଟକ୍କର ହୋଇଥିଲା । ମାତ୍ର କିଛି ମିନିଟ ବ୍ୟବଧାନରେ ୨ଟି ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଥିଲା । ହିଟ୍-୧ରେ ଗୁରିନ୍ଦରବୀର ପ୍ରଥମେ ୧୦.୧୭ ସେକେଣ୍ଡରେ ଦୌଡ଼ି ଅନିମେଶ କୁଜୁରଙ୍କ ରେକର୍ଡ ଭଙ୍ଗ କରିଥିଲେ । ପୁଣି ହିଟ୍-୨ରେ ଅନିମେଶ ୧୦.୧୫ ସେକେଣ୍ଡରେ ଦୌଡ଼ି ଗୁରିନ୍ଦରବୀରଙ୍କ ରେକର୍ଡ ଭାଙ୍ଗିଥିଲେ । ଅପେକ୍ଷା ଥିଲା ଫାଇନାଲକୁ । କିଛି ନିଶ୍ଚିତ ଚମତ୍କାର ଦେଖିବାକୁ ମିଳିବ । ରିଲାଏନ୍ସରୁ ପ୍ରତିନିଧିତ୍ୱ କରୁଥିବା ଗୁରିନ୍ଦରବୀର (୧୦.୧୭), ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ (୧୦.୧୫ ସେକେଣ୍ଡ), ରିଲାଏନ୍ସର ପ୍ରଣବ ପ୍ରମୋଦ ଗୌରବ (୧୦.୩୦), ଓଡ଼ିଶାର ଲାଲୁପ୍ରସାଦ ଭୋଇ (୧୦.୩୮), ବିହାରର ବିଭାସ୍କର କୁମାର (୧୦.୩୬), ରେଳବାଇର ମାନବ ଆର (୧୦.୪୧), ହରିଆନାର ନୁରଜାତ (୧୦.୪୧) ଏବଂ ତାମିଲନାଡୁର ସାମ ବସନ୍ତ



(୧୦.୪୫) ଫାଇନାଲରେ ଦୌଡ଼ିଥିଲେ । ଟ୍ରାକରେ ଗୁରିନ୍ଦରବୀରଙ୍କ ଗତି ଅତି ଅବିଶ୍ୱସନୀୟ ରହିଥିଲା । ସମସ୍ତଙ୍କୁ ପଛରେ ପକାଇ ସେ ୧୦.୦୯ ସେକେଣ୍ଡ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ । ଅନିମେଶଙ୍କ (୧୦.୧୫ ସେକେଣ୍ଡ) ରେକର୍ଡ ସେ ଭଙ୍ଗ କରି ଅତି ଅଦ୍ଭୁତ ଟାଇମିଂ ଦେଇଥିଲେ । ୧୦.୨୦ ସେକେଣ୍ଡରେ ଦୌଡ଼ ଶେଷ କରି ଅନିମେଶ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଏବଂ ପ୍ରଣବ ୧୦.୨୯ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଥିଲେ । ଲାଲୁପ୍ରସାଦ ୧୦.୪୬ ସେକେଣ୍ଡ ସହ ପଞ୍ଚମ ସ୍ଥାନରେ ରହିଥିଲେ । ଗୁରିନ୍ଦରବୀର ନୂଆ ଜାତୀୟ ରେକର୍ଡ ସହ ନୂଆ ମିଟ୍ ରେକର୍ଡ ମଧ୍ୟ ପ୍ରତିଷ୍ଠା କରି ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ହାସଲ କରିଛନ୍ତି । ଯୋଗ୍ୟତା ଟାଇମିଂ ୧୦.୧୬ ସେକେଣ୍ଡ ରହିଥିଲା ।

ନିଆରା ସେଲିବ୍ରେସନ- ପ୍ରକୃତରେ ଗୁରିନ୍ଦରବୀର ନୂଆ ଜାତୀୟ ରେକର୍ଡ ଭଙ୍ଗ କରିବା ପାଇଁ ମାନସିକ ଭାବେ ପ୍ରସ୍ତୁତ ହୋଇ ଆସିଥିଲେ । ଦୌଡ଼ ଶେଷ ହେବା ପରେ ବେଶ ନିଆରା ଭାବେ ସେଲିବ୍ରେସନ କରିଥିଲେ । ସେ ଏକ କାଗଜ ପକେଟରୁ ବାହାର କରି ଦର୍ଶକଙ୍କୁ ଦେଖାଇଥିଲେ । ସେଥିରେ ଲେଖାଥିଲା, '୧୦.୧୦ ସେକେଣ୍ଡ, ଏ ପର୍ଯ୍ୟନ୍ତ ଟାସ୍କ ପୂରଣ ହୋଇ ନାହିଁ । ଅପେକ୍ଷା କରନ୍ତୁ ମୁଁ ଛିଡ଼ା ହୋଇଛି ।'୧୦୦ ମିଟରରେ ଜାତୀୟ ରେକର୍ଡର କ୍ରମଧାରା- ଅନିଲ କୁମାର ପ୍ରକାଶଙ୍କ ଠାରୁ ପୁରୁଷ ୧୦୦ ମିଟରରେ ଜାତୀୟ ରେକର୍ଡ ସୃଷ୍ଟି ହେବାର କ୍ରମଧାରା ଆରମ୍ଭ ହୋଇଥିଲା । ୨୦୦୫ ମସିହାରେ ସେ ୧୦.୩୦ ସେକେଣ୍ଡରେ ଦୌଡ଼ି ପ୍ରଥମେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ । ଦୀର୍ଘ ୧୦ ବର୍ଷ ପର୍ଯ୍ୟନ୍ତ ଏ ରେକର୍ଡ ବଜାୟ ରହିଥିଲା । ଓଡ଼ିଆ ଧାବକ ଅମିୟ କୁମାର ମଲ୍ଲିକ ୨୦୧୬ରେ ୧୦.୨୬ ସେକେଣ୍ଡରେ ଦୌଡ଼ି ଅନିଲଙ୍କ ରେକର୍ଡ ଭଙ୍ଗ କରିଥିଲେ । ୨୦୨୩ ପର୍ଯ୍ୟନ୍ତ ଅମିୟଙ୍କ ରେକର୍ଡ ଅତୁଟ ରହିଥିଲା

୨୦୨୩ରେ ମଣିକାନ୍ତ ହବ୍ଲିଧର ୧୦.୨୩ ସେକେଣ୍ଡରେ ଦୌଡ଼ି ଅମିୟଙ୍କ ରେକର୍ଡ ଭାଙ୍ଗି ଦେଇଥିଲେ । ୨୦୨୫ରେ ଗୁରିନ୍ଦରବୀର (୧୦.୨୦ ସେକେଣ୍ଡ) ମଣିକାନ୍ତଙ୍କ ରେକର୍ଡ ଏବଂ ସେହି ବର୍ଷ ଅନିମେଶ କୁଜୁର (୧୦.୧୮ ସେକେଣ୍ଡ) ଗୁରିନ୍ଦରବୀରଙ୍କ ରେକର୍ଡ ଭଙ୍ଗ କରିଥିଲେ । ଚଳିତ ଫେଡେରେସନ କପ୍ରେ ଗୁରିନ୍ଦରବୀର (୧୦.୧୭) ପ୍ରଥମେ ଅନିମେଶଙ୍କୁ ଅତିକ୍ରମ କରିଥିଲେ । ପୁଣି ଅନିମେଶ (୧୦.୧୫) ଗୁରିନ୍ଦରବୀରଙ୍କୁ ଅତିକ୍ରମ କରି ନୂଆ ରେକର୍ଡ ପ୍ରତିଷ୍ଠା କଲେ । ହେଲେ ଆଜି ଫାଇନାଲରେ ଗୁରିନ୍ଦରବୀର ବହୁ ଆଗକୁ (୧୦.୦୯) ଚାଲି ଯାଇଛନ୍ତି । ଭାରତୀୟ ୧୦୦ ମିଟର ଦୌଡ଼ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି । ଗୁରିନ୍ଦରବୀର ଓ ଅନିମେଶଙ୍କ ମଧ୍ୟରେ ଯେଉଁଭଳି ଭାବେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି, ଆଗକୁ ବି ଆଜିର ରେକର୍ଡ ଭଙ୍ଗ ହୋଇପାରେ ।

# ଦିଲ୍ଲୀ ହାଇକୋର୍ଟରୁ ଭିନେଶଙ୍କୁ ଆଶ୍ୱସ୍ତି: ଏସିଆନ୍ ଗେମ୍ସର ଟ୍ରାଏଲ୍ସରେ ଭାଗ ନେବାକୁ ଅନୁମତି

**ନୂଆଦିଲ୍ଲୀ:** ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗାଟଙ୍କୁ ଦିଲ୍ଲୀ ହାଇକୋର୍ଟରୁ ମିଳିଛି ବଡ଼ ଧରଣର ଆଶ୍ୱସ୍ତି । କୋର୍ଟ ତାଙ୍କୁ ୨୦୨୬ ଏସିଆନ୍ ଗେମ୍ସର ଚୟନ ଟ୍ରାଏଲରେ ଅଂଶଗ୍ରହଣ କରିବାକୁ ଅନୁମତି ଦେଇଛନ୍ତି । ହାଇକୋର୍ଟ କହିଛନ୍ତି, ଭିନେଶ ଫୋଗାଟଙ୍କ ପରି ମହିଳା କୁସ୍ତିଯୋଦ୍ଧାଙ୍କୁ କେବଳ ମାତୃତ୍ୱ ପାଇଁ ଏଥିରୁ ବାଦ ଦିଆନଯାଉ । କୋର୍ଟ ଭାରତୀୟ କୁସ୍ତି ମହାସଂଘ (WFI) ର ଚୟନ ନୀତି ଏବଂ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି । କୋର୍ଟ କହିଛନ୍ତି, ଯେ କ୍ରୀଡ଼ା ସଂଗଠନଗୁଡ଼ିକ ପ୍ରତିଶୋଧର ମନୋଭାବ ନେଇ ନୁହେଁ, ବରଂ ଖେଳାଳି ଏବଂ କ୍ରୀଡ଼ାର ହିତରେ କାମ କରିବା ଉଚିତ । ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଏବଂ ବିଚାରପତି ତେଜସ କାରିଆଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ ଭିନେଶଙ୍କୁ ଆଗାମୀ ୩୦ ଏବଂ ୩୧ ମଇରେ ହେବାକୁ ଥିବା ଚୟନ ଟ୍ରାଏଲରେ ଅଂଶଗ୍ରହଣ କରିବାକୁ ଦିଆଯାଉ । କୋର୍ଟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ପରୀକ୍ଷଣଗୁଡ଼ିକର ଭିଡିଓ ରେକର୍ଡିଂ କରାଯିବା ସହିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (SAI) ଏବଂ ଭାରତୀୟ ଅଲିମ୍ପିକ୍ ସଂଘ (IOA) ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ରହିବା ଉଚିତ ।

କୋର୍ଟ କହିଛନ୍ତି ଯେ ଭିନେଶଙ୍କ ପରି ଜଣେ ଅନ୍ତର୍ଜାତୀୟ ସ୍ତରର ଖେଳାଳିଙ୍କୁ କେବଳ ଟେକ୍ନିକାଲ ଆଧାରରେ ଟ୍ରାଏଲରୁ ବାଦ ଦେବା ଖେଳ



ଏବଂ ନ୍ୟାୟ ଉଭୟର ହିତରେ ନୁହେଁ । ଖଣ୍ଡପୀଠ କହିଛନ୍ତି ଯେ ଭିନେଶଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସର କାରଣ ପୂର୍ବନିର୍ଦ୍ଧାରିତ ଏବଂ ପୂର୍ବରୁ ବନ୍ଦ ହୋଇଥିବା ପ୍ରସଙ୍ଗଗୁଡ଼ିକୁ ପୁଣି ଖୋଲିବା ସହିତ ସମାନ ଭଳି ଲାଗୁଛି । ଭିନେଶଙ୍କୁ ଟ୍ରାଏଲରେ ସାମିଲ ହେବାର ସୁଯୋଗ ଦିଆଯିବା ଆବଶ୍ୟକ ।

ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଦେଶରେ ମାତୃତ୍ୱକୁ ସମ୍ମାନ କରାଯାଏ ଏବଂ ଏହାକୁ ଜଣେ ଖେଳାଳିଙ୍କ କ୍ୟାରିୟର ବିରୁଦ୍ଧରେ ବ୍ୟବହାର କରାଯିବା ଉଚିତ୍ ନୁହେଁ । 'ମାତୃତ୍ୱ ଏକ ଉତ୍ସବ । ଏହାକୁ ଜଣେ ଖେଳାଳିଙ୍କ ପାଇଁ କ୍ଷତିକାରକ କରିହେବନି ।' ଭିନେଶ ଜୁଲାଇ ୨୦୨୫ ରେ ମା ହୋଇଥିଲେ ଏବଂ ବର୍ତ୍ତମାନ ଘରୋଇ ପ୍ରତିଯୋଗିତାକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି । ମା ହେବାର ମାତ୍ର ୧୦ ମାସ ପରେ ଜଣେ ଖେଳାଳିଙ୍କୁ ଟ୍ରାଏଲରୁ ବାଦ ଦେବାର ଯୁକ୍ତି ଉପରେ କୋର୍ଟ ପ୍ରଶ୍ନ ଉଠାଇଥିଲେ । ନିକଟରେ ଭାରତୀୟ କୁସ୍ତି ମହାସଂଘ ଭିନେଶଙ୍କୁ ୨୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଘରୋଇ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଅଯୋଗ୍ୟ ଘୋଷଣା କରିଛି । ଫେଡେରେସନ ଯୁକ୍ତି ଦେଇଛି ଯେ ୟୁନାଇଟେଡ୍ ୱାର୍ଲ୍ଡ କୁସ୍ତି (UWW) ଆଣ୍ଟି-ଡୋପିଂ ନିୟମ ଅନୁଯାୟୀ, ଅବସରରୁ ଫେରିବା ପରେ ଯେକୌଣସି ଖେଳାଳିଙ୍କୁ ଅତି କମରେ ଛଅ ମାସର ନୋଟିସ୍ ଦେବାକୁ ପଡିବ । WFI ଅନୁଯାୟୀ, ଭିନେଶ ଏହି ବାଧ୍ୟତାମୂଳକ ନୋଟିସ୍ ଅବଧି ପୂରଣ କରି ନଥିଲେ, ଯାହା ଫଳରେ ସେ ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଅଯୋଗ୍ୟ ।

# ପରଦାରେ ଓକିଲାତି କରିବେ ଏଲିନା




'ସତ୍ୟର ଭାର କାନ୍ଧରେ...' - ଏହି ଶକ୍ତିଶାଳୀ ସଂଳାପ ସହିତ ଓଡ଼ିଆ ଚଳଚ୍ଚିତ୍ରର ଲୋକପ୍ରିୟ ନାୟିକା ଏଲିନା ସାମନ୍ତରାୟଙ୍କ ନୂଆ ଚଳଚ୍ଚିତ୍ର 'ଶିକାର'ର ପୋଷ୍ଟର ମୁକ୍ତିଲାଭ କରିଛି । ଏଥିରେ ଏଲିନା 'ପରିମିତା ଚୌଧୁରୀ ନାମକ ଜଣେ ଦକ୍ଷ ତଥା ନିର୍ଭିକ ଆଡଭୋକେଟ୍ ଭୂମିକାରେ ଅଭିନୟ କରୁଛନ୍ତି । ପୋଷ୍ଟରରେ ତାଙ୍କର ଗମ୍ଭୀର ଓ ଶକ୍ତିଶାଳୀ ଚେହେରା ଦର୍ଶାଉଛି ଯେ, ସେ ସମାଜର ଅନ୍ୟାୟ ବିରୋଧରେ ଏକ ବଡ଼ ସଂଗ୍ରାମ କରିବାକୁ ପ୍ରସ୍ତୁତ ଅଛନ୍ତି । ସାଧାରଣତଃ ରୋମାଣ୍ଟିକ୍ ଓ କମେଡ଼ି ଚରିତ୍ରରେ ଦର୍ଶକଙ୍କ ମନ ଜିଣିଥିବା ଏଲିନା ଏଥର ଏକ ସିରିୟସ୍ କୋର୍ଟ-ରୁମ୍ ଡ୍ରାମାରେ ନଜର ଆସିବେ । ଜଣେ ଓକିଲ ଭାବେ ସେ କିପରି ସତ୍ୟର ସନ୍ଧାନ କରୁଛନ୍ତି ଏବଂ ଅପରାଧୀଙ୍କୁ ଶିକାର କରୁଛନ୍ତି, ତାହା ଚଳଚ୍ଚିତ୍ରର ମୂଳ ବିଷୟବସ୍ତୁ । ତାଙ୍କର ଏହି 'ଫିଅର୍‌ଲେସ୍' ଲୁକ୍ ସୋସିଆଲ୍ ମିଡ଼ିଆରେ ଏବେ ବେଶ୍ ପ୍ରଘଟ ହେବାରେ ଲାଗିଛି । ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି । ମୃତ୍ୟୁଞ୍ଜୟ ସାହୁ । ସଚିକାନ୍ତ ଜେନା । ଏହାର ପ୍ରଯୋଜନା କରୁଥିବାବେଳେ ଏହା 'ମୁନ୍ ଟିଭି ମୁଭିଜ୍'ର ଏକ ନୂଆ ଭେଟି । ବୈଦ୍ୟନାଥ ଦାଶଙ୍କ ସଙ୍ଗୀତ ନିର୍ଦ୍ଦେଶନା ଚଳଚ୍ଚିତ୍ରକୁ ଅଧିକ ପ୍ରଭାବଶାଳୀ କରିବ । ସତ୍ୟର ଲଢ଼େଇରେ 'ପରିମିତା ଚୌଧୁରୀ' କିପରି ଶିକାରୀ ସାଜୁଛନ୍ତି, ତାହା ଦେଖିବା ବେଶ୍ ରୋମାଞ୍ଚକର ହେବ ।

# ବକ୍ସ ଅଫିସ୍‌ରେ ଧମାକା କରୁଛି 'ଦୃଶ୍ୟମ୍ ୩'

ବହୁ ପ୍ରତୀକ୍ଷିତ ଫିଲ୍ମ 'ଦୃଶ୍ୟମ୍ ୩' ମାଲାୟଲମ, ତାମିଲ, ତେଲୁଗୁ ଏବଂ କନ୍ନଡ ସମେତ ବିଭିନ୍ନ ଭାଷାରେ ରିଲିଜ ହୋଇଛି । ପ୍ରଥମ ଦିନରେ ଶୋ' ହାଉସଫୁଲ ଥିବା ବେଳେ ଲୋକପ୍ରିୟତା ସହ ଫିଲ୍ମ ମୋଟା ଅଙ୍କର ଆୟ କରିବାରେ ସଫଳ ହୋଇଛି । 'ଦୃଶ୍ୟମ ୩' ବକ୍ସ ଅଫିସରେ ଏକ ଚମତ୍କାର ପଦାର୍ପଣ କରିଛି । ସାକନିକଙ୍କ ପ୍ରାରମ୍ଭିକ ଆକଳନ ଅନୁଯାୟୀ, ଏହାର ପ୍ରଥମ ଦିନରେ, ଏହା ସାରା ଦେଶରେ ୫,୫୦୬ଟି ଶୋ'ରୁ ଭାରତରେ ପ୍ରାୟ ୧୮.୫୦ କୋଟି ଆୟ କରିଛି, ଯେଉଁଥିରେ କେରଳରେ ପ୍ରାୟ ୧୧ କୋଟି ଆୟ ହୋଇଛି । ବିଦେଶୀ ବଜାରଗୁଡ଼ିକ ଏକ ବିଶାଳ ୩୦ କୋଟି ଅବଦାନ ଦେଇଥିଲା, ଯାହା ଫଳରେ ସାରା ବିଶ୍ୱରେ ମୋଟ ଓପନିଂ ୪୮ କୋଟିରେ ପହଞ୍ଚିଛି । ଉପସାଗରୀୟ ଅଞ୍ଚଳ, ଉତ୍ତର ଆମେରିକା, ୟୁକେ ଏବଂ ଅଷ୍ଟ୍ରେଲିଆରେ ଅସାଧାରଣ ସଂଖ୍ୟା ପ୍ରଦାନ କରାଯାଇଥିଲା, ଯାହା ଫ୍ରାଞ୍ଚାଇଜର ବିଶାଳ ଆନ୍ତର୍ଜାତୀୟ ଆକର୍ଷଣକୁ ପ୍ରମାଣିତ କରିଛି । ମୋହନଲାଲ ଅଭିନୀତ ଏହି ଫିଲ୍ମଟି ପ୍ରଥମ ଦିନରେ ସାରା ବିଶ୍ୱରେ ୪୫ କୋଟିରୁ ଅଧିକ ଆୟ କରିଛି । ଜିତୁ ଜୋସେଫଙ୍କ ନିର୍ଦ୍ଦେଶିତ ଏହି ବହୁ ପ୍ରତୀକ୍ଷିତ ଥ୍ରୀଲର ସିକ୍ୱେଲ ଫ୍ରାଞ୍ଚାଇଜର ଚମତ୍କାର ଐତିହ୍ୟକୁ ଜାରି ରଖି ଏକ ମାଲାୟଲମ ଫିଲ୍ମ ପାଇଁ ଦ୍ୱିତୀୟ ସର୍ବବୃହତ ଓପନିଂ ଭାବରେ ପରିଣତ ହୋଇଛି । ରିଲିଜ୍ ପୂର୍ବରୁ ଆଡଭାନ୍ସ ବୁକିଂ ମାଧ୍ୟମରେ ଫିଲ୍ମଟି ଐତିହାସିକ ଗତି ସୃଷ୍ଟି କରିସାରିଛି । ସାରା ବିଶ୍ୱରେ ପ୍ରଥମ ଦିନର ପ୍ରି-ସେଲ୍ ୩୫ କୋଟି ଟଙ୍କା ଅତିକ୍ରମ କରିଥିଲା, କେବଳ କେରଳ ୮ କୋଟି ଟଙ୍କାରୁ ଅଧିକ ଆଗୁଆ ବ୍ୟବସାୟ କରିଥିଲା ।

# ଜାହ୍ନବୀଙ୍କ ନଖରାମୀ



ବିଶ୍ୱସ୍ତରରେ ପ୍ରଶଂସିତ ଚଳଚ୍ଚିତ୍ର "RRR" ପରେ, ଅଭିନେତା ରାମ ଚରଣ ପୁଣି ଥରେ ଏକ ପ୍ରମୁଖ ଚଳଚ୍ଚିତ୍ର ସହିତ ବିଶ୍ୱବ୍ୟାପୀ ଚହଳ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି । ତାଙ୍କର ଆଗାମୀ ଚଳଚ୍ଚିତ୍ର "ପେଡ୍ଡି"ର ଟ୍ରେଲର ୧୮ ମଇରେ ମୁମ୍ବାଇରେ ଲଞ୍ଚ କରାଯାଇଥିଲା । ରିପୋର୍ଟ ଅନୁଯାୟୀ ଜାହ୍ନବୀ କପୁର ରାମ ଚରଣଙ୍କୁ ଦୀର୍ଘ ସମୟ ଅପେକ୍ଷା କରାଇଥିଲେ । ପ୍ରକାଶ ଯେ ଜାହ୍ନବୀ କପୁର ସମଗ୍ର ଷ୍ଟାରକାଷ୍ଟଙ୍କୁ ପ୍ରାୟ ୪୫ ମିନିଟ୍ ରୁ ୧ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରାଇଥିଲେ । "ପେଡ୍ଡି"ର ଟ୍ରେଲର ଲଞ୍ଚ ପ୍ରାୟ ଅପରାହ୍ନ ୩:୧୫ ରେ ବାନ୍ଦ୍ରାର ବିକେସିସ୍ଥିତ ଜିଓ ୱାର୍ଲ୍ଡ ସେଣ୍ଟରରେ ହେବାର ଥିଲା । ରାମ ଚରଣ, ଦିବ୍ୟେନ୍ଦୁ, ବୁଚି ବାବୁ ସାନା ଏବଂ ଭେଙ୍କଟ ସତୀଶ କିଲାରୁ ଠିକ୍ ସମୟରେ ପହଞ୍ଚିଥିଲେ, ଜାହ୍ନବୀ କପୁର ଏକମାତ୍ର ଅଭିନେତ୍ରୀ ଥିଲେ ଯିଏ ବିଳମ୍ବରେ ପହଞ୍ଚିଥିଲେ । ଜାହ୍ନବୀ କପୁରଙ୍କ ବିଳମ୍ବ ଯୋଗୁଁ, ରାମ ଚରଣ ତାଙ୍କ ଗାଡ଼ିରେ ହିଁ ରହିବା କୌଣସି ପ୍ରଶ୍ନର ଉତ୍ତର ଦେଇନଥିଲେ । ରିଲିଜ୍ ହେବାକୁ ଥିବା 'ପେଡ୍ଡି'ରେ ଜାହ୍ନବୀ କପୁର 'ଅଚିୟାମ୍ମା' ଭୂମିକାରେ ଅଭିନୟ କରିଛନ୍ତି । ଜଣେ ଦବଙ୍ଗ ଝିଅ ଏବଂ ଜଣେ ବିଧାୟକଙ୍କ ଝିଅ । ରିପୋର୍ଟ ଅନୁଯାୟୀ, ଫିଲ୍ମରେ ତାଙ୍କର ଭୂମିକା ଛୋଟ ହୋଇଥିବା କେବଳ ସେ ଟ୍ରେଲର ଲଞ୍ଚରେ ଯୋଗ ଦେଇଥିଲେ, କିନ୍ତୁ ଅନ୍ୟ କୌଣସି ପ୍ରମୋସନକୁ ଏଡ଼ାଇ ଯାଉଛନ୍ତି । ଅଭିନେତ୍ରୀ ଫିଲ୍ମ ପାଇଁ ତେଲୁଗୁରେ ନିଜର କଣ୍ଠସ୍ୱର ଡବ୍ କରିଛନ୍ତି ।

ପେଡ୍ଡି ଏକ ଉଚ୍ଚ-ଭୋଲଟେଜ୍ ସ୍ପୋର୍ଟ୍ସ ଆକ୍ସନ୍ ଡ୍ରାମା ଯାହା ଏକ ଗ୍ରାମ ପୃଷ୍ଠଭୂମିରେ ସେଟ୍ କରାଯାଇଛି । ଏହି ଫିଲ୍ମ କେବଳ କୁସ୍ତିକୁ ଅନୁସନ୍ଧାନ କରେ ନାହିଁ, ବରଂ ଏହା ପଛରେ ଥିବା ଗ୍ରାମ ରାଜନୀତିକୁ ମଧ୍ୟ ଅନୁସନ୍ଧାନ କରେ । ରାମ ଚରଣ ଏବଂ ଜାହ୍ନବୀ କପୁର ଅଭିନୀତ ପେଡ୍ଡି, ଜୁନ୍ 4, 2026 ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ।

# ବିବାହ ପାଇଁ ତରବର ନାହିଁ...



ଅଭିନେତ୍ରୀ ସାରା ଅଲୀ ଖାନଙ୍କ ବୟସର ଅନେକ ଅଭିନେତ୍ରୀ ବିବାହ କରିସାରିଛନ୍ତି । ହେଲେ ସାରା ସେଥିପାଇଁ ଟିକେ ବି ତରବର ନୁହନ୍ତି । ବିବାହକୁ ସେ ବ୍ୟାବହାରିକ ଦୃଷ୍ଟିକୋଣରୁ ଦେଖିବାକୁ ପସନ୍ଦ କରନ୍ତି । ନିକଟରେ ଏକ ସାକ୍ଷାତ୍କାର ଦେଇ ସେ ଏହାର କାରଣ ପ୍ରକାଶ କରିଛନ୍ତି । ତାଙ୍କ ମତରେ ଆଖପାଖରେ ଦେଖୁଥିବା ଉଦାହରଣରୁ ଆମର ଧାରଣା ଜନ୍ମିଥାଏ । ସେ ଖୁବ୍ ନିକଟରୁ ଦେଖିଛନ୍ତି ଯେ କିଛି ଲୋକଙ୍କ ବିବାହ ବେଶୀ ଦିନ ତିଷ୍ଠି ନଥାଏ ଏବଂ ସେମାନେ ଛାଡ଼ପତ୍ର ଦେବାକୁ ବାଧ ହୁଅନ୍ତି । ବାସ୍ତବରେ ସେ ନିଜ ପିତାମାତା ସୈଫ ଅଲୀ ଖାଁ ଓ ଅମୃତା ସିଂହଙ୍କ ବିବାହ ବିଚ୍ଛେଦକୁ ଇଙ୍ଗିତ କରି ଏ କଥା କହିଛନ୍ତି । ବିବାହର ୧୩ ବର୍ଷ ପରେ ସେମାନଙ୍କ ଛାଡ଼ପତ୍ର ହୋଇଯାଇଥିଲା । ତେଣୁ ଅପେକ୍ଷା କରି ଠିକ୍ ଲୋକକୁ ବିବାହ କରିବା ତା' ଠାରୁ ଭଲ ବୋଲି ସାରା ବିଶ୍ୱାସ କରନ୍ତି । ଠିକ୍ ଲୋକ ମିଳିବା ସମୟ ହିଁ ବିବାହ ଲାଗି ଶ୍ରେଷ୍ଠ ସମୟ । ପୁଣି ବିବାହ ନ କରି ଭଲରେ ବଞ୍ଚିବା ତାଙ୍କୁ ଆସେ । ପରିପୂର୍ଣ୍ଣତାର ଅନୁଭବ ତାଙ୍କ ଲାଗି ଅନାବଶ୍ୟକ, ତେଣୁ ସେ ବିବାହ କରି ପୂର୍ଣ୍ଣତା ଚାହାନ୍ତି ନାହିଁ । ଏବେ ସେ ନିଜେ ଜଣେ ସ୍ୱୟଂସମ୍ପୂର୍ଣ୍ଣ ବ୍ୟକ୍ତି ହେବାକୁ ଚେଷ୍ଟା କରୁଛନ୍ତି । ଯେବେ ତାଙ୍କ ଖୁସି କୁ ଆଦର ଓ ଉତ୍ସାହିତ କରିବା ଭଳି କେହି ମିଳିବେ ସେବେ ଯାଇ ସେ ବିବାହ କରିବେ ବୋଲି ପ୍ରକାଶ କରିଛନ୍ତି । ୩୦ ବର୍ଷୀୟ ସାରା ଏବେ ପାଇଁ କେବଳ କାମରେ ଧ୍ୟାନ ଦେବାକୁ ଇଚ୍ଛୁକ ।

# ଜସ୍ମିନଙ୍କ ସହ ରୋମାନ୍ସ କରିବେ ଅର୍ଦ୍ଧେନ୍ଦୁ



ଅଭିନେତା ଅର୍ଦ୍ଧେନ୍ଦୁ ସାହୁଙ୍କ ଫ୍ୟାନ୍ସଙ୍କ ଅପେକ୍ଷାର ଅନ୍ତ ହୋଇଛି । ସାବିତ୍ରୀ ବ୍ରତ ଅବସରରେ ଅର୍ଦ୍ଧେନ୍ଦୁ ତାଙ୍କ ଆଗାମୀ ଓଡ଼ିଆ ଚଳଚ୍ଚିତ୍ର 'ଡାଏରୀ' ଘୋଷଣା କରିଛନ୍ତି । ଫିଲ୍ମର ପୋଷ୍ଟର୍ ସହ ପ୍ରଥମ ଝଲକ ମଧ୍ୟ ସାମ୍ନାକୁ ଆସିଛି । ଆସନ୍ତା ରଜ ଅବସରରେ ଏହା ପରଦାକୁ ଆସିବ ବୋଲି ଜଣାପଡ଼ିଛି । ଅର୍ଦ୍ଧେନ୍ଦୁ ନିଜ ସାମାଜିକ ଗଣମାଧ୍ୟମରେ ଫିଲ୍ମର ପୋଷ୍ଟର୍ ଶେୟାର କରିବା ସହ ୟୁଟ୍ୟୁବ୍‌ରେ ପ୍ରଥମ ଝଲକ ରିଲିଜ୍ କରିଛନ୍ତି । ପ୍ରାୟ ୧ ମିନିଟ୍ ୩୩ ସେକେଣ୍ଡର ଏହି ଭିଡିଓରେ ଏକ ଘରର ଦୃଶ୍ୟ ସହ ଗୋଟିଏ ବାକ୍ସରେ ରହିଥିବା ଡାଏରୀକୁ ଦେଖିବାକୁ ମିଳୁଛି । ଜଣେ ମହିଳା ଡାଏରୀ ଖୋଲିବା ପରେ ସେଥିରେ ୨୦୧୯ ଲେଖାଥିବା ସହ ପ୍ରଥମ ପୃଷ୍ଠାରେ ଅର୍ଦ୍ଧେନ୍ଦୁଙ୍କ ଫଟୋ ଦେଖାଯାଉଛି । 'ମୋ ଠୁ ମୋ ଯାଏଁ...' ଲେଖାଥିବା ଏହି ଡାଏରୀରୁ କାହାଣୀ ଆରମ୍ଭ ହେଉଥିବା ଝଲକରେ ପ୍ରଦର୍ଶିତ ହୋଇଛି । ଭିଡିଓରେ ଜଣେ ନାୟକ ଓ ନାୟିକାଙ୍କ ଭାବପ୍ରବଣ ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ଶେଷରେ ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରାଯାଇଛି । ରଜ ଅବସରରେ ଫିଲ୍ମଟି ରିଲିଜ୍ ହେବାକୁ ଯାଉଥିବାରୁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଆଦି ଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ 'ଡାଏରୀ'ର ପ୍ରଯୋଜକ ଅର୍ଦ୍ଧେନ୍ଦୁ ଥିଲା ବେଳେ ସହ ପ୍ରଯୋଜକ ଅଛନ୍ତି ଆଦିକନ୍ଦ ସାହୁ । ନିର୍ଦ୍ଦେଶନା ଦେଇଛନ୍ତି ସୁଶାନ୍ତ ମଣି । କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି କୁନା ତ୍ରିପାଠୀ । ସଙ୍ଗୀତ ନିର୍ଦ୍ଦେଶନା ଭାର ବହନ କରିଛନ୍ତି ସୋମେଶ ଶତପଥୀ । ଡିଓପି ଭାବେ ସୀତାଂଶୁ ମହାପାତ୍ର କାମ କରିଥିବାବେଳେ ଗୀତର କୋରିଓଗ୍ରାଫି କରିଛନ୍ତି ଅମିତ ନାୟକ ଏବଂ ଲୁବୁନ୍-ଟୁବୁନ୍ । ମାର୍କେଟିଂ ଏବଂ ପ୍ରଚାର ଓ ପ୍ରସାର ଦାୟିତ୍ୱ ପ୍ରଣୟ ଜେଠୀ ଓ ସାଥୀ ବୁଝୁଛନ୍ତି । ଫିଲ୍ମରେ ଅର୍ଦ୍ଧେନ୍ଦୁଙ୍କ ସହ ଜସ୍ମିନ ଓପ୍ରଜ୍ଞା ମୁଖ୍ୟ ଭୂମିକାରେ ରହିଛନ୍ତି । ଫିଲ୍ମର ପ୍ରଥମ ଝଲକ ଦେଖିବା ପରେ ଫ୍ୟାନ୍ସମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି ।

# ସଫଳତାର ଶୀର୍ଷରେ ଏସପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ




ଭୁବନେଶ୍ୱର(ରା.ରି): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍‌ଏସ୍‌ର ପକ୍ଷରୁ ଦ୍ୱାଦଶ ଶ୍ରେଣୀ (ଯୁକ୍ତ ୨) ପରୀକ୍ଷାଫଳ ପ୍ରକାଶ ପାଇଛି । କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ଫଳ ଗୋଟିଏ ସମୟରେ ବାହାରିଛି, ଏବଂ ପାସ୍‌ହାର ୮୫.୮୫% ହୋଇଛି । ତେବେ ନିଜର ଦ୍ୱିତୀୟ ବର୍ଷରେ ଉତ୍କୃଷ୍ଟ ପ୍ରଦଶନ କରିଛି ଭୁବନେଶ୍ୱରସ୍ଥିତ ଏସପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ । ସମସ୍ତଙ୍କର ସହଯୋଗୀତା, ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହାଭାଗିତାରେ ଶତପ୍ରତିଶତ ଫଳ କରିଛି ଏସପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ । ଏସପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଅନୁଷ୍ଠାନର ପାସ୍‌ହାର ଶତ ପ୍ରତିଶତ ହୋଇଛି । ବିଦ୍ୟାଳୟର ୯୯ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୯୪ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ଉପରେ ନମ୍ବର ରଖିଛନ୍ତି । ବିଦ୍ୟାଳୟର ଛାତ୍ର ଗଣେଶ ସାହୁ ଦଶମରେ ୮୩ ପ୍ରତିଶତ ନମ୍ବର ରଖିଥିବା ବେଳେ ଦ୍ୱାଦଶରେ ୫୬୯ ନମ୍ବର ରଖି ୯୪.୮୩ ପ୍ରତିଶତ ସହ ବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ର ଭାବରେ ପ୍ରଥମ ସ୍ଥାନ ଦଖଲ କରିଛନ୍ତି । ସେହିଭଳି ୫୬୧ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଛାତ୍ରୀ ବର୍ଷା ମୈଇଥି । ତୃତୀୟ ସ୍ଥାନରେ ଅଛନ୍ତି ସାଇମାନ ଖୁଣ୍ଟିଆ । ସେ ୫୫୩ ନମର ରଖି ଏହି କୃତିତ୍ୱ ହାସଲ କରିଛନ୍ତି । ସେହିଭଳି ଚତୁର୍ଥ ସ୍ଥାନରେ ରହିଛନ୍ତି ନମ୍ବର ରଖିଥିବା ଛାତ୍ରୀ ସୁଭସ୍ମିତା ସାହୁ । ସେହିପରି ପଞ୍ଚମ ଏବଂ ଷଷ୍ଠ ସ୍ଥାନ ଦଖଲ କରିଛନ୍ତି ୫୪୬ ନମ୍ବର ରଖିଥିବା ଆଲୋକ କୁମାର ବେହେରା ଓ ୫୪୪ ନମ୍ବର ସହ ବିକ୍ରମ ସ୍ୱାଇଁ । ବିଦ୍ୟାଳୟରେ ମୋଟ ୬ ଜଣ ଛାତଛାତ୍ରୀ ୯୦ ପ୍ରତିଶତରୁ ଅଧିକ ରଖିଛନ୍ତି । ଯାହା ବିଦ୍ୟାଳୟର ସଫଳତା ବୋଲି କହିଛନ୍ତି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ । ଚଳିତବର୍ଷ ବିଦ୍ୟାଳୟର ମୋଟ ୧୦୦ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୯୪ ଜଣ ପ୍ରଥମ ଶ୍ରେଣୀ ଏବଂ ୬ ଛାତ୍ରଛାତ୍ରୀ ଦ୍ୱିତୀୟଶ୍ରେଣୀରେ ପାସ ହୋଇଛନ୍ତି । ଯାହା ବିଦ୍ୟାଳୟ ପାଇଁ ଏକ ଗର୍ବର ବିଷୟ ବୋଲି ସୁଚନା ଦେଇଛନ୍ତି ବିଦ୍ୟାଳୟର କର୍ତ୍ତୃପକ୍ଷ । ଆଗାମୀ ଭବିଷ୍ୟତରେ ମଧ୍ୟ ଏସପି ଉଚ୍ଚ ବିଦ୍ୟାଳୟ ନିଜର ଏବଂ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ତାର ଉଦ୍ୟମ ଜାରି ରଖିବ ବୋଲି ବିଦ୍ୟାଳୟର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଓଡ଼ିଶା ପୁଲିସର ସୋସିଆଲ୍ ମିଡିଆ ଚଳାଇବ ପେସାଦାର ସଂସ୍ଥା

ଭୁବନେଶ୍ୱର(ରା.ରି): ଡିଜିଟାଲ୍ ଯୁଗରେ ପୁଲିସ ଜନସାଧାରଣ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ସୋସିଆଲ୍ ମିଡିଆ ଆଧାରିତ ଅପରାଧ, ଭ୍ରାନ୍ତ ସୂଚନା ଓ ଆଣ୍ଟି ପୁଲିସ ପ୍ରଚାର ଉପରେ ନିରୀକ୍ଷଣ କରିବା ପାଇଁ ଓଡ଼ିଶା ପୁଲିସ ଏକ ସ୍ୱତନ୍ତ୍ର ସେଲ୍ ଗଠନ କରିବ । ଓଡ଼ିଶା ପୁଲିସ ଷ୍ଟ୍ରାଟେଜିକ୍ କମ୍ୟୁନିକେସନ୍ ଆଣ୍ଡ ଇନ୍‌ଫର୍ମେସନ୍ ସେଲ୍ (ଓପିଏସ୍‌ସି ଆଣ୍ଡ ଆଇସି) ଗଠନ ପାଇଁ ରାଜ୍ୟ ପୁଲିସ ପକ୍ଷରୁ ବିସ୍ତୃତ ରିକ୍ୱେଷ୍ଟ ଫର୍ ପ୍ରୋପୋଜାଲ୍ ଜାରି କରାଯାଇଛି । ସୂଚନା ଅନୁସାରେ ଏହି ପ୍ରକଳ୍ପ ଅଧୀନରେ ଏକ ପେସାଦାର ସଂସ୍ଥାକୁ ତିନି ବର୍ଷ ପାଇଁ ନିଯୁକ୍ତ କରାଯିବ । ସଂସ୍ଥାଟି ଓଡ଼ିଶା ପୁଲିସର ସମଗ୍ର ସୋସିଆଲ ମିଡିଆ ପରିଚାଳନା, ଡିଜିଟାଲ୍ କମ୍ୟୁନିକେସନ୍, ଜନସଂଯୋଗ, ମିଡିଆ ସମନ୍ୱୟ ଓ ନାଗରିକ ଅଭିଯୋଗ ପରିଚାଳନା କାର୍ଯ୍ୟ ଦେଖିବ । ପୁଲିସ ମୁଖ୍ୟାଳୟ ଅଧୀନରେ ଏହି ସେଲ୍ କାର୍ଯ୍ୟ କରିବ ଏବଂ ଏଥିପାଇଁ ଡିଜିପି କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅଫିସ୍ ବ୍ୟବସ୍ଥା ମଧ୍ୟ ରହିବ । ଟେଣ୍ଡର ଦସ୍ତାବିଜ ଅନୁସାରେ, ଏହି ସେଲ୍ ଫେସବୁକ୍, ଏକ୍ସ (ଟ୍ୱିଟର), ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍, ହ୍ୱାଟ୍‌ସଆପ୍, ଟେଲିଗ୍ରାମ୍ ସହ ବିଭିନ୍ନ ଡିଜିଟାଲ୍ ମାଧ୍ୟମରେ ପୁଲିସର ସରକାରୀ ପ୍ରଚାର କାର୍ଯ୍ୟ ଚଳାଇବ । ସେହିପରି ସାଇବର ଠକେଇ, ମହିଳା ସୁରକ୍ଷା, ଟ୍ରାଫିକ୍ ସଚେତନତା, ନିଶାଦ୍ରବ୍ୟ ବିରୋଧୀ ଅଭିଯାନ, ବିପର୍ଯ୍ୟୟ ସମୟରେ ସଚେତନତା ଓ କମ୍ୟୁନିଟି ପୁଲିସିଂ ଭଳି ବିଷୟରେ ସଚେତନତା, ଡକ୍ୟୁମେଣ୍ଟାରି, ପୋଷ୍ଟର ଓ ଇନ୍‌ଫୋଗ୍ରାଫିକ୍ସ ପ୍ରସ୍ତୁତ କରାଯିବ । ଏହି ପ୍ରକଳ୍ପରେ ଏକ ଛଅ ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ ଟିମ୍ ନିଯୁକ୍ତ ହେବେ । ଏଥିରେ କମ୍ୟୁନିକେସନ୍ ଷ୍ଟ୍ରାଟେଜି ଲିଡ୍, ଜ୍ଞାନ ପରିଚାଳନା ବିଶେଷଜ୍ଞ, ସୋସିଆଲ ମିଡିଆ କ୍ରାଇମ୍ କନସଲଟାଣ୍ଟ, ଗ୍ରାଫିକ୍ସ ଓ ମୋସନ୍ ଡିଜାଇନର, ଭିଡିଓ ଏଡିଟିଂ ବିଶେଷଜ୍ଞ ଓ ପ୍ରୋଗ୍ରାମ୍ ମ୍ୟାନେଜମେଣ୍ଟ କନସଲ୍‌ଟାଣ୍ଟ ରହିବେ । ଏହି ଟିମ୍ ନିୟମିତ ଭାବେ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହ ଅପରାଧ ସମ୍ପର୍କିତ ଭୁଲ୍ ତଥ୍ୟ, ଗୁଜବ ଓ ଆଣ୍ଟି-ପୁଲିସ ନାରେଟିଭ୍‌ର ନିରୀକ୍ଷଣ କରିବ ।

# ଓଡ଼ିଶା-ଜାପାନ ମଧ୍ୟରେ ମଜବୁତ ହେବ ବାଣିଜ୍ୟିକ ସମ୍ପର୍କ



ଭୁବନେଶ୍ୱର: ଓଡ଼ିଶା ଏବଂ ଜାପାନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । କୋଲକାତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ୍ ମିଷ୍ଟର ଇସିକାୱା ଯୋସିହିସା ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଆଗାମୀ ଦିନରେ ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ ସହଭାଗୀତା ସୃଷ୍ଟି କରାଯାଇ ଦୁଇ ରାଜ୍ୟକୁ 'ସିଷ୍ଟର ଷ୍ଟେଟ୍ସ' ଭାବେ ଗଢ଼ାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି ।

ଉଭୟ ରାଜ୍ୟ 'ସିଷ୍ଟର ଷ୍ଟେଟ୍ସ' ଭାବେ କାର୍ଯ୍ୟ କରିବେ । ଆଗାମୀ ଦିନରେ ଦୁଇ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପରସ୍ପର ରାଜ୍ୟ ଗସ୍ତ କରିବେ । ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ତୋତ୍ତୋରି'ର ରାଜ୍ୟପାଳ ଏହି ପାର୍ଟନରସିପ୍ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରିବେ । ଓଡ଼ିଶାର ଯୁବକ ଯୁବତୀମାନେ ଯେପରି ଜାପାନରେ ଅଧିକ ନିଯୁକ୍ତି ପାଇପାରିବେ, ସେଥିପାଇଁ ଜାପାନର ପ୍ରମୁଖ ରିକ୍ରୁଟମେଣ୍ଟ ଏଜେନ୍ସିଗୁଡ଼ିକ ଓଡ଼ିଶାରେ କାମ କରିବେ ଏବଂ ଆବଶ୍ୟକ ସହଯୋଗ ଯୋଗାଇଦେବେ । ଓଡ଼ିଶାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ଜାପାନର ସହଯୋଗକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି । ଆଗାମୀ ଦିନରେ ଜାପାନ ଓଡ଼ିଶାରେ ଅଧିକ ନିବେଶ କରି ଶିଳ୍ପାୟନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଉଭୟ ଜାପାନ ଓ ଓଡ଼ିଶା ମଧ୍ୟରେ ଥିବା ଐତିହାସିକ କଳା, ସାଂସ୍କୃତିକ ସମ୍ପର୍କ ଏବଂ ଓଡ଼ିଶାର ପ୍ରସିଦ୍ଧ 'ବୁଦ୍ଧିଷ୍ଟ ସର୍କିଟ୍' ସହ ଅନ୍ୟାନ୍ୟ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ବିକାଶ ଉପରେ କନସୁଲ ଜେନେରାଲ୍ ଗୁରୁତ୍ୱାରୋପ କରିଛନ୍ତି ।

"ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ ଉଦ୍ୟମରେ ଜାପାନ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ଅଛି ।" ବୋଲି ଜାପାନ କନସୁଲ ଜେନେରାଲ କହିଛନ୍ତି । ଏହି ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟତଃ ବାଣିଜ୍ୟ ଓ ପୁଞ୍ଜିନିବେଶ, ଆଧୁନିକ ଟେକ୍ନୋଲୋଜି ଆଦାନପ୍ରଦାନ, ପର୍ଯ୍ୟଟନ ଏବଂ ବୁଦ୍ଧିଷ୍ଟ ସର୍କିଟ୍ ପ୍ରସାର, ଉଚ୍ଚଶିକ୍ଷା କ୍ଷେତ୍ରରେ ସହଭାଗୀତା କ୍ଷେତ୍ରଗୁଡ଼ିକର ବିକାଶ ଏବଂ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ସହମତି ପ୍ରକାଶ ପାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

Owner, Editor and Published by SUSANTA KUMAR DASH and Printed by Sudir Kumar panda, Printed at NIJUKTI KHABAR PRAKASHAN, TS 3/193, Mancheswar Industrial Estate, Bhbaneswar-751010, Odisha and Published at- FLAT NO-C/208, KRVC, AT/PO-BANKUAL, BARGADA BRIT COLONY, BHUBANESWAR, KHORDHA, ODISHA-751002, Phone-9439311119,(W)7008961303
EDITOR: SUSANTA KUMAR DASH
Email Id-reporterrajdhani@gmail.com
ସମ୍ପାଦକ: ସୁଶାନ୍ତ କୁମାର ଦାଶ